R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୬୦
ତିଥି : ଚତୁର୍ଥୀ
୧୪ ମାର୍ଚ୍ଚ ୨୦୨୪, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 160
14 March 2024, Thursday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore




## ନିର୍ବାଚନୀ ବଣ୍ଡ ତଥ୍ୟ ଠିକ୍ ସମୟରେ ଦିଆଯିବ

ଜମ୍ମୁ,୧୩।୩: ନିର୍ବାଚନ ବଣ୍ଡ ସମ୍ପର୍କରେ ଠିକ ସମୟରେ ସୂଚନା ଦିଆଯିବ ବୋଲି ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର କହିଛନ୍ତି । ସେ କହିଛନ୍ତି ଯେ, ନିର୍ବାଚନୀ ବଣ୍ଡ ନେଇ ଏସ୍‌ବିଆଇ ପକ୍ଷରୁ କିଛି ତଥ୍ୟ ମିଳିଛି । ସବିସେସ ତଥ୍ୟ ମିଳିଲେ ଧାର୍ଯ୍ୟ ସମୟ ଅନୁସାରେ ସୂଚନା ଦିଆଯିବ ।

ସୁପ୍ରିମକୋର୍ଟର ତାଗିଦ ପରେ ୨୦୧୯ ଏପ୍ରିଲ ୧୨ରୁ କେତେ ନିର୍ବାଚନୀ ବଣ୍ଡ କିଣା ଯାଇଛି ଓ କେଉଁ ଦଳକୁ କେତେ ଟଙ୍କା ଯାଇଛି ସେ ସମ୍ପର୍କିତ ତଥ୍ୟ ଏସ୍‌ବିଆଇ ମୁଖ୍ୟ ନିର୍ବାଚନ କମିଶନରଙ୍କୁ ଦେଇଛନ୍ତି । ମାର୍ଚ୍ଚ ୧୨ ସୁଧା ତଥ୍ୟ ଦେବାକୁ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଥିଲେ ।




ରାଜୀବ କୁମାର କହିଛନ୍ତି ଯେ, ଏସ୍‌ବିଆଇ ତଥ୍ୟ ଠିକ୍ ସମୟରେ ଦେବ । ମୁଁ ଏଠାରୁ ଫେରିଲା ପରେ ତଥ୍ୟକୁ ଦେଖିବି ଓ ଯଥା ସମୟରେ ଏହାର ପ୍ରଘଟ କରାଯିବ । ରାଜୀବ କୁମାର ଏବେ ଆଗାମୀ ଲୋକସଭା ନିର୍ବାଚନର ପ୍ରସ୍ତୁତି ଦେଖିବା ପାଇଁ ଜମ୍ମୁ-କାଶ୍ମୀର ଗସ୍ତରେ ଅଛନ୍ତି । ସେ କହିଛନ୍ତି ଯେ, ୨୦୨୪ ଲୋକସଭା ନିର୍ବାଚନ ପାଇଁ ଆମେ ପ୍ରସ୍ତୁତ ରହିଛୁ । ଦେଶରେ ମୁକ୍ତ ଓ ଅବାଧ ନିର୍ବାଚନକୁ ଆମେ ସୁନିଶ୍ଚିତ (୯ ପୃଷ୍ଠାରେ)

### ଦିଲ୍ଲୀରେ ବିଜେପି ନେତାଙ୍କ ଘନଘନ ବୈଠକ

## ମେଣ୍ଟର ଚୂଡାନ୍ତ ନିଷ୍ପତ୍ତି ନେବେ ନବୀନ-ମୋଦି!

### ଆଜି ବିଜେଡି ପର୍ଯ୍ୟବେକ୍ଷକଙ୍କ ବୈଠକ
### ଲୋକସଭା ଆସନ ଚୂଡାନ୍ତ
### ବିଧାନସଭା ଲାଗି ରହିଛି ଦ୍ୱନ୍ଦ୍ୱ

ଭୁବନେଶ୍ୱର, ୧୩।୩ (ସବ୍ୟୁ): ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ ରାଜନୀତିରେ ନୂଆ ଦୃଶ୍ୟପଟ୍ଟ ଦେଖିବାକୁ ମିଳିବ ବୋଲି ଯେଉଁ କଳ୍ପନା ଜଳ୍ପନା ପ୍ରକାଶ ପାଇଛି ସେଥିରେ ଅନିଶ୍ଚିତତା ଲାଗି ରହିଛି । କେନ୍ଦ୍ରର କ୍ଷମତାସୀନ ବିଜେପି ଓ ରାଜ୍ୟର କ୍ଷମତାସୀନ ବିଜେଡି ମଧ୍ୟରେ ମେଣ୍ଟ ହେବା ନେଇ ଚର୍ଚ୍ଚା ଥମିବାରେ ଲାଗୁନି । ନୂଆଦିଲ୍ଲୀରେ ରାଜ୍ୟ ବିଜେପି ନେତାମାନଙ୍କର କେନ୍ଦ୍ରୀୟ ନେତାଙ୍କ ସହ ଘନଘନ ବୈଠକ ଚାଲିଛି । ଅପରପକ୍ଷରେ ମେଣ୍ଟ ପ୍ରସଙ୍ଗରେ ନିରବତା ଅବଲମ୍ବନ କରୁଥିବା ବିଜେଡି ଆସନ୍ତାକାଲି ଦଳର ଜିଲ୍ଲାସ୍ତରୀୟ ପର୍ଯ୍ୟବେକ୍ଷକମାନଙ୍କ ବୈଠକ କରିବ ବୋଲି ସୂଚନା ମିଳିଛି । ଅପରାହ୍ଣ ୪ଟାରେ ଏହି ବିଜେଡି ନେତାମାନଙ୍କୁ ନବୀନ ନିବାସ ଡକାଯାଇଛି । ବରିଷ୍ଠ ନେତାଙ୍କ ସହ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଆଗାମୀ ନିର୍ବାଚନ ରଣନୀତି ସମ୍ପର୍କରେ ଆଲୋଚନା କରିବେ ବୋଲି ସୂଚନା ମିଳିଛି । ଆଜି ମଧ୍ୟ ରାତିରେ ରାଜ୍ୟ ବିଜେପି ନେତୃବୃନ୍ଦ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ପୁନର୍ବାର ଭେଟି ବୈଠକ କରିଛନ୍ତି । ସବିଶେଷ ସୂଚନା ଅନୁଯାୟୀ ଚୂଡାନ୍ତ ନିଷ୍ପତ୍ତି ନବୀନ ପଟ୍ଟନାୟକ ଓ ନରେନ୍ଦ୍ର ମୋଦିଙ୍କ ଉପରେ ନିର୍ଭର କରୁଛି ।

ନୂଆଦିଲ୍ଲୀରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ସାଂଗଠନିକ ସମ୍ପାଦକ ମାନସ ମହାନ୍ତି, ରାଜ୍ୟ ବିଜେପି ନିର୍ବାଚନ ପ୍ରଭାରୀ ବିଜୟ ପାଲ ସିଂ ତୋମାର, ସହପ୍ରଭାରୀ ଲତା ଉସେଣ୍ଡି ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ଓ ଗୃହମନ୍ତ୍ରୀ ଅମିତ ଶାହାଙ୍କୁ ଭେଟିଛନ୍ତି । ଶ୍ରୀ ଶାହାଙ୍କ ବାସଭବନରେ ଏହି ନେତାମାନେ ସାକ୍ଷାତ କରିଛନ୍ତି । ତେବେ ସମ୍ଭବ୍ୟ ମେଣ୍ଟକୁ ନେଇ ଆଲୋଚନା ହୋଇଛି କି ନାହିଁ ସେସମ୍ପର୍କରେ ଦଳ କୌଣସି ନେତା ମୁହଁ ଖୋଲୁନାହାନ୍ତି । ତେବେ ରାଜ୍ୟ ବିଜେପି ବୈଠକ ପରେ ଅଚାନକ ଭାବେ ନବୀନ ନିବାସରେ ବିଜେଡି ନେତାଙ୍କ ବୈଠକ ଡକା ଯିବା ମେଣ୍ଟ ସମ୍ଭାବନାରେ ପୁଣି (୯ ପୃଷ୍ଠାରେ)



## ଇତିହାସ

୧୮୩୩: ବିଶ୍ୱର ପ୍ରଥମ ମହିଳା ଦାନ୍ତ ଡାକ୍ତର ହାମ୍ପସ ଟେଲରଙ୍କ ଜନ୍ମ
୧୮୮୩: ପ୍ରସିଦ୍ଧ ଜର୍ମାନ ଦାର୍ଶନିକ କାର୍ଲ ମାର୍କ୍ସଙ୍କ ପରଲୋକ
୧୮୭୯: ପ୍ରସିଦ୍ଧ ବୈଜ୍ଞାନିକ ଆଲ୍‌ବର୍ଟ ଆଇନଷ୍ଟାଇନ୍‌ଙ୍କ ଜନ୍ମ
୧୯୩୧: ଭାରତର ପ୍ରଥମ ସାଉଣ୍ଡ୍ ଫିଲ୍ମ 'ଆଲମ ଆରା'ର ପ୍ରଦର୍ଶନ
୧୯୬୫: ବଲିଉଡ୍‌ର ମିଷ୍ଟର ପରଫେକ୍ସିନିଷ୍ଟ ଅମୀର ଖାନ୍‌ଙ୍କ ଜନ୍ମ
୧୯୭୨: ମଣିପୁରର ଚର୍ଚ୍ଚିତ ମାନବାଧିକାର କର୍ମୀ ଇରୋମ ଚାନୁ ଶର୍ମିଳାଙ୍କ ଜନ୍ମ
୨୦୦୭: କାରଗିଲ୍‌ରୁ ସ୍କାର୍ଦୁ ବସ୍ ଚଳାଚଳ ପାଇଁ ଭାରତ-ପାକ୍ ମଧ୍ୟରେ ସହମତି
୨୦୧୮: ଭୌତିକଶାସ୍ତ୍ରୀ ତଥା ବ୍ରହ୍ମାଣ୍ଡବିଜ୍ଞାନୀ ଷ୍ଟିଫେନ ହକିଂଙ୍କ ନିଧନ
୨୦୧୮: ୱାର୍ଲ୍ଡ ହାପିନେସ ରିପୋର୍ଟ ଅନୁସାରେ ଫିନ୍‌ଲାଣ୍ଡ ବିଶ୍ୱର ସବୁଠୁ ସୁଖୀ ଓ ବୁରୁଣ୍ଡି ଦୁଃଖୀ ଦେଶ ଘୋଷିତ

## ସୋସିଆଲ କୋଟ୍ସ



ନବେ ଦଶକରେ ସବୁବେଳେ ନିଜ ମନ କଥା ଶୁଣି ଫିଲ୍ମ ବାଛୁଥିଲି । ହିରୋ ନମ୍ବର ୧ ଫିଲ୍ମ ମୋ କ୍ୟାରିୟରରେ ବହୁତ ବଡ ପରିବର୍ତ୍ତନ ଆଣିଥିଲା ।

**କରିଶ୍ମା କପୁର, ଅଭିନେତ୍ରୀ**



ସେତେବେଳେ ସମସ୍ତଙ୍କୁ ଲାଗିଥିଲା ଆମୀର ଓ ରୀନାଙ୍କର ବିବାହ ବିଚ୍ଛେଦ ମୋ ପାଇଁ ହୋଇଥିଲା । ହେଲେ ଏପରି କିଛି ହୋଇ ନଥିଲା । ଲଗାନ୍ ଫିଲ୍ମର ସେଟ୍‌ରେ ଆମେ କେବଳ ପ୍ରଫେସନାଲି ମିଶିଥିଲୁ ।

**କିରଣ ରାଓ , ଫିଲ୍ମ ମେକର**



ରଣଦୀପ ହୁଡ୍ଡା ବୀର ସବରକର୍ ଫିଲ୍ମ ପାଇଁ ଖୁବ ପରିଶ୍ରମ କରିଛନ୍ତି । ସେ ଏହି ଫିଲ୍ମ କରିବା ପୂର୍ବରୁ ରିସର୍ଚ୍ଚ କରିଥିଲେ, ଯାହାଫଳରେ ତାଙ୍କୁ କେଉଁ ଚରିତ୍ର ପାଇଁ କିଏ ଦରକାର ସେ ନେଇ ସେ କନ୍‌ଫିଡେଣ୍ଟ ଥିଲେ ।

**ଅଙ୍କିତା ଲୋଖଣ୍ଡେ, ଅଭିନେତ୍ରୀ**



# ଟିପ୍ ପାଇଁ ଗଲା ଚାକିରି

କାଫେ କିମ୍ବା ରେସ୍ତୋରାଁରେ କାମ କରିବା ଅନେକ ସମୟରେ ବେଶ୍ ଚାଲେଞ୍ଜିଂ ହୋଇଥାଏ । ଏଥିରେ କାମ କରୁଥିବା କର୍ମଚାରୀଙ୍କୁ ଖୁବ ଅଧିକା ଧୈର୍ଯ୍ୟ ସହିତ ଶାନ୍ତ ରହିବାକୁ ହୋଇଥାଏ । ଅନେକ ସମୟରେ ଛୋଟ ଭୁଲଟିଏ ପାଇଁ ମଧ୍ୟ ସେମାନଙ୍କର ଚାକିରି ଯିବାର ଭୟ ମଧ୍ୟ ରହିଥାଏ । ସେହିଭଳି ଏକ ଉଦାହରଣ ଦେଖିବାକୁ ମିଳିଛି ଆମେରିକାରେ । ଆମେରିକାର ଏକ ରେସ୍ତୋରାଁରେ ଜଣେ ମହିଳା କର୍ମଚାରୀ ଟିପ୍ ପାଇଁ ହଇରାଣରେ ପଡିଛନ୍ତି । ତାଙ୍କ କାମରେ ଖୁସି ହୋଇ କିଛି ଗ୍ରାହକ ତାଙ୍କୁ ୩ ଲକ୍ଷ ଟଙ୍କା ଟିପ୍ ଦେଇଥିଲେ । ତେବେ ରେସ୍ତୋରାଁର ମାଲିକ ତାଙ୍କୁ ମାତ୍ର ୨୦ ପ୍ରତିଶତ ରଖି ବଳକା ଟଙ୍କାକୁ ଅନ୍ୟ ଷ୍ଟାଫ୍‌ଙ୍କ ଭିତରେ ବାଣ୍ଟିବାକୁ ନିର୍ଦ୍ଦେଶ ଦେଇଥିଲେ । ତେବେ ଯେହେତୁ କେବଳ ତାଙ୍କ ପାଇଁ ହିଁ ଏହି ଟିପ୍ ଥିଲା ତେଣୁ ସେ ଅନ୍ୟମାନଙ୍କ ମଧ୍ୟରେ ବାଣ୍ଟିବାକୁ ମନା କରିଥିଲେ । ହେଲେ ଏହି ନିଷ୍ପତ୍ତି ତାଙ୍କ ପାଇଁ ମହଙ୍ଗା ପଡିଥିଲା । ଯେଉଁ କାରଣରୁ ତାଙ୍କୁ ଚାକିରି ହରାଇବାକୁ ପଡିଥିଲା । ଘଟଣାଟି ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି ।



# ସ୍କିନ୍ କେୟାର

ବୟସ ବଢିଲେ ଆମର ସ୍କିନ୍‌ରେ ବିଭିନ୍ନ ପ୍ରକାରର ପରିବର୍ତ୍ତନ ଦେଖିବାକୁ ମିଳିଥାଏ । ବୟସାଧିକ କାରଣରୁ ଆମ ତ୍ୱଚାରେ ବିଭିନ୍ନ ଦାଗ, ରିଙ୍କଲ୍ ଓ ଲୋଚାପଣ ଦେଖିବାକୁ ମିଳିଥାଏ । ବୟସ ଅଧିକ ହେବା ଦ୍ୱାରା ଆମ ଶରୀରରେ କୋଲାଜେନ୍ ନାମକ ପ୍ରୋଟିନର ଅଭାବ ଦେଖିବାକୁ ମିଳିଥାଏ । ତେବେ ଏହାର ଅଭାବ ଦୂର କରିବାକୁ ବିଭିନ୍ନ ପ୍ରକାର ଲାଇଫ୍ ଷ୍ଟାଇଲ ଟ୍ରିକ୍ ରହିଛି ଯାହାର ଅନୁକରଣ କରିବାକୁ ହୋଇଥାଏ । ଆସନ୍ତୁ ଜାଣିବା ସେହିଭଳି କିଛି ଟ୍ରିକ୍ ବିଷୟରେ..

**ଫେସିଆଲ ମସାଜ୍ :** କୋଲାଜେନ୍ ରେଗୁଲେଟ୍ କରିବାର ସବୁଠାରୁ ଇଫେକ୍ଟିଭ୍ ଉପାୟ ହେଲା ସ୍କିନ୍ ମସାଜ । ପ୍ରତିଦିନ ନିଜ ମୁହଁକୁ ହାଲ୍‌କା ହାତରେ ମସାଜ କରନ୍ତୁ । ଏହା ଦ୍ୱାରା ବ୍ଲଡ୍ ଫ୍ଲୋ ସହିତ ସ୍କିନ୍‌ରେ ଅକ୍ସିଜେନ୍‌ର ମାତ୍ରା ବଢିଥାଏ ।

**ଭିଟାମିନ୍ ସି' :** ନିଜର ସ୍କିନ୍ କେୟାର ରୁଟିନ୍‌ରେ ଭିଟାମିନ୍ ସି' ଆଡ୍ କରନ୍ତୁ । ଏହା ଆମ ସ୍କିନ୍ ପାଇଁ ଟନିକ ଭଳି କାମ କରିଥାଏ ।



ବୟସ ବଢିବା କାରଣରୁ ସ୍କିନ୍‌ରେ କମିଥିବା ପୋଷଣକୁ ଏହା ପୂରଣ କରିଥାଏ । ଏହାସହ ଏହା ପ୍ରାକୃତିକ ଉପାୟରେ କୋଲାଜେନ୍ ବଢିବାରେ ମଧ୍ୟ ସାହାଯ୍ୟ କରିଥାଏ ।

**ଡାଏଟ୍ ରେ ଧ୍ୟାନ :** ତେବେ ବାହାର କସମେଟିକ୍ ସହିତ ନିଜ ଡାଏଟ୍‌ର ଖାସ୍ ଧ୍ୟାନ ରଖିବାକୁ ପଡିଥାଏ । ଖାଦ୍ୟରେ ଆଣ୍ଟିଅକ୍ସିଡାଣ୍ଟ, ଓମେଗା-୩, ପ୍ରୋଟିନ୍ ଆଡ କରନ୍ତୁ । ଖାଦ୍ୟରେ ପନିପରିବା, ଫଳ, ମାଛ, ଶାଗ,ଦହି ଆଦି ଖାଆନ୍ତୁ ଏହା ତ୍ୱଚା ପାଇଁ ଖୁବ ଭଲ ହୋଇଥାଏ ।

**ସନ୍‌ସ୍କିନ୍ ଲୋସନ :** ସେହିଭଳି ଯେତେବେଳେ ବି ବାହରକୁ ଯାଉଛନ୍ତି ଖରା ଥାଉ କି ନଥାଉ ସନ୍ ସ୍କ୍ରିନ୍ ଲଗାନ୍ତୁ । ଏହା ତ୍ୱଚା ପାଇଁ ଖୁବ ଉପକାରୀ ହୋଇଥାଏ । ଏହା ଟ୍ୟାନିଂ ଦୂର କରିଥାଏ ଏବଂ ଚର୍ମରେ ଗ୍ଲୋ ଆଣିଥାଏ ।

# ୮ ଆଖିଆ ୮ ଗୋଡିଆ



ବିଶ୍ୱରେ ଏଭଳି ଅନେକ ପ୍ରଜାତିର ଜୀବ ଅଛନ୍ତି, ଯାହାଙ୍କ ବିଷୟରେ ଆଜିଯାଏଁ ବୈଜ୍ଞାନିକମାନେ ଆବିଷ୍କାର କରିବାରେ ସକ୍ଷମ ହୋଇନାହାନ୍ତି । ତେବେ ନିକଟରେ ଥାଇଲାଣ୍ଡରେ ଏକ ବିରଳ ପ୍ରଜାତିର କଙ୍କଡାବିଛା ଦେଖିବାକୁ ମିଳିଛି । ଏହି ପ୍ରଜାତିର ତିନୋଟି ଅଣ୍ଡିରା ଓ ଗୋଟିଏ ମାଈ କଙ୍କଡାବିଛା ମିଳିଛି । ଏହି ପ୍ରଜାତିର କଙ୍କଡାବିଛାଙ୍କର ଆଠଟି ଆଖି ଓ ଆଠଟି ଗୋଡ ରହିଥିବା ଦେଖିବାକୁ ମିଳିଛି । ଏହା ଥାଇଲାଣ୍ଡର ନ୍ୟାସନାଲ ପାର୍କରେ ଠାବ କରାଯାଇଛି । ସେହିଭଳି ଏମାନଙ୍କ ରଙ୍ଗ ଧୂସର ବୋଲି ବୈଜ୍ଞାନିକମାନେ ସୂଚନା ଦେଇଛନ୍ତି । ବୈଜ୍ଞାନିକମାନେ ଏମାନଙ୍କର ନାଁ କଏଙ୍ଗ୍ କ୍ରାଚନା ସ୍କର୍ପିଅନ୍ ବୋଲି ରଖିଛନ୍ତି । ତେବେ ଆହୁରି ଅଧିକ ଗବେଷଣା ପରେ ଏହି ପ୍ରଜାତି ବିଷୟରେ ଅଧିକ ତଥ୍ୟ ମିଳିବ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି ।



# ଗୋଟିଏ ରାତିକୁ ୨୯ ଲକ୍ଷ

ୟୁକେରେ ଥିବା ପ୍ରସିଦ୍ଧ ଓସେଆ ଆଇଲାଣ୍ଡ୍‌କୁ ବର୍ତ୍ତମାନ ସାଧାରଣ ଲୋକ ଭଡାରେ ନେଇ ପାରିବେ । ଏହି ଆଇଲାଣ୍ଡ୍‌ଟି ଲଣ୍ଡନ୍‌ଠାରୁ ମାତ୍ର ଏକ ଘଣ୍ଟାର ଦୂରରେ ରହିଛି । ଏହି ଆଇଲାଣ୍ଡଟି ବର୍ତ୍ତମାନ ନିଜର ଦାମ ପାଇଁ ଭାଇରାଲ ହେବାରେ ଲାଗିଛି । ଏଥିରେ ରହିବା ପାଇଁ ଗୋଟିଏ ରାତିକୁ ୨୯ ଲକ୍ଷ ଟଙ୍କା ଦେବାକୁ ପଡିବ ବୋଲି ସୂଚନା ମିଳିଛି । ଆଇଲାଣ୍ଡ୍‌ରେ ସବୁଜିମା ଭରି ରହିଥିବାରୁ ଏହା ଦେଖିବାକୁ ଖୁବ ସୁନ୍ଦର ହୋଇଛି । ଏହାର ଚାରିପାଖରେ ଥିବା ନୀଳ ସମୁଦ୍ର ଏହାର ସୌନ୍ଦର୍ଯ୍ୟ ଆହୁରି ବଢାଉଛି । ଆଇଲାଣ୍ଡ୍‌ର ଫଟୋ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ୨୦ ବର୍ଷ ହେଲାଣି ଏହା ମ୍ୟୁଜିକ୍ ପ୍ରଡ୍ୟୁସର ନିକେଲ୍ ଫ୍ରିଏଦାଙ୍କ ମାଲିକାନାରେ ରହିଛି । ୨୦୧୨ରୁ ଏହି ସ୍ଥାନଟି ହଲିଡେ' ଏବଂ ପାର୍ଟି ଫଙ୍କସନ୍ ପାଇଁ ବ୍ୟବହାର କରାଯାଉଛି ।



# ଆକର୍ଣ୍ଣ ଧନୁରାସନ



ଏହା ଆସନ କରିବା ପାଇଁ ପ୍ରଥମେ ଯୋଗମ୍ୟାଟ୍‌ରେ ବସି ନିଜର ଗୋଡକୁ ଆଗକୁ ଲମ୍ବାଇ ଦିଅନ୍ତୁ । ଏପରି କରିବା ବେଳେ ନିଜର ପାଦକୁ ପାଖାପାଖି ରଖନ୍ତୁ । ଟିକେ ଆଗକୁ ଝୁଙ୍କି ନିଜର ଗୋଡ ଆଙ୍ଗୁଠିକୁ ଧରନ୍ତୁ । ଏହାପରେ ନିଶ୍ୱାସ ନେଇ ଧୀରେଧୀରେ ନିଜର ବାମ ଗୋଡକୁ ଉପରକୁ ଉଠାନ୍ତୁ ଏବଂ ଏହାକୁ ନିଜର ବାମ କାନ ପର୍ଯ୍ୟନ୍ତ ଆଣିବାକୁ ଚେଷ୍ଟା କରନ୍ତୁ । ଏଭଳି ଭାବେ କିଛି ସମୟ ରୁହନ୍ତୁ ଏବଂ ପରେ ଡାହାଣ ଗୋଡରେ ଏଭଳି କରନ୍ତୁ । ଏହା ଟିକେ କଷ୍ଟ ଆସନ ହୋଇଥିବାରୁ ଏହାକୁ କରିବା ସମୟରେ ଟ୍ରେନ୍‌ରଙ୍କର ସାହାଯ୍ୟ ନିଅନ୍ତୁ । ପ୍ରଥମେ ଆସନକୁ ଠିକ୍ ଭାବେ ବୁଝନ୍ତୁ ତାହାପରେ କରନ୍ତୁ । ଏହି ଆସନ କରିବା ଦ୍ୱାରା ଆମର ଗୋଡ ମସଲ୍ ଶକ୍ତିଶାଳୀ ହୋଇଥାଏ । ଶରୀରର ଫ୍ଲେକ୍ସିବିଲିଟି ବଢିଥାଏ । ଏହା ଆମ ପାଇଁ ଖୁବ ଉପକାରୀ ଆସନ ହୋଇଥାଏ ।

# ଚୁଡା ଖିରି

**ସାମଗ୍ରୀ–** ଅଧା କପ୍ ମୋଟା ଚୁଡା, ଅଧା କପ ଚିନି, ୨କପ ଖୀର, ଏକ ଚାମଚ ଘିଅ, ୭ ରୁ ୮ଟି କାଜୁ, ଏକ ଚାମଚ କିସମିସ୍, ଗୁଜୁରାତି ଗୁଣ୍ଡ ।

**ପ୍ରଣାଳୀ–** ପ୍ରଥମେ ଚୁଡାକୁ ଭଲକରି ଧୋଇ ଅଲଗା ରଖନ୍ତୁ । ଏହାପରେ ପ୍ୟାନରେ ଘିଅ ଗରମ କରି ସେଥିରେ କାଜୁ, କିସ୍‌ମିସ୍ ପକାଇ ଭାଜି ନିଅନ୍ତୁ । ଏହାକୁ କାଢି ରଖି ପ୍ୟାନରେ ୨କପ ଖୀର ପକାନ୍ତୁ । ଖୀର ଉଷୁମ ହେବା ପରେ ଏଥିରେ ଅଧା କପ୍ ଚିନି ପକାଇ ଫୁଟାନ୍ତୁ । ଫୁଟିବା ପରେ ଏଥିରେ ଧୁଆ ହୋଇ ରଖାଯାଇଥିବା ଚୁଡାକୁ ପକାନ୍ତୁ । ୫ମିନିଟ୍ ଫୁଟିବାକୁ ଛାଡି ଦିଅନ୍ତୁ । ଫୁଟିବା ପରେ ଏଥିରେ ଗୁଜୁରାତି ଗୁଣ୍ଡ ପକାନ୍ତୁ । ଏହାକୁ ପାଖାପାଖି ୧୦ ମିନିଟ୍ ପର୍ଯ୍ୟନ୍ତ ଫୁଟାନ୍ତୁ । ଯେତେବେଳେ ଚୁଡା ନରମ ହେବା ସହିତ ରାନ୍ଧି ହୋଇଯିବ ସେତେବେଳେ ଏଥିରେ ଭଜା କାଜୁ ଓ କିସ୍‌ମିସ୍ ପକାଇ ଦିଅନ୍ତୁ । ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ଚୁଡା ଖିରି ।



# ଫେକ୍ ହୋଇଥାଏ ଆୱାର୍ଡ ଶୋ'

ଅନେକ ସମୟରେ ୟାମୀ ଗୌତମ ନିଜର ଷ୍ଟେଟମେଣ୍ଟ ପାଇଁ ଚର୍ଚ୍ଚାରେ ରହିଥାଆନ୍ତି । ନିକଟରେ ୟାମୀ ସମସ୍ତ ଆୱାର୍ଡ଼ ଶୋ' ଫେକ୍ ହୋଇଥାଏ ବୋଲି ମତ ଦେଇଛନ୍ତି । ଏନେଇ ୟାମୀ ସୋସିଆଲ ମିଡିଆରେ ପୋଷ୍ଟ କରିବା ପରେ ତାହା ଭାଇରାଲ ହେବାରେ ଲାଗିଛି । ଗତ କିଛି ବର୍ଷ ହେବ ତାଙ୍କର ଆଉ କୌଣସି ଆୱାର୍ଡ ଶୋ' ଉପରେ ବିଶ୍ୱାସ ନାହିଁ ବୋଲି ସେ ନିଜ ପୋଷ୍ଟରେ ଲେଖିଛନ୍ତି । ଏହି କାରଣରୁ ସେ ଆଉ କୌଣସି ଆୱାର୍ଡ ଶୋ' ଆଟେଣ୍ଡ୍ କରୁନଥିବା ପୋଷ୍ଟରେ ଲେଖିଛନ୍ତି । ତେବେ ଓପନ୍ ହାର୍ମରକୁ ମିଳିଥିବା ଓସ୍କାର ପୁରସ୍କାର ୟାମୀଙ୍କୁ ଖୁବ ଖୁସି ଦେଇଛି । କିଲିଅନ୍ ମର୍ଫିଙ୍କୁ ମିଳିଥିବା ସମ୍ମାନ କେବଳ ଟାଲେଣ୍ଟକୁ ମିଳିଛି । ଏଭଳି ଗ୍ଲୋବାଲ୍ ପ୍ଲାଟଫର୍ମରେ କେବଳ ଟାଲେଣ୍ଟ ପାଇଁ ହିଁ ପୁରସ୍କାର ମିଳିଥାଏ । ତେଣୁ ଏବେ ବି ଟାଲେଣ୍ଟ୍ ସବୁଠାରୁ ଉପରେ ବୋଲି ୟାମୀ ମତ ଦେଇଛନ୍ତି ।

R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୬୦
ତିଥି : ଚତୁର୍ଥୀ
୧୪ ମାର୍ଚ୍ଚ ୨୦୨୪, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ
SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 160
14 March 2024, Thursday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

### ୨୯ ନୂଆ ଥାନା ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

# ବୃତ୍ତିଗତ ମନୋଭାବରେ ଲୋକଙ୍କୁ ସେବା ଦିଅ : ନବୀନ

ଭୁବନେଶ୍ୱର, ୧୩।୩ (ସବ୍ୟୁ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୯ ନୂଆ ଥାନା, ଆଉଟ୍‌ପୋଷ୍ଟ ଓ ଏସ୍‌ଡିପିଓ କୋଠାକୁ ଆଜି ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ବ୍ୟାପକ ଭିତ୍ତିଭୂମି ଓ ବୈଷୟିକ ସହାୟତା ଓଡ଼ିଶା ପୋଲିସ୍‌କୁ ଲୋକମାନଙ୍କ ସେବା କରିବା ଲାଗି ଅଧିକ ବୃତ୍ତିଗତ ଭାବେ ସହାୟକ ହେବ । ସେ ପୋଲିସ ବାହିନୀକୁ ଧନ୍ୟବାଦ ଦେବା ସହ ଓଡ଼ିଶାକୁ ସୁରକ୍ଷିତ ରଖିବା ଲାଗି ନିଆଯାଇଥିବା ଲକ୍ଷ୍ୟର ବାସ୍ତବ ରୂପ ଲାଗି ସେମାନେ କାର୍ଯ୍ୟ କରୁଛନ୍ତି ବୋଲି କହିଛନ୍ତି ।




ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୫୩ କୋଟି ଟଙ୍କା ବ୍ୟୟରେ ଏହି କୋଠା ନିର୍ମାଣ କରାଯାଇଛି । ନାଗରିକ କେନ୍ଦ୍ରୀକ ସେବା ଓ ସୁରକ୍ଷା ବ୍ୟବସ୍ଥା ପାଇଁ ଆଉ ପାଦେ ଆଗକୁ ଯାଇଛି । ୫-ଟି ଉପକ୍ରମ ଏବେ ରାଜ୍ୟରେ ଚାଲୁଛି । ଏହି ଭିତ୍ତିଭୂମି ସୁରକ୍ଷାର ବାର୍ତ୍ତାବରଣ ସୃଷ୍ଟି କରିବା ଲାଗି ଆମର ପ୍ରତିବଦ୍ଧତା ଏବଂ ଆଉନର ରୂପାନ୍ତର ସହ ପୋଲିସ ଓ ସାଧାରଣ ଲୋକଙ୍କ ମଧ୍ୟରେ ସକରାତ୍ମକ ଯୋଗାଯୋଗର ବାତାବରଣ ସୃଷ୍ଟି କରିବ । ଆମ ସରକାର ସବୁ ବେଳେ ଲିଙ୍ଗଭିତ୍ତିକ ସମ୍ବେଦନାଶୀଳତା ଉପରେ ଗୁରୁତ୍ୱ ଦେବା ସହ ମହିଳା ଓ ଶିଶୁମାନଙ୍କ (୯ ପୃଷ୍ଠାରେ)

### ମହାନଗର ନିଗମ, ମ୍ୟୁନିସିପାଲିଟି, ଏନ୍‌ଏସିର ନିର୍ବାଚିତ ପ୍ରତିନିଧିଙ୍କ ଭତ୍ତା-ପାରିତୋଷିକ ବୃଦ୍ଧି

# ମେୟର ପାଇବେ ୫୦ ହଜାର ଟଙ୍କା

ଭୁବନେଶ୍ୱର, ୧୩।୩ (ସବ୍ୟୁ) : ରାଜ୍ୟର ୫ଟି ମହାନଗର ନିଗମ, ୪୮ଟି ପୌର ପରିଷଦ ଓ ୬୮ଟି ବିଜ୍ଞପିତ ଅଞ୍ଚଳ ପରିଷଦର ମେୟର, ଡେପୁଟି ମେୟର, ଅଧ୍ୟକ୍ଷ, ଉପାଧ୍ୟକ୍ଷ, କର୍ପୋରେଟର ଓ କାଉନସିଲରଙ୍କ ପାରିତୋଷିକ ଓ ଭତ୍ତାରେ ବୃଦ୍ଧି ବିଷୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି ।

ପଞ୍ଚମ ରାଜ୍ୟ ଅର୍ଥ କମିଶନଙ୍କ ସୁପାରିଶ ତଥା ଓଡିଶା ମ୍ୟୁନିସିପାଲ କର୍ପୋରେସନ ରୁଲ୍ସ- ୨୦୦୪ ଓ ଓଡିଶା ମ୍ୟୁନିସିପାଲିଟି ରୁଲ୍ସ-୧୯୫୩ ରେ ସଂଶୋଧନ ଆଣି ଏହି ବୃଦ୍ଧି କରାଯାଇଛି ।

ମହାନଗର ନିଗମମାନଙ୍କର ମେୟରମାନେ ପୂର୍ବରୁ ପାରିତୋଷିକ ଭାବରେ ୮ ହଜାର ଟଙ୍କା ପାଉଥିବା ବେଳେ ଏହାକୁ ସଂଶୋଧନ କରାଯାଇ ମାସିକ ୫୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି । ସେହିପରି ଡେପୁଟି ମେୟରମାନଙ୍କ ପାରିତୋଷିକ ମାସିକ ୫ ହଜାର ଟଙ୍କାରୁ ୨୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି । ପୌର ପରିଷଦ ଅଧ୍ୟକ୍ଷଙ୍କ ପାରିତୋଷିକ ମାସିକ ୧,୫୦୦ ରୁ ୧୫ ହଜାର ଟଙ୍କାକୁ, ଉପଧ୍ୟକ୍ଷଙ୍କ ପାରିତୋଷିକ ମାସିକ ୧,୨୦୦ ରୁ ୧୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଥିବା ବେଳେ ଏନ୍.ଏ.ସି. ଅଧ୍ୟକ୍ଷମାନଙ୍କର ମାସିକ ପାରିତୋଷିକ ୧,୦୦୦ ଟଙ୍କାରୁ ୧୦ ହଜାର ଟଙ୍କାକୁ ଏବଂ ଉପାଧ୍ୟକ୍ଷଙ୍କ ମାସିକ ପାରିତୋଷିକ ୮୦୦ ରୁ ୭,୫୦୦ ଟଙ୍କାକୁ ବୃଦ୍ଧି ବିଷୟ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ।

### ମୃତ୍ୟୁ ଏବଂ ଅକ୍ଷମତା କ୍ଷେତ୍ରରେ ମିଳିବ ଅନୁକମ୍ପା ସହାୟତା

ମହାନଗର ନିଗମ କର୍ପୋରେଟରମାନେ ପ୍ରତି ବୈଠକ ପାଇଁ ଭତ୍ତା ବାବଦରେ ୭,୦୦ ଟଙ୍କା ପାଉଥିବା ବେଳେ ଏବେ ଏହାକୁ ୨,୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି । ବିଭିନ୍ନ ପୌର ପରିଷଦ ଓ ଏନ୍.ଏ.ସି.ର (୯ ପୃଷ୍ଠାରେ)

# ରାଜ୍ୟରେ ଆଉ ୨୨ ନୂଆ ଏନ୍‌ଏସି ଗଠନ

ଭୁବନେଶ୍ୱର, ୧୩।୩ (ସବ୍ୟୁ) : ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ୧୩ଟି ଜିଲ୍ଲାରେ ୨୨ଟି ନୂତନ ବିଜ୍ଞପିତ ଅଞ୍ଚଳ ପରିଷଦ ଗଠନ ଏବଂ ଗଞ୍ଜାମର ଭଞ୍ଜନଗର ଏନଏସିକୁ ମୁନିସିପାଲିଟିକୁ ଉନ୍ନୀତ କରାଯିବା ବିଷୟ ଘୋଷଣା କରିଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ବୌଦ୍ଧ ଜିଲ୍ଲାର ମନମୁଣ୍ଡା,ପୁରୁଣା କଟକ ଓ ବାଉଁଶୁଣି, ବଲାଙ୍ଗିରର ଲୋଇସିଂହା ଓ ସିନ୍ଧେକେଲା, ବରଗଡର ସୋହେଲା, ବାଲେଶ୍ୱର ର ବାଲିଆପାଳ ଓ ଖଇରା, ଭଦ୍ରକର ଧାମରା, ଢେଙ୍କାନାଳର ରାସୋଳ, ଜଗତସିଂହପୁରର କୁଜଙ୍ଗ କଳାହାଣ୍ଡିର ନର୍ଲା ଓ ମଦନପୁର ରାମପୁର ଖୋର୍ଦ୍ଧାର ବୋଲଗଡ ନୟାଗଡ଼ର ଶରଣକୁଳ, ପୁରୀର ସାକ୍ଷୀଗୋପାଳ ଓ କାକଟପୁର, ସମ୍ବଲପୁରର ରେଙ୍ଗାଲି ଓ ବାମଣ୍ଡା ଏବଂ ସୁବର୍ଣ୍ଣପୁର ଜିଲ୍ଲାର ସୁବଳୟା, ଉଲୁଣ୍ଡା ଓ ରାମପୁର ଆଦି ସ୍ଥାନକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ମାନ୍ୟତା ପ୍ରଦାନ କରାଗଲା ।

୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ବିଭିନ୍ନ ଜିଲ୍ଲା ଗସ୍ତ ଅବସରରେ ଜନସାଧାରଣଙ୍କ ପ୍ରସ୍ତାବ ଏବଂ ବିକାଶର ଆବଶ୍ୟକତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି ।

ସୂଚନାଯୋଗ୍ୟ ଯେ ଜନସାଧାରଣଙ୍କ ଦାବି, କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା, ବିକାଶ ଓ ଅର୍ଥନୈତିକ ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି, ଏହି ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠନ ପାଇଁ ମୁଖ୍ୟମନ୍ତ୍ରୀ (୯ ପୃଷ୍ଠାରେ)

# କନିଷ୍ଠ ଶିକ୍ଷକଙ୍କ ପାରିଶ୍ରମିକ ୨୦ ହଜାର ଟଙ୍କାକୁ ବୃଦ୍ଧି

ଭୁବନେଶ୍ୱର, ୧୩।୩ (ସବ୍ୟୁ) : ରାଜ୍ୟରେ ଥିବା ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକରେ ନିୟୋଜିତ ହୋଇଥିବା କନିଷ୍ଠ ଶିକ୍ଷକ (ଯେଉଁମାନେ ଯୋଜନା ଭିତ୍ତିକ ପଦବୀରେ ୩ ବର୍ଷ କାର୍ଯ୍ୟ କରିସାରିଛନ୍ତି) ସେମାନଙ୍କର ବିଭିନ୍ନ ଦାବୀକୁ ବିଚାରକୁ ନେଇ ସରକାର ତାଙ୍କ ମାସିକ ପାରିଶ୍ରମିକ ୧୩,୮୦୦ ପରିବର୍ତ୍ତେ ୨୦,୦୦୦ ଟଙ୍କା କରିବା ପାଇଁ ସ୍ଥିର କରିଛନ୍ତି । ଏହି ବୃଦ୍ଧି ପିଛିଲା ଭାବେ ତା.୦୧.୦୧.୨୦୨୩ ରିଖ ଠାରୁ ଲାଗୁ ହେବ । ଏହା ଦ୍ୱାରା ରାଜ୍ୟର କାର୍ଯ୍ୟରତ ୧୨,୭୮୪ ଜଣ କନିଷ୍ଠ ଶିକ୍ଷକ ଉପକୃତ ହେବେ । ଏଥିପାଇଁ ଅତିରିକ୍ତ ୯୫ କୋଟି ଟଙ୍କା ବାର୍ଷିକ ଖର୍ଚ୍ଚ ହେବ । ସୂଚନାଯୋଗ୍ୟ ଯେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲ୍ଲା ଗସ୍ତ ଅବସରରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ନିୟୋଜିତ ଥିବା କନିଷ୍ଠ ଶିକ୍ଷକମାନେ ସେମାନଙ୍କ ଅସୁବିଧା ସଂପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ ।

### ପିଛିଲା ଭାବେ ୨୦୨୩ ଜାନୁଆରୀ ପହିଲାରୁ ଲାଗୁ

# ପଦ୍ମ ସମ୍ମାନରେ ସମ୍ମାନିତଙ୍କୁ ମାସକୁ ମିଳିବ ୨୫ ହଜାର

ଭୁବନେଶ୍ୱର, ୧୩।୩ (ସବ୍ୟୁ) : ପଦ୍ମ ପୁରସ୍କାର ଦେଶର ଗୌରବମୟ ବେସାମରିକ ସମ୍ମାନ । ବିଭିନ୍ନ କ୍ଷେତ୍ରରେ ଦେଶକୁ ଗୌରବାନ୍ୱିତ କରିଥିବା ବ୍ୟକ୍ତିବିଶେଷଙ୍କୁ ଏହି ସମ୍ମାନ ମିଳିଥାଏ । ପଦ୍ମ ପୁରସ୍କାରପ୍ରାପ୍ତ କୃତୀ ସନ୍ତାନ ମାନେ ସେମାନଙ୍କ ପ୍ରତିଭା ଓ ସେବା କାର୍ଯ୍ୟ ଦ୍ୱାରା ଓଡିଶାର ଗୌରବ ବୃଦ୍ଧି କରିଛନ୍ତି ।

ସମାଜକୁ ସେମାନଙ୍କ ବଳିଷ୍ଠ ଅବଦାନର ସ୍ୱୀକୃତି ସ୍ୱରୂପ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେମାନଙ୍କ ସମ୍ମାନାର୍ଥେ ମାସକୁ ୨୫ ହଜାର ଟଙ୍କା ଲେଖାଏ ଅର୍ଥ ସମ୍ମାନ ରାଶି ପ୍ରଦାନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଚଳିତ ବର୍ଷ ଅପ୍ରେଲ ମାସ ଠାରୁ ଏହି ସମ୍ମାନ ରାଶି ପ୍ରଦାନ କରାଯିବ ।

DSPL-835

ଆମ ଓଡ଼ିଶା ନବୀନ ଓଡ଼ିଶା



ଏତଦ୍ୱାରା ସମସ୍ତ ବୀମାଭୁକ୍ତ କର୍ମଚାରୀମାନଙ୍କୁ ଅନୁରୋଧ କରାଯାଉଛି କି ସେମାନେ ଏବେଠାରୁ କର୍ମଚାରୀ ରାଜ୍ୟ ବୀମା ଯୋଜନା ପୋର୍ଟାଲ୍ (www.esis.odisha.gov.in) ରେ ସିଧାସଳଖ ତାଙ୍କର ଇ.ଏସ୍.ଆଇ. (ଇ-ପହେଚାନ୍ ) କାର୍ଡର ପଞ୍ଜୀକରଣ ବିନା ଦେୟରେ କରି ଇ.ଏସ୍.ଆଇ. ଯୋଜନାର ସହଜ ଚିକିତ୍ସା-ସୁବିଧାର ସୁଯୋଗ ନିଅନ୍ତୁ ।

ଏହି ସେବା "ମୋ ସେବା କେନ୍ଦ୍ରରେ" ମଧ୍ୟ ଉପଲବ୍ଧ ଅଟେ ।

ମୋ ସେବା କେନ୍ଦ୍ର ଦେୟ

| | |
|---|---|
| ଇ.ଏସ୍.ଆଇ. କାର୍ଡ (ଇ-ପରିଚୟ)ର ପଞ୍ଜୀକରଣ ସେବା ଦେୟ | ଟ.୪୦.୦୦ |

ପଞ୍ଜୀକରଣ ପାଇଁ ଆବଶ୍ୟକୀୟ ଦସ୍ତାବିଜ୍ (Documents)

- ପୂର୍ବରୁ ପାଇଥିବା ESI ନିଗମର ଇ-ପହେଚାନ୍ କାର୍ଡ
- ଆଧାର କାର୍ଡ
- ପାସପୋର୍ଟ ଫୋଟ

କର୍ମଚାରୀ ରାଜ୍ୟ ବୀମା ଯୋଜନା ନିର୍ଦ୍ଦେଶାଳୟ, ଓଡ଼ିଶା
ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ, ଓଡ଼ିଶା

OIPR-17005/13/0032/2324

## ସାହାରା କ୍ରେଡିଟ କୋଅପରେଟିଭ ସୋସାଇଟି
# ବିରୁଦ୍ଧରେ ପୁରୀ ଖାଉଟି ଅଦାଲତର ଐତିହାସିକ ରାୟ

ପୁରୀ,(ସବ୍ୟୁ): ପୁରୀ ଖାଉଟି ଅଦାଲତ ଏକ ଐତିହାସିକ ରାୟ ଦେଇଛନ୍ତି ଯାହା ହଜାର ହଜାର ସାହାରା ନିବେଶକଙ୍କ ମନରେ ନୂତନ ଆଶା ଓ ଆନନ୍ଦ ସଞ୍ଚାର କରିପାରିଛି । ପୁରୀ କୁଣ୍ଡେଇବେଣ୍ଟ ସାହି ନିବାସୀ ପ୍ରଭୁ ପ୍ରସାଦ ପଟ୍ଟନାୟକଙ୍କ ସାହାରା କୋ-ଅପରେଟିଭ ସୋସାଇଟି ଅଧିନରେ ଥିବା ହୁମାରା ଇଣ୍ଡିଆ କ୍ରେଡିଟ କୋ-ଅପରେଟିଭ ସୋସାଇଟି ଲିମିଟେଡ ରେ ପ୍ରାୟ ୪୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବିଭିନ୍ନ ସ୍କିମ ମାନଙ୍କରେ ବିନିଯୋଗ କରିଥିଲେ ଓ ଏହା ଏକ ନିର୍ଦ୍ଦିଷ୍ଟ ସମୟସୀମା ରେ ପୈଠ କରାଯାଇଥାନ୍ତା । ଏହି ଟଙ୍କାର ମାଚୁଇରିଟି ବା ପରିପକ୍ୱତା ମୂଲ୍ୟ ମଧ ୨୦୨୦/୨୦୨୧ ସୁଦ୍ଧା ଟ୫୩,୩୯,୬୩୪/ଙ୍କା ହୋଇଥିଲା ଓ ଏହାକୁ ଦେବାରେ ସାହାରା କୋ-ଅପରେଟିଭ ସୋସାଇଟି ଅସାମର୍ଥୀୟ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଅନେକ ଟାଳଟୁଳ ନୀତି ଅବଲମ୍ବନ କରୁଥିଲେଛ ଏହି ଟଙ୍କା ଅନାଦେୟ ଯୋଗୁଁ ଆବେଦନକାରୀ ଶ୍ରୀ ପଟ୍ଟନାୟକ ପୁରୀ ଖାଉଟି ଅଦାଲତର ଆଶ୍ରୟ ନେଇଥିଲେ ଓ ଏହା CC case ସଂଖ୍ୟା ୬୪/୨୦୨୨ ମାଧମରେ ପଞ୍ଜିକୃତ ହୋଇ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଥିଲା । ଉଭୟଙ୍କ ପକ୍ଷରୁ ଶୁଣାଣି ହୋଇ ଏକ ଐତିହାସିକ ରାୟ ମାଧମରେ ଏହାର ଆଦେଶ ପ୍ରାରିତ ହୋଇଯାଇଛି । ଶୁଣାଣି ପ୍ରକ୍ରିୟାରେ ଅଦାଲତ ହୃଦୟଙ୍ଗମ କରିଛି ଯେ ସାହାରା କୋ-ଅପରେଟିଭ ସୋସାଇଟି ଲିମିଟେଡ କମ୍ପାନୀ ଆବେଦନକାରୀ ଶ୍ରୀ ପଟ୍ଟନାୟକଙ୍କୁ ସେବା ଦେବାରେ ବିଫଳ ହୋଇଛି ଓ ଠିକ୍ ସମୟ ରେ ସମସ୍ତ ପ୍ରାପ୍ୟ ନ ଦେଇ ଉପଯୁକ୍ତ ସେବାମନୋବୃତ୍ତିର ଉପେକ୍ଷା କରିଛନ୍ତି । ଏ ପ୍ରକାର ଉପେକ୍ଷିତ ସେବା, ଅସାମର୍ଥୀୟ ଓ ବିଫଳତା ପାଇଁ ସାହାରା କମ୍ପାନୀକୁ ଦାୟୀ କରିଛନ୍ତି । ଅଦାଲତ ହୃଦୟଙ୍ଗମ କରିଛନ୍ତି ଯେ ଆବେଦନକାରୀ ତାଙ୍କ ପ୍ରାପ୍ୟ ସାହାରା ଠାରୁ ପାଇବାକୁ ହକଦାର ଓ ଯୋଗ୍ୟ ଓ ସେଥିପାଇଁ ଏହି ରାୟ ପ୍ରଦାନ କରିଛନ୍ତି ।

ଉପରୋକ୍ତ ରାୟ ଅନୁସାରେ ବିପକ୍ଷ ସାହାରା କୋ-ଅପରେଟିଭ ସୋସାଇଟି କମ୍ପାନୀ ଅଭିଯୋଗକାରୀ ଶ୍ରୀ ପଟ୍ଟନାୟକଙ୍କୁ ସମସ୍ତ ପ୍ରାପ୍ୟ ଟଙ୍କା ୫୩,୩୯,୬୩୪/, ପ୍ରାପ୍ୟ ଦିନଠାରୁ ଶତକଡା ୯ ହାର ସୁଧ, ମାନସିକ ଯନ୍ତ୍ରଣା ଦେଇଥିବା ଯୋଗୁ ଅଧିକ ଟ୧୦,୦୦୦/ ଓ ଅଦାଲତ ଖର୍ଚ୍ଚ ବାବଦକୁ ଅଧିକା ଟ୫୦୦୦/ ରାୟ ପାଇବାର ୬୦ ଦିନ ମଧରେ ଦେବାକୁ ଆଦେଶ ଦେଇଛନ୍ତି । ଆବେଦନକାରୀଙ୍କ ପକ୍ଷରୁ ପୁରୀ ନିବାସୀ ଓ ଓଡ଼ିଶା ଉଚ୍ଚନ୍ୟାୟାଳୟର ବରିଷ୍ଠ ଓକିଲ ଶ୍ରୀ ବିଭୂପ୍ରସାଦ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ପ୍ରିୟନାଥ ପଟ୍ଟନାୟକ ଓ ଶିଳ୍ପାରାଣୀ ଆଚାରୀ ଏହି ମକଦ୍ଦମା ଲଢୁଥିଲେ ।

# ନବନିଯୁକ୍ତ ଯୁବପିଢ଼ିଙ୍କୁ ମନ୍ତ୍ର ଦେଲେ ୫-ଟି ଅଧ୍ୟକ୍ଷ

ଭୁବନେଶ୍ୱର,(ସବ୍ୟୁ): ଦକ୍ଷ ହେଉଛନ୍ତି ଓଡିଶାର ଯୁବପିଢୀ । ଓଡିଶା ଦକ୍ଷତା ବୃଦ୍ଧି ଏବଂ ନିଯୁକ୍ତି କାର୍ଯ୍ୟକ୍ରମ ଅଧୀନରେ ପ୍ରଶିକ୍ଷଣ ନେଇଥିବା ୧୮୧ ଜଣ ଯୁବକ ଯୁବତୀଙ୍କୁ ମିଳିଛି ନିଯୁକ୍ତି । ଗତକାଲି ଏ ସମସ୍ତ ନବନିଯୁକ୍ତଙ୍କ ସହିତ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ମତବିନିମୟ କରିଥିଲେ ।



ଏହି କାର୍ଯକ୍ରମ ଉଦ୍ଦେଶ୍ୟ ହେଉଛି ଆଧୁନିକ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଦକ୍ଷତା ବୃଦ୍ଧି ଏବଂ ଶତପ୍ରତିଶତ ନିଯୁକ୍ତ ସୁଯୋଗ । ଏହି ୬ମାସ ପ୍ରଶିକ୍ଷଣ ଭିତରେ ଛାତ୍ରଛାତ୍ରୀମାନଙ୍କୁ ମାଗରାରେ ରହିବା ଓ ଖାଇବା ବ୍ୟବସ୍ଥା କରାଯାଇଛି । ଏହି କାର୍ଯ୍ୟକ୍ରମ ଆଭିମୁଖ୍ୟ ପ୍ରଶିକ୍ଷଣ ଓ ନିଯୁକ୍ତି । ତେବେ ଆର୍ଥିକ ଅନଗ୍ରସର ବିଟେକ, ଏମସିଏ ଓ ଏମ୍ଏସି ଛାତ୍ରଛାତ୍ରୀମାନଙ୍କୁ ଯୋଗ୍ୟତା ଭିତତ୍ତିରେ ଚୟନ କରାଯାଇ ତାଲିମ ଦିଆଯାଉଛି ।

ବୁଧବାର କଳିଙ୍ଗ ଷ୍ଟାଡିୟମରେ ଏହି ଯୋଗ୍ୟ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଛନ୍ତି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ । ଏହି ଅବସରରେ ୫-ଟି ଅଧ୍ୟକ୍ଷ କହିଛନ୍ତି, ୫-ଟି କାର୍ଯ୍ୟକ୍ରମ ଅଧୀନରେ ଏହା ଏକ ସ୍ୱପ୍ନର ପ୍ରକଳ୍ପ । ରାଜ୍ୟର ଶିକ୍ଷିତ ଯୁବବର୍ଗଙ୍କୁ ଏହି କାର୍ଯ୍ୟକ୍ରମ ଅଧୀନରେ ପ୍ରଶିକ୍ଷଣ ଓ ନିଯୁକ୍ତିର ଯୋଜନା କରାଯାଉଛି । ପ୍ରଥମ ବ୍ୟାଚର ଛାତ୍ରଛାତ୍ରୀମାନେ ସଫଳତା ପାଇଥିବାରୁ ସେ ଖୁସି ପ୍ରକାଶ କରିବା ସହ ପରବର୍ତ୍ତୀ ପିଢୀ ପାଇଁ ଏହା ଉଦାହରଣ ସାଜିବ ବୋଲି କହିଛନ୍ତି ।

ଖୁବ୍‌ଶିଘ୍ର ପରବର୍ତ୍ତୀ ବ୍ୟାଚକୁ ପ୍ରଶିକ୍ଷଣ ଆରମ୍ଭ କରାଯିବ ଓ ଅଧିକରୁ ଅଧିକ ଯୁବପିଢୀଙ୍କ ପାଇଁ ଏହି କାଯ୍ୟକ୍ରମ କରାଯିବାର ଯୋଜନା ରହିଛି ବୋଲି ୫-ଟି ଅଧ୍ୟକ୍ଷ ସୂଚନା ଦେଇଛନ୍ତି । ନିଯୁକ୍ତି ପାଇଥିବା ଯୁବକ ଯୁବତୀମାନେ ମଧ ସରକାରଙ୍କ ଏହି ଦୂରଦୃଷ୍ଟି ସମ୍ପର୍ଣ୍ଣ କାର୍ଯ୍ୟକ୍ରମର ପ୍ରଶଂସା କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନଙ୍କୁ ଧନ୍ୟବାଦ ଦେଇଛନ୍ତି । ଏହି କାର୍ଯ୍ୟକ୍ରମ କେନ୍ଦୁଝର ଜିଲ୍ଲା ଖଣିଜ ପାଣ୍ଠି ଓ ଟାଟା ଷ୍ଟିଲ ଫାଉଣ୍ଡେସନର ମିଳିତ ସହଯୋଗରେ କରାଯାଉଛି ।

### ୧୮୧ ପ୍ରଶିକ୍ଷିତ ଯୁବକ ଯୁବତୀଙ୍କୁ ନିଯୁକ୍ତି
### ଟେକ ମହିନ୍ଦ୍ରାରେ ବର୍ଷକୁ ଦରମା ପାଇବେ ୪.୨୫ ଲକ୍ଷ

# ଦୁବାଇରେ ପ୍ରଥମ ଥର ଚିତ୍ର ଆଙ୍କୁଛନ୍ତି ଓଡ଼ିଶା ଜନଜାତି ଶିଳ୍ପୀ

ଭୁବନେଶ୍ୱର,(ସବ୍ୟୁ): ବିଦେଶ ମାଟିରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ଅଧୀନରେ ଓଡ଼ିଶା ଲଳିତ କଳା ଏକାଡେମୀ ଦ୍ୱାରା ଓଡ଼ିଶାର ୧୫ ଜଣ ଜନଜାତି ଶିଳ୍ପୀ ଦୁବାଇଠାରେ ଆଦିବାସୀ ଚିତ୍ର ଅଙ୍କନରେ ନିମଗ୍ନ । ୧୪ ତାରିଖ ଦୁବାଇଠାରେ ଭାରତର କନସୁଲେଟ୍ ଜେନେରାଲ ସତୀଶ କୁମାର ଶିବମ ,ଏକାଡେମୀର ସଭାପତି, ଆନ୍ତର୍ଜାତୀୟ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ଓ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାସ ପ୍ରମୁଖ ଅତିଥି ଭାବେ ପ୍ରଦର୍ଶନୀକୁ ଉଦଘାଟନ କରିବେ । ପ୍ରଥମଥର ବିଦେଶ ମାଟିରେ, ଦୁବାଇଠାରେ ଓଡ଼ିଶାର ଜନଜାତି ଚିତ୍ରକଳା ଅଙ୍କନ କରୁଥିବାରୁ ଶିଳ୍ପୀମାନଙ୍କୁ ସମସ୍ତେ ପ୍ରଶଂସା କରୁଛନ୍ତି । ବିନୋଦିନୀ ସିଂହ, ସୁଜନ୍ମତି ଏକା, ଇନ୍ଦିରା ଗୋମାଙ୍ଗ, ସୁକୁମତି ଥିଉ, ସୌଭାଗ୍ୟ ମଞ୍ଜରୀ ମଲ୍ଲିକ, ସୁଭଦ୍ରା କରୱା, ଡଲିଜାନୀ, ସୂର୍ଯ୍ୟଲତା ନାୟକ, ଭାରତୀଟୁଡୁ, ଜୁନେଶ ଗୋମାଙ୍ଗ, ରାଜେନ୍ଦ୍ରସିଂ ଲାଗୁରି, ସନ୍ତୋଷ ସିଂ ଖୁଣ୍ଟିଆ, ଯୋଗୀଶବର, ସାମସନ୍ଗୋମାଙ୍ଗ ଏବଂ ଅନିଲ କେରକେଟା ପ୍ରମୁଖ ଶିଳ୍ପୀମାନେ ହ୍ୟାଟ ପ୍ଲେସ ଦୁବାଇ ଅଲ ରିଗା ଠାରେ ୩ ଦିନ ଧରି ଓଡ଼ିଶାର ସୁପ୍ରସିଦ୍ଧ ସୌରା ଚିତ୍ର, ସାନ୍ତାଳ, କନ୍ଧ, ହୋ ଓ କୋଲହ ଆଦି ସମ୍ପ୍ରଦାୟର ଚିତ୍ର ଅଙ୍କନ କରୁଛନ୍ତି । ପ୍ରଥମ ଥର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ବିଭାଗ ଦ୍ୱାରା ଚିତ୍ରଶିଳ୍ପୀମାନେ ବିଦେଶରେ ଚିତ୍ରକଳା ଶିବିରରେ ଯୋଗଦେଇ ଚିତ୍ର କରିବା ସହିତ ନିଜ ନିଜ ଚିତ୍ରର ପ୍ରଦର୍ଶନୀ କରିବାର ସୁଯୋଗ ପାଉଥିବାରୁ ଅତ୍ୟନ୍ତ ଖୁସି ପ୍ରକଟ କରିଛନ୍ତି । ଏକାଡ଼େମୀର ସଚିବ ପଞ୍ଚାନନ ସାମଲ ଶିବିରକୁ ପରିଚାଳନା କରିଛନ୍ତି ।



## ଓପୋ ଏଫ୨୫ ପ୍ରୋ ୫ଜି ସ୍ମାର୍ଟଫୋନ ଉନ୍ମୋଚିତ

ଭୁବନେଶ୍ୱର,(ସବ୍ୟୁ): ଓପୋ ଇଣ୍ଡିଆ ପକ୍ଷରୁ ଦୁଇଟି ଷ୍ଟୋରେଜ ଭାରିଆଂଟ୍‌ରେ ଯଥାକ୍ରମେ ୨୩,୯୯୯ ଟଙ୍କା (୧୨୮ଜିବି) ଓ ୨୫,୯୯୯ ଟଙ୍କା (୨୫୬ଜିବି)ରେ ନୂଆ ଏଫ୨୫ ପ୍ରୋ ୫ଜିର ଶୁଭାରମ୍ଭ ଘୋଷଣା କରାଯାଇଛି। ନୂଆ ଲାଭା ରେଡ୍ କଲରରେ ଉପଲବ୍ଧ ଏହି ସ୍ମାର୍ଟଫୋନ୍‌ରେ ଏକ ୬୪ ଏମ୍‌ପି ରିୟର ଟ୍ରିପଲ-କ୍ୟାମେରା ସେଟ୍‌ଅପ ସହିତ ଉଭୟ ଫ୍ରଂଟ୍ ଓ ରିୟର ସୁଟର୍‌ରେ ୪କେ ଭିଡିଓ ରେକର୍ଡିଂ, ୬.୭ ଇଂଚ୍ ବର୍ଡରଲେସ ଆମୋଲେଡ୍ ଡିସ୍‌ପ୍ଲେ, ଅକ୍ଟାକୋର ଡାଇମେନ୍‌ସିଟି ୭୦୫୦ ଏସ୍‌ଓସି ଓ ଏକ ୬୭ୱାଟ୍ ୫୦୦୦ ଏମ୍‌ଏଏଚ୍ ଫାଷ୍ଟ-ଚାର୍ଜିଙ୍ଗ ବ୍ୟାଟେରୀ ରହିଛି। ଏଥିରେ ଆଇପି୬୫ ରେଟିଂ ରହିଛି ଏବଂ ଏହାର ଓଜନ ମାତ୍ର ୧୭୭ ଗ୍ରାମ ହୋଇଥିବା ବେଳେ ଏହା ୭.୫୪ ଏମ୍‌ଏମ୍ ପତଳା ଅଟେ। ଏହି ଡିଭାଇସ୍‌ର ସେଲ ଆସଂ। ମାର୍ଚ୍ଚ ୫ ତାରିଖ, ୨୦୨୪ରୁ ଓପୋ ଇ-ଷ୍ଟୋର, ଆମାଜନ, ଫ୍ଲିପକାର୍ଟ ଓ ମେନ୍‌ଲାଇନ ରିଟେଲ ଆଉଟଲେଟଗୁଡିକରେ ଆରମ୍ଭ ହେବ।

### ଚିଟ୍‌ଫଣ୍ଡ କମ୍ପାନୀ ଏଟି ଲିଙ୍କ
# ଇଡିରେ ବିଲ୍ଡରଙ୍କୁ ମୁହାଁମୁହିଁ ଜେରା

ଭୁବନେଶ୍ୱର, (ସବ୍ୟୁ) : ଚିଟ୍‌ଫଣ୍ଡ କମ୍ପାନୀ ଏଟି (ଅର୍ଥତତ୍ତ୍ୱ) ଲିଙ୍କ୍‌ରେ ଦୁଇ ବିଲ୍ଡରଙ୍କୁ ମୁହାଁମୁହିଁ ଜେରା କରୁଛି ଇଡି (ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ) । ଗତ ୭ ତାରିଖ ଦିନ ଏକସଙ୍ଗେ ଦୁଇ ବିଲ୍ଡରଙ୍କ ଘର ସମେତ ଓଡ଼ିଶାର ୮ଟି ସ୍ଥାନରେ ଚଢାଉ କରାଯାଇଥିଲା । ଚଢାଉ ବେଳେ ଅଡ଼ି କାର୍, ନଗଦ ଟଙ୍କା, ସୁନା ଅଳଙ୍କାର ଓ ଜମି ସଂକ୍ରାନ୍ତୀୟ ଦସ୍ତାବିଜ୍ ଜବତ ହୋଇଥିଲା ।

ମାର୍ଚ୍ଚ ୭ ତାରିଖ ଚଢାଉ ପରେ ବିଲ୍ଡରଙ୍କୁ ଇଡିରେ ହାଜର ହେବା ପାଇଁ ନୋଟିସ୍ କରାଯାଇଥିଲା । ବିଲ୍ଡର ସାଗର ରାୟ ପ୍ରଥମେ ଇଡିରେ ହାଜର ହେବା ପରେ ତାଙ୍କୁ ମାରାଥନ ଜେରା କରାଯାଇଥିଲା । ବୁଧବାର ବିଲ୍ଡର ବିନିତ ଲଲାନୀଙ୍କୁ ହାଜର ହେବାକୁ ନୋଟିସ୍ କରାଯିବା ସହ ସାଗରଙ୍କୁ ମଧ ଦ୍ୱିତୀୟ ପର୍ଯ୍ୟାୟରେ ବୁଧବାର ହାଜର ହେବାକୁ ନୋଟିସ୍ ହୋଇଥିଲା । ବୁଧବାର ପ୍ରଥମ ପର୍ଯ୍ୟାୟରେ ବିନିତ ଲଲାନୀଙ୍କୁ ଜେରା କରାଯିବା ପରେ ଦ୍ୱିତୀୟ ପର୍ଯ୍ୟାୟରେ ସାଗର ରାୟ ଓ ବିନିତଙ୍କୁ ମୁହାଁମୁହିଁ ଜେରା କରାଯାଉଛି । ଏହି ଜେରା ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ମିଳିଛି ।

ସାଗର ଓ ବିନିତ ସିବିଆଇ ଦ୍ୱାରା ଗିରଫ ହୋଇଥିଲେ । ଜାମିନରେ ଆସିବା ପରେ ସେମାନେ ପୁଣି ଲୁଚାଇ ରଖିଥିବା ଟଙ୍କାରେ ଅୟସ କରିବା ସହ ପୁଣି ଜମି କାରବାର କରୁଥିବା ଇଡିରେ ଅଭିଯୋଗ ହୋଇଥିଲା । ସେହି ଅଭିଯୋଗକୁ ଆଧାର କରି ମାର୍ଚ୍ଚ ୭ ତାରିଖ ଦିନ ଭୁବନେଶ୍ୱର ଓ ଗଞ୍ଜାମକୁ ମିଶାଇ ୮ଟି ସ୍ଥାନରେ ଏକସଂଗେ ଚଢାଉ କରାଯାଇଥିଲା । ଚଢାଉ ବେଳେ ନୂଆ ଅଡି କାର୍, ୩୫ଲକ୍ଷ ନଗଦ ଟଙ୍କା, ୨୪ଲକ୍ଷ ୧୫ ହଜାର ଟଙ୍କାର ସୁନା ଅଳଙ୍କାର ଓ ଜମି ସଂକ୍ରାନ୍ତୀୟ ଦସ୍ତାବିଜ ବିଲ୍ଡର ସାଗର ରାୟଙ୍କ ଘରୁ ଜବତ ହୋଇଥିଲା । ସେହିପରି ବିନିତଙ୍କ ଘରୁ ମଧ ବହୁ ସାମଗ୍ରୀ ଜବତ କରାଯାଇଥିଲା । ତାଙ୍କୁ ବୁଧବାର ମୁହାଁମୁହିଁ ଜେରା କରାଯିବାର ଭିଡିଓ ରେକର୍ଡ କରାଯାଉଛି । ଜବତ ହୋଇଥିବା ଜମି ସଂକ୍ରାନ୍ତ କାଗଜରେ ବହୁ ସେଲ୍ ଡିଡ୍ ଥିବା ସୂଚନା ମିଳିଛି । ଉଭୟଙ୍କୁ ମୁହାଁମୁହିଁ ଜେରା କରାଯିବା ପରେ ବହୁ ରହସ୍ୟଜନକ ତଥ୍ୟ ଇଡି ହାତରେ ଲାଗିପାରେ । ଅର୍ଥତତ୍ତ୍ୱକୁ ନେଇ ବହୁ ଗିରଫଦାରୀ ପରେ ସିବିଆଇ ତଦନ୍ତ କରି ଆହୁରି କେତେକଙ୍କ ଗିରଫ କରିଥିଲା । ବର୍ତ୍ତମାନ ଇଡି ଚଢାଉ ଚାଲିଥିବାରୁ ବହୁ ଲୁକ୍କାୟିତ ରହସ୍ୟ ସାମ୍ନାକୁ ଆସିବ ବୋଲି କୁହାଯାଉଛି ।

# ରାଜ୍ୟ ପାନୀୟ ନିଗମ ପକ୍ଷରୁ ୫କୋଟି ଟଙ୍କା ପ୍ରଦାନ



ଭୁବନେଶ୍ୱରତା,(ସବ୍ୟୁ):ଓଡିଶା ରାଜ୍ୟ ପାନୀୟ ନିଗମ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ବୁଧବାର ୫ କୋଟି ଟଙ୍କା ପ୍ରଦାନ କରାଯାଇଛି । ରାଜ୍ୟ ପଞ୍ଚାୟତିରାଜ, ପାନୀୟ ଜଳ ତଥା ଅବକାରୀ ବିଭାଗ ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀ, ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି ଉଦେଶ୍ୟରେ ଏହି ଅର୍ଥ ଚେକ୍ ଆକାରରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କୁ ପ୍ରଦାନ କରିଛନ୍ତି । ଓଡିଶା ରାଜ୍ୟପାନୀୟ ନିଗମ ୨୦୨୨-୨୩ ଆର୍ଥିକ ବର୍ଷରେ ୭୪୫୬.୬୪ କୋଟି ଟଙ୍କା (ଭାଟ ୨୫୧୨.୮୩ କୋଟିକୁ ଛାଡି) କାରବାର କରିଛି । ଉତ୍ପାଦନ ଶୁଳ୍କ ଭାବରେ ନିଗମ ତରଫରୁ ରାଜ୍ୟସରକାରଙ୍କ ଠାରେ ୫୨୬୭.୬୯କୋଟି ଟଙ୍କା ଓ ମୂଲ୍ୟଯୁକ୍ତ କର (ଭାଟ) ଆକାରରେ ୨୫୧୨.୮୩ କୋଟି ଟଙ୍କା ଦାଖଲ କରାଯାଇଅଛି । କରବାବଦକୁ ଦ୍ୱେୟ ପରେ ନିଗମ ୨୦୨୨-୨୩ ଆର୍ଥିକ ବର୍ଷରେ ୩୧.୩୮ କୋଟି ଟଙ୍କା ଲାଭ କରିଥିବା ଜଣାଯାଇଛି ।

## ଉଦ୍ୟୋଗୀ ଓ ଗ୍ରାମୀଣ ବିକାଶ ସମ୍ମିଳନୀ ଉଦ୍‌ଯାପିତ

ଜଟଣୀ,(ସବ୍ୟୁ): ଜଟଣୀସ୍ଥିତ ଆଇଆଇଟିରେ ଚାଲିଥିବା ଦୁଇଦିନିଆ ଉଦ୍ୟୋଗୀ ଓ ଗ୍ରାମୀଣ ବିକାଶ ସମ୍ମିଳନୀ ଆଜି ଉଦ୍‌ଯାପିତ ହୋଇଛି । ଆଇଆଇଟି ରୋପର, କେନ୍ଦ୍ର ଯୁବ ଓ କ୍ରୀଡ଼ା ମନ୍ତ୍ରଣାଳୟ ଓ ଇଆର୍‌ଡିସିର ମିଳିତ ଆନୁକୂଲ୍ୟରେ ଏହା ଅନୁଷ୍ଠିତ ହୋଇଥିଲା । ଉଦ୍ଘାଟନୀ ଉତ୍ସବରେ ଝାଡ଼ଖଣ୍ଡ ରାଜ୍ୟପାଳ ସିପି ରାଧାକ୍ରିଷ୍ଣନ୍ ମୁଖ୍ୟଅତିଥି ଭାବେ ଯୋଗଦେଇ ଦେଶରେ ଚାଲିଥିବା ବିଭିନ୍ନ ବିକାଶମୂଳକ ତଥା ଅଭିବୃଦ୍ଧିଭିତ୍ତିକ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ । ଉଦ୍ୟୋଗୀ ଓ ଆତ୍ମନିର୍ଭରଶୀଳତା କ୍ଷେତ୍ରରେ ଯୁବକ ଓ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଉତ୍ସାହକୁ ସେ ପ୍ରଶଂସା କରିଥିଲେ । ଦେଶର ସାମଗ୍ରୀକ ପ୍ରଗତି ପାଇଁ ଅନ୍ତର୍ଭୁକ୍ତିକରଣ ତଥା ଗ୍ରାମୀଣ ବିକାଶ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏହି ଦୁଇଦିନିଆ କାର୍ଯ୍ୟକ୍ରମରେ ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଶ୍ରୀପାଦ କର୍ମାଲକର, ଇଆର୍‌ଡିସି ମୁଖ୍ୟ ଚେତନ ସାହୋର, ସଂଯୋଜକ ଡ. ନିଧି ଗୌତମ ପ୍ରଭାକର, ଏହାର ଜାତୀୟ ପରାମର୍ଶଦାତା ଦୟାନିଧି ଉର୍ମାଳିଆ, ଇଜିଭର ଓ ଏମ୍ପାୱାର ପଂଚାୟତର ପ୍ରତିଷ୍ଠାତା ଅମିତ୍ ଶୁକ୍ଲା, ଏନ୍‌ଏସ୍‌ଏସ୍ ଆଂଚଳିକ ନିର୍ଦ୍ଦେଶକ ସରିତା ପଟେଲ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ । ଉଦ୍ୟୋଗୀ ମାନସିକତାର ଉପାଦାନଗୁଡିକ ଉପରେ ଆଲୋକପାତ କରିଥିଲେ । ଅନୁସନ୍ଧାନ ଓ ଉଦ୍ୟୋଗୀ ମାନସିକତା ମଧ୍ୟରେ ସମାନତା ଓ ପାର୍ଥକ୍ୟକୁ ଦର୍ଶାଇଥିଲେ ।

# ଖୋର୍ଦ୍ଧାର ୨ ଥାନା ଲୋକାର୍ପିତ

ଖୋର୍ଦ୍ଧା(ସବ୍ୟୁ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ୨୯ଟି ନବ ନିର୍ମିତ ପୁଲିସ ଥାନା, ଆଉଟପୋଷ୍ଟ ଓ ଏସଡିପିଓଙ୍କ କାର୍ଯ୍ୟାଳୟ କୋଠା ଲୋକାର୍ପିତ କରିଛନ୍ତି । ଏଥିରେ ଖୋର୍ଦ୍ଧା ପୁଲିସ ଜିଲ୍ଲାରେ ଖୋର୍ଦ୍ଧା ଆଦର୍ଶ ଥାନା ଏବଂ ବାଘମାରୀ ଥାନା ରହିଛି । ଆଦର୍ଶ ଥାନା ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୁପଶ୍ରୀରାଣୀ ଗୁମାନସିଂ, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଆଇଜି(କେନ୍ଦ୍ରାଞ୍ଚଳ) ଆଶିଷ ସିଂ, ଜିଲ୍ଲାପାଳ ଚଞ୍ଚଳ ରାଣା, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବି.ଯୁଗଳ କିଶୋର କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଦର ଏସଡପିଓ ଦିଲୀପ ଦାସ, ଥାନାଧିକାରୀ ସଞ୍ଜୟ ନାୟକ, ବରିଷ୍ଠ ଇନ୍ସପେକ୍ଟର ତାରିକ ଅହମ୍ମଦଙ୍କ ସମେତ ଅନ୍ୟ ଥାନାର ଅଧିକାରୀ ମାନେ ସାମିଲ ହୋଇଥିଲେ । ନବ ନିର୍ମିତ ଆଦର୍ଶ ଥାନାରେ ଅତ୍ୟାଧୁନିକ ବ୍ୟବସ୍ଥା ରହିଛି। ହେଲ୍ପ ଡେକ୍ସ, ସ୍ୱତନ୍ତ୍ର ଶିଶୁ ଓ ମହିଳା ଡେକ୍ସ, ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ସହ ଶୌଚାଳୟ, ପାନୀୟଜଳ, ସୁବିଧା ରହିଛି। ଏଣିକି ଥାନାକୁ ଗଲେ ଲୋକଙ୍କୁ କୌଣସି ଅସୁବିଧା ହେବ ନାହିଁ ବୋଲି କୁହାଯାଇଛି। ଏନେଇ ଏସପି ବି.ଯୁଗଳ କିଶୋର କୁମାର କହିଲେ ଯେ, ଲୋକଙ୍କୁ ଉତମ ସେବା, ତ୍ୱରିତ ନ୍ୟାୟ ପ୍ରଦାନ କରାଯିବ। ଉଭୟ ଥାନା ଖୁବଶୀଘ୍ର କାର୍ଯ୍ୟକ୍ଷମ ହେବ ବୋଲି ସୂଚନା ଦେଇଛନ୍ତି। ପ୍ରକାଶ ଯେ, ୨୦୨୦ ମସିହାରେ ଏଠାରେ ଚାଲିଥିବା ପୁରୁଣା କୋଠାକୁ ଭଙ୍ଗାଯାଇ ନୂତନ କୋଠା ନିର୍ମାଣ ଆରମ୍ଭ ହୋଇଥିଲା। ସେବେ ଠାରୁ ବିଜେବି ହାଇସ୍କୁଲ ଛାତ୍ରାବାସରେ ଥାନା ଚାଲିଛି ।



## ବ୍ୟାୟାମ କରୁଥିବା ବ୍ୟକ୍ତିଙ୍କ ପାଇଁ ଆଲମଣ୍ଡ ଜରୁରୀ

ଭୁବନେଶ୍ୱର,(ସବ୍ୟୁ): ଯେଉଁମାନେ ନିୟମିତ ବ୍ୟାୟାମ କରନ୍ତି ସେମାନଙ୍କ ପାଇଁ ପ୍ରୋଟିନ, କଂପ୍ଲେକ୍ସ କାର୍ବୋହାଇଡ୍ରେଟ୍ ଏବଂ ସୁସ୍ଥ ଚର୍ବିର ପର୍ଯ୍ୟାପ୍ତ ସେବନ କରିବା ନିଶ୍ଚିତ ଜରୁରୀ ଅଟେ । ଏହା ସମ୍ପର୍କରେ ଅଧିକ ସୂଚନା ପ୍ରଦାନ କରି ନ୍ୟୁଟ୍ରିସନ୍ ଆଣ୍ଡ ୱେଲନେସ୍ କନସଲଟାଂଟ ଶୀଲା କ୍ରିଷ୍ଣାସ୍ୱାମୀ କହିଛନ୍ତି ଯେ, ଆଲମଣ୍ଡ ହେଉଛି ଏକ ଉପକାରୀ ଖାଦ୍ୟ। ଆଲମଣ୍ଡ ଏକ ସନ୍ତୋଷଜନକ ସ୍ୱାଦ ପ୍ରଦାନ କରିଥାଏ ଏବଂ ପ୍ରୋଟିନ୍, ସୁସ୍ଥ ଚର୍ବିଏବଂ ଆଂଟିଅକ୍ସିଡାଂଟ, ଭିଟାମିନ-ଇ ର ଏକ ଉତ୍ତମ ଉତ୍ସ ଅଟେ ଯାହାକି ସ୍ୱାସ୍ଥ୍ୟକୁ ସମର୍ଥନ କରେ ଏବଂ ମାଂସପେଶୀ ପୁନରୁଦ୍ଧାରରେ ସାହାଯ୍ୟ କରିଥାଏ। ନିକଟରେ କାଲିଫର୍ଣ୍ଣିଆର ଆଲମଣ୍ଡ ବୋର୍ଡ ଦ୍ୱାରା ଅନୁଦାନପ୍ରାପ୍ତ ଏକ ଅଧ୍ୟୟନରୁ ଜଣାପଡିଛି ଯେ ଆଲମଣ୍ଡ ଖାଇବା ଦ୍ୱାରା ମାଂସପେଶୀ କାର୍ଯ୍ୟରେ ଉନ୍ନତି ହୋଇଥାଏ ଏବଂ ବ୍ୟାୟାମ ପରେ ପୁନରୁଦ୍ଧାରରେ ସାହାଯ୍ୟ କରିଥାଏ । ୱିଟାର୍ଡ ଅଧ୍ୟୟନରୁ ଜଣାପଡିଛି ଯେ ଭର୍ଟିକାଲ ଲିପ୍ ଚ୍ୟାଲେ ସମୟରେ ଆଲମଣ୍ଡ ଖାଇଥିବା ଅଂଶଗ୍ରହଣକାରୀମାନଙ୍କ ଠାରେ ନିୟନ୍ତ୍ରଣ ଗୋଷ୍ଠୀ ତୁଳନାରେ ମାଂସପେଶୀ ଯନ୍ତ୍ରଣାରେ ୨୫% ହ୍ରାସ ଦେଖିବାକୁ ମିଳିଥିଲା ।

# ଫ୍ଲୋ ଉଇ-ପିଚ୍ ଇନୋଭେସନ୍ ଚ୍ୟାଲେଞ୍ଜ ପ୍ରତିଯୋଗିତା

ଭୁବନେଶ୍ୱର,(ସବ୍ୟୁ): ଫିକି ଫ୍ଲୋର ସହଯୋଗରେ ଷ୍ଟାର୍ଟଅପ୍ ଓଡିଶା, ଓଡ଼ିଶାରେ ମହିଳା ଉଦ୍ୟୋଗୀଙ୍କୁ ସଶକ୍ତିକରଣ ଏବଂ ଉତ୍ସବ ପାଳନ କରିବା ଉଦ୍ଦେଶ୍ୟରେ ଏକ ଫ୍ଲୋ ଉଇ-ପିଚ୍ ଇନୋଭେସନ୍ ଚ୍ୟାଲେଞ୍ଜ ପ୍ରତିଯୋଗିତାର ଆୟୋଜନ କରିଥିଲା । ମହିଳା ଦିବସକୁ ସ୍ମରଣୀୟ କରିବା ପାଇଁ ଓ-ହବରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଦୂରଦୃଷ୍ଟିସମ୍ପନ୍ନ ମହିଳାମାନଙ୍କ ପାଇଁ ସେମାନଙ୍କର ଅଭିନବ ଚିଂାଧାରା ଏବଂ ପ୍ରତିଭା ପ୍ରଦର୍ଶନ କରିବା ପାଇଁ ଏକ ଜୀବନ୍ତ ପ୍ଲାଟଫର୍ମ ପ୍ରଦାନ କରିଥିଲା ।

ଷ୍ଟାର୍ଟଅପ୍ ଓଡିଶା ଏବଂ ଫାଲକନ୍ ରିଏଲ୍ ଇଷ୍ଟେଟ୍ ପରି ସହଭାଗୀମାନଙ୍କ ସହଯୋଗରେ ଫ୍ଲୋ ଉଇ-ପିଚ୍ ଇନୋଭେସନ୍ ଚ୍ୟାଲେ ପ୍ରତିଯୋଗିତା ଅଂଶଗ୍ରହଣକାରୀମାନଙ୍କୁ ନଗଦ ପୁରସ୍କାର, ଫେଲିସିଟେସନ୍, ଭିଜିବିଲିଟି ଏବଂ ଇନ୍କ୍ୟୁବେସନ ପାଇଁ ସୁଯୋଗ ସହିତ ଅନେକ ସୁବିଧା ପ୍ରଦାନ କରିଥିଲା । ଏହି କାର୍ଯ୍ୟକ୍ରମରେ ଷ୍ଟାର୍ଟଅପ୍ ଓଡିଶାର କାର୍ଯ୍ୟନିର୍ବାହୀ ଚେୟାରମ୍ୟାନ୍ ଡକ୍ଟର ଓମକର ରାୟ, ଓବେରାଇ ଆତିଥ୍ୟର ପରିଚାଳନା ନିର୍ଦ୍ଦେଶକ ସାଭିନ୍ କୌର ଓବେରାଇଙ୍କ ପରି ସମ୍ମାନିତ ମାନ୍ୟଗଣ୍ୟ ବ୍ୟକ୍ତି ତଥା ସୁତାର ସହ-ପ୍ରତିଷ୍ଠାତା ସୁଜାତା ବିଶ୍ୱାସ ସମେତ ଫ୍ଲୋ ଭୁବନେଶ୍ୱରର ଅନ୍ୟ ମାନ୍ୟଗଣ୍ୟ ସଦସ୍ୟମାନଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା। ଇଭେଂଟରେ ଏକ ଯତ୍ନଶୀଳ ଚୟନ ପ୍ରକ୍ରିୟା ପ୍ରଦର୍ଶିତ ହୋଇଥିଲା, ଯେଉଁଥିରେ ଫାଇନାଲିଷ୍ଟମାନେ ବ୍ୟକ୍ତିଗତ ସାକ୍ଷାତକାର ମାଧ୍ୟମରେ ମନୋନୀତ ହୋଇଥିଲେ । ଏହି ଫାଇନାଲିଷ୍ଟମାନଙ୍କୁ ଅନ୍ତିମ ଇଭେଣ୍ଟରେ ସେମାନଙ୍କର ଆଇଡିଆ ପ୍ରଦର୍ଶନ କରିବାର ସୁଯୋଗ ଦିଆଯାଇଥିଲା, ସେମାନଙ୍କର ଉଦ୍ୟୋଗୀ ଉଦ୍ୟମ ପାଇଁ ଅମୂଲ୍ୟ ମତାମତ ଏବଂ ସ୍ୱୀକୃତି ଗ୍ରହଣ କରାଯାଇଥିଲା । ସାତଜଣ ଷ୍ଟାର୍ଟଅପ୍ ସେମାନଙ୍କର ଅଭିନବ ଚିନ୍ତାଧାରା ସୃଷ୍ଟି କରିଥିଲେ, ସେଥିମଧ୍ୟରୁ ତିନିଜଣଙ୍କୁ ସମ୍ମାନିତ କରାଯାଇଥିଲା: ଭାଟସାଲିଆ ୱେଲନେସ୍ ପ୍ରାଇଭେଟ ଲିମିଟେଡ୍, ଡେଂଟିନଭେଂଟ୍ ପ୍ରାଇଭେଟ ଲିମିଟେଡ୍ ଏବଂ ଚକୋଲାକା ଏଂଟରପ୍ରାଇଜେସ୍ ଏଲଏଲପି ।

୧୮୦୦ ରୁ ଅଧିକ ଉନ୍ନତ ଷ୍ଟାର୍ଟଅପ୍ ସହିତ ଓଡିଶା ସହିତ ଜଡିତ ଥିଲେ ଏବଂ ମହିଳା ଉଦ୍ୟୋଗୀଙ୍କ ନେତୃତ୍ୱରେ ଏହି ଷ୍ଟାର୍ଟଅପ୍ ମଧ୍ୟରୁ ୪୩%, ପ୍ରତିଭାବାନ ମହିଳା ଉଦ୍ୟୋଗୀଙ୍କ ସ୍ୱରକୁ ବୃଦ୍ଧି କରିବା ପାଇଁ ଏକ ଶକ୍ତିଶାଳୀ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିଥିଲା । ଏହା ଅନନ୍ୟ ଦୃଷ୍ଟିକୋଣର ସ୍ୱୀକୃତି ଏବଂ ଆବଶ୍ୟକ ସମ୍ଭାବ୍ୟତାକୁ ସ୍ୱୀକୃତି ଦେଇଥାଏ ଯାହା ମହିଳାମାନେ ଷ୍ଟାର୍ଟଅପ୍ ଇକୋସିଷ୍ଟମକୁ ସୁଯୋଗ ଦେଇଥାଏ ।



# ପୁନେରେ ଓଡ଼ିଆଙ୍କ ଦ୍ୱାରା ରକ୍ତଦାନ ଶିବିର

ଭୁବନେଶ୍ୱର,(ସବ୍ୟୁ): ରକ୍ତ ଦାନ ମହାପୂଣ୍ୟ , ଏହି ମହାଦାନର ମୂଲ୍ୟ ଅକଳ୍ପନୀୟ ଓ ଅତୁଳନୀୟ । ବିନ୍ଦୁଏ ରକ୍ତ କଣିକା ଅନ୍ୟ ଏକ ଜୀବନକୁ ବଞ୍ଚାଇପାରେ । ଆବଶ୍ୟକ ଅନୁଯାଇ ଆପାତକାଳରେ ଟୋପାଏ ରକ୍ତର ମହତ୍ତ୍ୱ କେବଳ ଶଯ୍ୟାସାୟି ହୋଇ ମୃତ୍ୟୁମୁଖରେ ସଂଗ୍ରାମ କରୁଥିବା ବ୍ୟକ୍ତି ହିଁ ବୁଝିପାରିଥାଏ ଯେ ବିନ୍ଦୁଏ ରକ୍ତର ମୂଲ୍ୟ କେତେ । ଏହି ପରିପ୍ରେକ୍ଷିରେ ପୁନେରେ ଥିବା ଓଡ଼ିଆ ସଂଗଠନ ସ୍ପ୍ରେଡ୍ ହେପିନେସ୍ ଫାଉଣ୍ଡେସନ୍ , ବନ୍ଦେ ଉତ୍କଳ ଭାରତୀ, ସରସ୍ୱତୀ ପୂଜା ସମିତି ଓ ମହାରାଷ୍ଟ୍ରର ଇକୋଗ୍ରାମ ସୋସାଇଟି ର ମିଳିତ ଆନୁକୂଲ୍ୟରେ ଛତ୍ରପତି ଶିବାଜୀ ମହାରାଜଙ୍କ ଜନ୍ମଜୟନ୍ତି ଓ ନାରୀଙ୍କ ସମାଜ ପ୍ରତି ଅତୁଳନୀୟ ଅବଦାନର ଦିବସ ବିଶ୍ୱ ମହିଳା ଦିବସ ଅବସରରେ ମାର୍ଚ୍ଚ ୧୦ ତାରିଖ ରବିବାର ଦିନ ମହାରାଷ୍ଟ୍ରର ପୁନେ ଜିଲ୍ଲାର ଶିକ୍ରାପୁର ଠାରେ ଏକ ଭବ୍ୟ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଶତାଧିକ ସ୍ୱେଚ୍ଛାସେବୀ ରକ୍ତଦାନ କରିଥିଲେ । ସ୍ପ୍ରେଡ୍ ହେପିନେସର ମୁଖ୍ୟ ସଞ୍ଚାଳକ ଓ ଅଧକ୍ଷ ସୌମ୍ୟ ରଞ୍ଜନ ମହାପାତ୍ର, ସ୍ଥାନୀୟ ସରପଞ୍ଚ, ସମାଜସେବୀ ଓ ବହୁ ପ୍ରତିଷ୍ଠିତ ବ୍ୟକ୍ତି ମାନେ ଉପସ୍ଥିତ ରହି ଏହି ରକ୍ତଦାନ ସମାରୋହକୁ ସାଫଲ୍ୟମଣ୍ଡିତ କରିଥିଲେ ।



ସଂଗଠନର ମୂଖ୍ୟ ସୌମ୍ୟ ରଞ୍ଜନ ମହାପାତ୍ର ଏହାର ଅଧ୍ୟକ୍ଷତା କରିଥିଲେ । ସମସ୍ତ ସଦସ୍ୟମାନେ କାର୍ଯ୍ୟକ୍ରମରେ ପ୍ରମୁଖ ଭୂମିକା ଲିଭାଇଥିଲେ । ପ୍ରାରମ୍ଭରେ ଶିବିରରେ ଛତ୍ରପତି ଶିବାଜୀ ମହାରାଜାଙ୍କ ମୂର୍ତ୍ତିର ପୂଜା ଓ ମାଲ୍ୟାର୍ପଣ ପରେ ରାଷ୍ଟ୍ରସଂଗୀତ ଗାନ କରି ରକ୍ତ ଦାନର ପ୍ରାରମ୍ଭ ହୋଇଥିଲା ।

ସ୍ପ୍ରେଡ୍ ହେପିନେସ୍ ଫାଉଣ୍ଡେସନ୍ ମହାରାଷ୍ଟ୍ର ସରକାରଙ୍କ ଦ୍ୱାର ପଞ୍ଜିକୃତ ଏକ ସ୍ୱେଚ୍ଛାସେବୀ ସଂଗଠନ । ବିଗତ ଦିନରୁ ପ୍ରବାସୀ ଓଡ଼ିଆ ଓ ଅଣ ଓଡ଼ିଆଙ୍କ ସର୍ବାଙ୍ଗୀନ ହିତ ଓ ସମାଜ କଲ୍ୟାଣ ଉଦ୍ଦେଶ୍ୟରେ ବିଭିନ୍ନ ପ୍ରକାର ମଙ୍ଗଳକର କାର୍ଯ୍ୟମାନ କରିଆସୁଅଛି ।

# ଭାରସାମ୍ୟ ହରାଇ ପୋଲ ତଳକୁ ଖସିଲା ଟ୍ରକ୍, ୨ ମୃତ



ବାରିପଦା, (ସବ୍ୟୁ) : ଭାରସାମ୍ୟ ହରାଇ ପୋଲ ତଳକୁ ଖସିପଡିଲା ମାଲବାହୀ ଟ୍ରକ୍ । ଗାଡିଟି ପୋଲ ତଳକୁ ଖସି ପଡିବା ଫଳରେ ଘଟଣା ସ୍ଥଳରେ ଡ୍ରାଇଭର ଓ ହେଲପରଙ୍କ ମୃତ୍ୟୁ ହୋଇଛି । ଏପରି ଏକ ଦୁର୍ଘଟଣା ଘଟିଛି ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଜଗନ୍ନାଥଖୁଣ୍ଟା ଗ୍ରାମ ନିକଟରେ। ପ୍ରକାଶ ଯେ, ମଙ୍ଗଳବାର ବିଳମ୍ବିତ ରାତିରେ ବାରିପଦାରୁ ଝାରପୋଖରିଆ ଅଭିମୁଖେ ଯାଉଥିବା ଏକ ଟ୍ରକ ୧୮ନଂ ଜାତୀୟ ରାଜପଥର ଜଗନ୍ନାଥଖୁଣ୍ଟା ନିକଟରେ ଭାରସାମ୍ୟ ହରାଇ ସୁବର୍ଣ୍ଣରେଖା ମୁଖ୍ୟ କେନାଲ ଉପରେ ନିର୍ମିତ ପୋଲ ତଳକୁ ଖସି ପଡ଼ିଥିଲା। ନଦୀରେ ପାଣି ନଥିବାରୁ ପଥରରେ ପିଟିହୋଇ ଡ୍ରାଇଭର ଓ ହେଲପରଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଦୁର୍ଘଟଣାର ପ୍ରକୃତ କାରଣ ଜଣାପଡ଼ି ନଥିବାବେଳେ ଡ୍ରାଇଭରଙ୍କ ଆଖି ଲାଗିଯିବାରୁ ଦୁର୍ଘଟଣା ଘଟିଥାଇ ପାରେ ବୋଲି ସନ୍ଦେହ କରାଯାଉଛି। ଖବରପାଇ ବାଙ୍ଗିରିପୋଷି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଚାଳକ ଓ ହେଲ୍ପରଙ୍କ ମୃତଦେହକୁ ଟ୍ରକ୍ ଭିତରୁ ଉଦ୍ଧାର କରିଥିଲେ। ତେବେ ମୃତ ୨ଜଣ ଶ୍ରୀକାକୁଲମ ଅଞ୍ଚଳର ହୋଇଥିବା ଜଣାପଡ଼ିଛି।

# ହିଞ୍ଜିଳି ଥାନା ନବନିର୍ମିତ କୋଠାର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

ହିଞ୍ଜିଳିକାଟୁ, (ସବ୍ୟୁ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଞ୍ଜାମ ପୁଲିସ ଜିଲ୍ଲାର ହିଞ୍ଜିଳି ଥାନା ସମେତ ୧୫ଟି ଜିଲ୍ଲାର ନବର୍ନିମିତ ୨୯ଟି ଥାନା କୋଠା/ ଫାଣ୍ଡି/ ପୁଲିସ ଉପଖଣ୍ଡ ଅଧିକାରୀ କାର୍ଯ୍ୟାଳୟର ଆଭାସି ମାଧମରେ ବୁଧବାର ଲୋକାର୍ପିତ କରିଛନ୍ତି । ପୁଲିସି ଡିଜି ଅରୁଣ କୁମାର ଷଡଙ୍ଗୀଙ୍କ ଅଧକ୍ଷତାରେ ଓଡିଶା ପୁଲିସ ମୁଖ୍ୟାଳୟ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ୫-ଟି ତଥା ନବୀନ ଓଡିଶା ଅଧକ୍ଷ ଭି.କେ.ପାଣ୍ଡିୟାନଙ୍କ ସଂଯୋଜନାରେ ଆୟୋଜିତ ଲୋକାର୍ପଣ ଉତ୍ସବରେ ମୁଖ୍ୟମନ୍ତ୍ରୀ ରାଜ୍ୟରେ ଲୋକଙ୍କ ସୁରକ୍ଷାକୁ ପ୍ରାଥମିକତା ଦେବା ସହ ମହିଳା, ଶିଶୁ, ଦିବ୍ୟାଙ୍ଗଙ୍କ ସହାୟତା ଲାଗି ନବ ନିର୍ମୀତ ଥାନା କୋଠାରେ ଉତ୍କୃଷ୍ଟ ସେବା ଓ ସହାୟତା ଉପଲବ୍ଧ ଥିବା ମତବ୍ୟକ୍ତ କରିଥିଲେ। ପ୍ରଯୁକ୍ତି ବିଦ୍ୟା ଓ ନୂତନ ବୈଷୟିକ ଜ୍ଞାନ କୌଶଳରେ ବିଭିନ୍ନ ଅପରାଧିକ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବାରେ ଓଡିଶା ପୁଲିସ ଅଧିକ କ୍ରିୟାଶୀଳ, ଦକ୍ଷତା ସଂପନ୍ନ ଓ ସଫଳତା ହାସଲ କରିବା ମୁଖ୍ୟଲକ୍ଷ୍ୟ ବୋଲି ପୁଲିସି ଡିଜି ଷଡଙ୍ଗୀ କହିଥିଲେ। ୫-ଟି ଆଧାରରେ ପୁଲିସ ରାଜ୍ୟର ଅସହାୟ, ଅବହେଳିତ ଓ ନିଷ୍ପେଷିତ ଲୋକଙ୍କୁ ସହାନୁଭୂତି ସହ ଉତ୍ତମ ବ୍ୟବହାର ପଦର୍ଶନ ପୂର୍ବକ ସାମାଜିକ ସୁରକ୍ଷା, ତ୍ୱରିତ ପଦକ୍ଷେପ ମନୋଭାବ ନେଇ ଅଧିକ ନିକଟତର ହେବା ସହ ନ୍ୟାୟ ପ୍ରଦାନରେ ମୁଖ୍ୟମନ୍ତ୍ରୀଙ୍କ ଆଭିମୁଖ୍ୟକୁ ୫ଟି ଅଧକ୍ଷ ପାଣ୍ଡିୟାନ, ପୁଲିସ ବିଭାଗକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ୨କୋଟ ୧୭ ଲକ୍ଷ ୩ ହଜାର ବ୍ୟୟ ଅଟକଳରେ ନବ ନିର୍ମୀତ ସୁରମ୍ୟ ବହୁତଳ କୋଠାକୁ ମୁଖ୍ୟମନ୍ତ୍ରୀ ଲୋକାର୍ପିତ କରିଥିଲେ। ପରେ ଗଞ୍ଜାମ ଆରକ୍ଷୀ ଅଧିକ୍ଷକ ଜଗ ମୋହନ ମୀନାଙ୍କ ଗହଣରେ ଆସିକା ସାଂସଦ ପ୍ରମିଳା ବିଷୋୟୀ ରିବନ କାଟି ନବ ନିର୍ମୀତ କୋଠାର ଗୃହ ପ୍ରବେଶ କରିଥିଲେ । ଆୟୋଜିତ ଲୋକାର୍ପଣ ଉତ୍ସବରେ ଓଏସଏଏମବି ଅଧକ୍ଷ ସୁରେନ୍ଦ୍ର ପ୍ରଧାନ, ପୌରାଧକ୍ଷ ସୁବାଷ ପୋଲେଇ,ବ୍ଲକ ଅଧକ୍ଷା ସରସ୍ୱତୀ ସେଠି, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଦେବାନନ୍ଦ ମହାପାତ୍ର, ଗ୍ରୀଟ୍ ଅଧକ୍ଷ ପବିତ୍ର ମୋହନ ପାଣିଗ୍ରାହୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସଂଗ୍ରାମ କେଶରୀ ବେହେରା, ହିଞ୍ଜିଳିକାଟୁ ବିଡିଓ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ପ୍ରାକ୍ତନ ବ୍ଲକ ଅଧକ୍ଷ ଏନ. ରଘୁନାଥ, ଜିଲ୍ଲା ସାଧାରଣ ସମ୍ପାଦକ ଅନିଲ ମହାପାତ୍ର, ଆସିକା ଏସଡିପିଓ ସଞ୍ଜୟ ମହାପାତ୍ର, ହିଞ୍ଜିଳି ଥାନା ଆଇଆଇସି ଶ୍ରୀନିବାସ ସେଠି, କୋଟିନଡା ଥାନା ଆଇଆଇସି କୃଷ୍ଣଚନ୍ଦ୍ର ସାହା, ଆସିକା ଥାନା ଆଇଆଇସି ରାଜେନ୍ଦ୍ର ପଟ୍ଟନାୟକ, ବେଲଗାଁ ଥାନା ଆଇଆଇସି ସ୍ମିତାରାଣୀ ପ୍ରଧାନଙ୍କ ସମେତ ବହୁ ଜିଲ୍ଲା ପରିଷଦସଭ୍ୟ, ସରପଞ୍ଚ, ସମିତିସଭ୍ୟ, କାଉନସିଲର ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ବୁଦ୍ଧିଜୀବି ଉପସ୍ଥିତ ଥିଲେ ।

# ଆମ୍ବ ଗଛରୁ ନାବାଳକର ଝୁଲନ୍ତା ମୃତ ଦେହ ଠାବ

ବାଲିଗୁଡ଼ା, (ସବ୍ୟୁ): କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କୋଟଗଡ଼ ଥାନା ଶ୍ରୀରାମପୁରରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ୧୨ ବର୍ଷର ନାବାଳକର ସନ୍ଦେହ ଜନକ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଝୁଲନ୍ତା ଅବସ୍ଥାରେ ନାବାଳକର ମୃତ ଦେହ ଗାଁ ନିକଟସ୍ଥ ଏକ ଆମ୍ବ ଗଛରୁ ଠାବ ହୋଇଛି । ସୂଚନା ପ୍ରକାରେ ଶ୍ରୀରାମପୁର ପଞ୍ଚାୟତର ଓଡିଆ ସାହିର ଧ୍ୱଜ ପ୍ରଧାନୀଙ୍କ ୧୨ ବର୍ଷର ନାବାଳକ ପୁଅ ଶୁଭମ ପ୍ରଧାନୀ ମଙ୍ଗଳବାର ନିଖୋଜ ଥିଲା । ପରିବାର ଲୋକେ ବହୁତ ଖୋଜାଖୋଜି ପରେ ମଧ୍ୟ ପୁଅର ସନ୍ଧାନ ପାଇନଥିଲେ । ବୁଧବାର ସକାଳେ ଗାଁ ନିକଟସ୍ଥ ଏକ ଆମ୍ବ ଗଛରେ ଶୁଭମର ମୃତଦେହ ଝୁଲୁଥିବା ଅଞ୍ଚଳବାସୀ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ପରିବାର ଲୋକେ ପହଁଚି ପୁଅର ଅବସ୍ଥା ଦେଖି କୋଟଗଡ଼ ଥାନା ପୋଲିସକୁ ଖବର ଦେବା ସହ ଏହା ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି ପରିବାର ଲୋକେ । ଖବରପାଇ କୋଟଗଡ଼ ଥାନା ପୋଲିସ୍ ଘଟଣା ସ୍ଥଳରେ ପହଁଚି ଶବ ଜବତ କରିବା ସହ ବ୍ୟବଛେଦ ନିମନ୍ତେ ତୁମୁଡ଼ିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଅନ୍ୟପଟେ ପରିବାର ଲୋକଙ୍କ ଅଭିଯୋଗକୁ ଭିତ୍ତି କରି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି । ଶବ ବ୍ୟବଛଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଥାନା ଅଧିକାରୀ ପ୍ରକାଶ କରିଛନ୍ତି ।

# ଛତ୍ରପୁର ଥାନାର ନବନିର୍ମିତ କୋଠାକୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ଛତ୍ରପୁର, (ସବ୍ୟୁ): ଗଞ୍ଜାମ ପୋଲିସ ଜିଲା ଅଧୀନ ଛତ୍ରପୁର ଥାନାର ନୂତନ ବିଲ୍ଡିଂ ଉଦ୍‌ଘାଟିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍ଫରେନ୍ସିଂ ମାଧମରେ ଆଜି ଲୋକାର୍ପିତ କରିଛନ୍ତି। ଏନେଇ ଥାନା ପରିସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଥାନାଟିର ନିର୍ମାଣ ଆଧୁନିକ ବ୍ୟବସ୍ଥା ହୋଇଛି । ଲୋକଙ୍କୁ ପୋଲିସ ସେବା ଦେବାରେ ଆହୁରି ଉନ୍ନତି ଆସିବ ବୋଲି କୁହାଯାଇଛି। ଏହି ଶୁଭାରମ୍ଭ ଅବସରରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ଗଞ୍ଜାମ ପୋଲିସ ଜିଲ୍ଲାର ଅତିରିକ୍ତ ଏସପି ରାଜୀବ ଲୋଚନ ପଣ୍ଡା, ଛତ୍ରପୁର ଉପଜିଲ୍ଲାପାଳ ଦେବଦତ୍ତ ମହାନ୍ତ, ଗଞ୍ଜାମ ଆରଟିଓ ମାନସ ରଞ୍ଜନ ସାହୁ, ଛତ୍ରପୁର ପୌରପାଳିକା ଅଧକ୍ଷା ଶର୍ମିଷ୍ଠା ପ୍ରଧାନ, ଜିଲ୍ଲାପରିଷଦ ସଭ୍ୟ ଏମ. ଧନଞ୍ଜୟ ରେଡ୍ଡୀ, ଜିଲ୍ଲା ପରିଷଦ ସଭ୍ୟା ରଶ୍ମିତା ନାହାକ, ଗଞ୍ଜାମ ପୋଲିସ ଜିଲ୍ଲାର ଡିଆଇବିଡ଼ିଏସପି ରଞ୍ଜନ କୁମାର ଦେ, ଛତ୍ରପୁର ଏସ୍ଡିପିଓ ଗୌରହରି ସାହୁ, ଛତ୍ରପୁର ଥାନା ଅଧିକାରୀ ନିରୋଦ କୁମାର ଦାଶ, ଛତ୍ରପୁର ନଗର ବିଜେଡି ସଭାପତି ବି. ରାଜୁବାବୁ ଙ୍କ ସମେତ ଛତ୍ରପୁର ପୌରପାଳିକାର ବହୁ କାଉନସିଲର, ବ୍ଲକ ର ବହୁ ଜନ ପ୍ରତିନିଧି ଏବଂ ପୋଲିସ ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

# ଫସଲ ବିବିଧକରଣ ଯୋଜନାରେ ଜିଲ୍ଲାସ୍ତରୀୟ ରନ୍ଧନ ପ୍ରତିଯୋଗିତା, ସମ୍ବର୍ଦ୍ଧନା




ବାରିପଦା, (ସବ୍ୟୁ) : ବୁଧବାର କୃଷି ବିଭାଗ, ଓଡ଼ିଶା ସରକାରଙ୍କ ବୃହତ୍ତ ଉଠା ଜଳସେଚନ ଅଞ୍ଚଳରେ ଫସଲ ବିବିଧିକରଣ ଯୋଜନାରେ ଜିଲ୍ଲାସ୍ତରୀୟ ରନ୍ଧନ ପ୍ରତିଯୋଗିତା ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ବାରିପଦା ସ୍ଥିତ ପ୍ରୟାସ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ମୟୂରଭଞ୍ଜ ଜିଲ୍ଲାର ଛଅଟି କ୍ଲଷ୍ଟରରୁ ଆଠଟି ବ୍ଲକ ଅନ୍ତର୍ଭୁକ୍ତ ବିଭିନ୍ନ ପଞ୍ଚାୟତରୁ ୧୮ଟି ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଯୋଗଦେଇ ବିଭିନ୍ନ ଅଣଧାନରୁ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସିଦ୍ଧାର୍ଥ ବେହୁରା ମୁଖ୍ୟଅତିଥି ଭାବେ ଯୋଗଦେଇ ଯୋଜନାର ଆଭିମୁଖ୍ୟ ଚାଷୀମାନଙ୍କ ଆଗରେ ଉପସ୍ଥାପନ କରିଥିଲେ। ଉକ୍ତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ର, ଶାମାଖୁଣ୍ଟାର ବୈଜ୍ଞାନିକ, ଜିଲ୍ଲା ସାମାଜିକ ଓ ମଙ୍ଗଳ ଅଧିକାରିଣୀ, ବୃହତ୍ ଜଳସେଚନ ପ୍ରକଳ୍ପର ଯନ୍ତ୍ରୀ ବାରିପଦା ମହିଳା ମହାବିଦ୍ୟାଳୟର ଗୃହ ବିଜ୍ଞାନ ବିଭାଗର ପ୍ରଫେସର, କୃଷି ଜିଲ୍ଲା ଅଧିକାରୀ, ବାରିପଦା, ବେତନଟୀ, ବାଙ୍ଗିରିପୋଷି ଏବଂ ଉଦଳା ଯୋଗଦେଇ ଏହି ଯୋଜନାରେ ଖରିଫ ଋତୁରେ ଉଚ୍ଚ ଓ ମଧ୍ୟମ କିସମ ଜମିରେ ଧାନ ଚାଷ ନକରି ଅଣଧାନ ଚାଷ ଯଥା ମୁଗ, ବିରି, ଚିନାବାଦାମ, ହରଡ, ମାଣ୍ଡିଆ, ପନିପରିବା ଇତ୍ୟାଦି କରିବା ପାଇଁ ଚାଷୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଉକ୍ତ ରନ୍ଧନ ପ୍ରତିଯୋଗିତାରେ ପ୍ରଣତି ଦାସ, ବନଦୁର୍ଗା ସ୍ୱୟଂସହାୟକ ଗୋଷ୍ଠୀ ପ୍ରଥମ ସ୍ଥାନ, ଗ୍ଲୋରିଆ ପ୍ରଧାନ, ଖୁସି ସ୍ୱୟଂସହାୟକ ଗୋଷ୍ଠୀ ଦ୍ୱିତୀୟ ସ୍ଥାନ ଓ ପୁଷ୍ପାଞ୍ଜଳି ରାଉତ, ମା ଦୁର୍ଗା ସ୍ୱୟଂସହାୟକ ଗୋଷ୍ଠୀ ତୃତୀୟ ସ୍ଥାନ ଅଧିକାର କରିଥିଲେ ଏବଂ ଏମାନଙ୍କୁ ମୁଖ୍ୟଅତିଥି ପୁରସ୍କାର ବିତରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକର କୃଷି ଅଧିକାରୀ, ଉଦ୍ୟାନ କୃଷି ଅଧିକାରୀ, ବୃହତ ଉଠା ଜଳ ସେଚନର ଯନ୍ତ୍ରୀ, ଇରଉ ର ଊଖଗ, ଗଝଇ, ରଇ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ୍ୟ କରିଥିଲେ। ଏହି ସମାରୋହକୁ ଯୋଜନା ଅଧିକାରୀ ସୁଧାଂଶୁ ଶେଖର ପଣ୍ଡା ଏବଂ ବରିଷ୍ଠ ସହାୟକ ମାନସ କୁମାର ମହାନ୍ତି ପରିଚାଳନା କରିଥିଲେ। ପରିଶେଷରେ ଗ୍ରାମ୍ୟ ଚେତନା ନାଟ୍ୟ ସଂସ୍ଥା, ସାଇଁକୁଳା ନାଟ୍ୟ ପରିବେଷଣ କରିଥିଲେ।

# ନବନିର୍ମିତ ବାଲିପଦର ଫାଣ୍ଡି ଗୃହ ଉଦ୍‌ଘାଟିତ

ବୁଗୁଡା, (ସବ୍ୟୁ): ବୁଗୁଡା ଥାନା ଅଧିନସ୍ଥ ନବ ନିର୍ମିତ ବାଲିପଦର ଫାଣ୍ଡି ଗୃହ ଉଦଘାଟିତ ହୋଇଯାଇଛି । ଆଭାସୀ ମାଧମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉକ୍ତ ନୂତନ ଫାଣ୍ଡି ଗୃହର ଉଦଘାଟନ କାର୍ଯ୍ୟକ୍ରମରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ବ୍ଲକ ଅଧକ୍ଷା କେ.ପ୍ରିୟଦର୍ଶିନୀ ଆଚାରୀ ଓ ଉପାଧକ୍ଷ ମାନସ ରଞ୍ଜନ ପ୍ରଧାନ, ଏନଏସି ଅଧକ୍ଷ ଚିତ୍ରସେନ ପ୍ରଧାନ ଓ ଉପାଧକ୍ଷା ଗିତାଞ୍ଜଳୀ ପାତ୍ରୀ, ବାଲିପଦର ସରପଞ୍ଚ ରାଜଲକ୍ଷ୍ମୀ ପ୍ରଧାନ, ଏଏସପି ପ୍ରଫୁଲ୍ଲ ଚନ୍ଦ୍ର ବଡଜେନା, ଏସଡିପିଓ ସୁଜିତ କୁମାର ନାୟକ, ଥାନା ଅଧିକାରୀ ପ୍ରଭାତ ମହାନ୍ତି, ଫାଣ୍ଡି ଅଧିକାରୀ ସମୀର କୁମାର ବେହେରାଙ୍କ ସମେତ ଅନ୍ୟାନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ରହିଥିଲେ ।

# ଭାଟିରେ ଚଢ଼ାଉ : ମଦ ଜବତ, ଜଣେ ଗିରଫ

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ଅବକାରୀ ଥାନା ଅନ୍ତର୍ଗତ ମାଣିତରା, ଦିଗି ଓ ସେନାପତି ପାହାଡିଆ ଅଞ୍ଚଳରେ ଥାନା ଓ ଅବକାରୀ ପୋଲିସ ଚଢାଉ କରି ୩୪୦୦ ଲିଟରର ପୋଚ ନଷ୍ଟ କରିବା ସହ ୧୨୦ ଲିଟର ମଦ ଏବଂ ମଦ ପ୍ରସ୍ତୁତିରେ ବ୍ୟବହୃତ ବିଭିନ୍ନ ସାମଗ୍ରୀକୁ ଜବତ କରିବା ସହ ଜଣକୁ ଗିରଫ କରିଥିବା ଜଣାଯାଇଛି। ଗିରଫ ଜଣକ ହେଲେ ମାଣିତରା ଗ୍ରାମର ବାବୁ ମହାରଣା । ଏନେଇ ଅବକାରୀ ଥାନାରେ ୧୧୫/୨୩-୨୪ରେ ଏକ ମାମଲା ରୁଜୁ ହୋଇଥିବା ଅବକାରୀ ଅଧିକାରୀଙ୍କ ଠାରୁ ପ୍ରକାଶ ପାଇଛି । ଜିଲ୍ଲା ଅବକାରୀ ଆରକ୍ଷୀ ଅଧିକ୍ଷକ ଦେବୀ ପ୍ରସାଦ ଦାସଙ୍କ ନିର୍ଦ୍ଦେଶ କ୍ରମେ ଉକ୍ତ ଚଢାଉରେ ଅବକାରୀ ଅଧିକାରୀ ମୋଜି ଶବର ଓ ପୋଲିସ ଏସଆଇ ସମୀର କୁମାର ସେଠୀଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ୍ ରହିଥିଲେ।


## କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତଙ୍କ ପ୍ରୟାସ

କିଟ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ
କନ୍ଧମାଳ ଜିଲ୍ଲା ପ୍ରଶାସନର ସହଯୋଗରେ

କନ୍ଧମାଳ ସଂସଦୀୟ କ୍ଷେତ୍ରରେ
## ମେଗା ନିଯୁକ୍ତି ମେଳା ୨୦୨୪




୨୦୦୦୦
ପ୍ରାର୍ଥୀଙ୍କ ଯୋଗଦାନ

ପ୍ରଥମ ପର୍ଯ୍ୟାୟରେ ଗୋଟିଏ ଦିନରେ
୧୦, ୦୦୦
ପ୍ରାର୍ଥୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ

ମାସିକ ବେତନ
୧୨,୦୦୦/- ରୁ ୩୫,୦୦୦/-
ଟଙ୍କା

ବିଭିନ୍ନ ଭାରତୀୟ କମ୍ପାନୀ ଦ୍ୱାରା
୧୦ ହଜାର ପ୍ରାର୍ଥୀ ମନୋନୀତ

ଓଡ଼ିଶା କମ୍ପାନୀ ଦ୍ୱାରା
୩୫୦୦ ପ୍ରାର୍ଥୀ ମନୋନୀତ

- ୨୦୨୪ ଜାନୁଆରୀ ୨୧ରେ ବିରାଟ ନିଯୁକ୍ତି ମେଳା ଆୟୋଜିତ
- ୧୦୦ରୁ ଉର୍ଦ୍ଧ୍ୱ କମ୍ପାନୀଙ୍କ ଯୋଗଦାନ
- ୨୦ ହଜାର ଯୁବକଯୁବତୀଙ୍କ ପଞ୍ଜୀକରଣ
- ପ୍ରଥମ ପର୍ଯ୍ୟାୟରେ ୧୦ ହଜାର ଯୁବକଯୁବତୀଙ୍କୁ ନିଯୁକ୍ତିପତ୍ର ବଣ୍ଟନ
- ଦ୍ୱିତୀୟ ପର୍ଯ୍ୟାୟରେ ୩ ହଜାର ୫ଶହ ଜଣଙ୍କୁ ବଣ୍ଟନ ହେବ
- କୌଣସି ସାଂସଦଙ୍କ ବ୍ୟକ୍ତିଗତ ପ୍ରୟାସରେ ଏଭଳି ପଦକ୍ଷେପ ବିରଳ
- ଗୋଟିଏ ଦିନରେ ୧୦ ହଜାର ଯୁବକଯୁବତୀଙ୍କ ତତ୍‌କାଳ ସାକ୍ଷାତକାର (Walk-in-Interview) ଓ ନିଯୁକ୍ତି ହେବା ଭାରତରେ ପ୍ରଥମ
- ଏହି ପ୍ରୟାସ ପାଇଁ ସାଂସଦ ସାମନ୍ତଙ୍କୁ କନ୍ଧମାଳ ସଂସଦୀୟ କ୍ଷେତ୍ରର ସମସ୍ତ ପିତାମାତା ଓ ଅଭିଭାବକଙ୍କ ଧନ୍ୟବାଦ

ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୂଆ ଓଡ଼ିଶା-ନବୀନ ଓଡ଼ିଶା ଲକ୍ଷ୍ୟର ଏହା ଅନ୍ୟଏକ ପ୍ରୟାସ । ଯୁବକଯୁବତୀମାନେ ଶିକ୍ଷିତ, ସଶକ୍ତ ହୋଇ ରୋଜଗାରକ୍ଷମ ହେବା ନେଇ ମୁଖ୍ୟମନ୍ତ୍ରୀଙ୍କ ଯେଉଁ ଉଦ୍ଦେଶ୍ୟ ରହିଛି ତାହା ଏଠାରେ କାର୍ଯ୍ୟକାରୀ କରାଯାଇଛି । ଏହା ଦ୍ୱାରା ଓଡ଼ିଶା ସମେତ ସମଗ୍ର ଭାରତରୁ ୧୨୦ କମ୍ପାନୀ ଫୁଲବାଣୀ ସହରକୁ ଆସିପାରିଛନ୍ତି । ଏଭଳି ସଫଳ ଆୟୋଜନ ପଛରେ ଜିଲ୍ଲା ପ୍ରଶାସନ ଓ କିଟ୍ କର୍ମଚାରୀଙ୍କ ଅକ୍ଳାନ୍ତ ସହଯୋଗ ପାଇଁ ସେମାନଙ୍କୁ ଧନ୍ୟବାଦ । ନିର୍ବାଚନ ସମୟରେ କନ୍ଧମାଳବାସୀଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ଓ ପର୍ଯ୍ୟଟନର ବିକାଶ ନେଇ ଦେଇଥିବା ପ୍ରତିଶ୍ରୁତି ପାଳନ କରିବା ପାଇଁ ଏହା ଏକ ପ୍ରଚେଷ୍ଟା । ନିଯୁକ୍ତି ପତ୍ର ପାଇଥିବା ସମସ୍ତ ପ୍ରାର୍ଥୀ/ପ୍ରାର୍ଥିନୀଙ୍କୁ ଅନୁରୋଧ ସେମାନେ ନିଜନିଜ କମ୍ପାନୀରେ ଯୋଗଦେଇ ଚାକିରି କଲେ ସେମାନେ ଓ ସେମାନଙ୍କ ପରିବାର ପାଇଁ ଭଲ ହେବ ।

– ଅଚ୍ୟୁତ ସାମନ୍ତ



ବି.ଦ୍ର.: କନ୍ଧମାଳ ସଂସଦୀୟ କ୍ଷେତ୍ରର ୪ଟି ଜିଲ୍ଲାର ୨୦ଟି ବ୍ଲକ୍‌ରେ ବିଡିଓମାନଙ୍କ ଜରିଆରେ ନିଯୁକ୍ତିପତ୍ର ବଣ୍ଟନ କରାଯାଉଛି ।

# ୧୩୨ ଜଣଙ୍କୁ ବିଏସ୍‌କେୱାଇ ନବୀନ କାର୍ଡ



କଣିହାଁ, (ସବ୍ୟ) : ଅନୁଗୋଳ ଜିଲା କଣିହାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକର ପାଲଲହଡ଼ା ଓ ତାଳଚେର ନିର୍ବାଚନ ମଣ୍ଡଳୀର ଅନ୍ତର୍ଭୁକ୍ତ ବ୍ଲକର ୨୭ ପଞ୍ଚାୟତର ୧୩୨ ଜଣଙ୍କୁ 'ବିଏସକେୱାଇ ନବୀନ କାର୍ଡ' ବିତରଣ କରାଯାଇଛି । ଉକ୍ତ ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାଲଲହଡା ବିଧାୟକ ମୁକେଶ କୁମାର ପାଳ, କଣିହାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଆମ ଓଡ଼ିଶା ନବୀନ ଓଡ଼ିଶା ସଂଯୋଜକ କୈଳାଶ ଚନ୍ଦ୍ର ସାହୁ, ସାଂସଦଙ୍କ ପ୍ରତିନିଧି ନିର୍ମଳ ସାହୁ, ତାଳଚେର ବିଧାୟକଙ୍କ ପ୍ରତିନିଧି ସୁନିଲ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇ ବିଜୁ ସ୍ୱାସ୍ଥ୍ୟ ନବୀନ କାର୍ଡ ବଣ୍ଟନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ କଣିହାଁ ବ୍ଲକ ଗୋଷ୍ଠି ଉନ୍ନୟନ ଅଧିକାରୀ ଦେବଦତ୍ତ ପ୍ରଧାନ, ସମସ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ଥିଲେ ।

# ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର, ଉଦ୍‌ଘାଟନ

କଣିହାଁ, (ସବ୍ୟ) : କଣିହା ବ୍ଲକ ଅନ୍ତର୍ଗତ ୧୦ନଂ ଜୋନର ସୁଶବା, ଗଣ୍ଡମଳା, ବିରୁ, କୁଲେଇ ହରିହରପୁର, ପଂଚାୟତ ଗୁଡିକରେ ବିଭିନ୍ନ ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ ଓ ଶୁଭ ଉଦଘାଟନ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାଲଲହଡା ବିଧାୟକ ମୁକେଶ କୁମାର ପାଳ, ସମ୍ମାନିତ ଅତିଥି ଭାବେ ଆମ ଓଡିଶା ନବୀନ ଓଡିଶା ସଂଯୋଜକ କୈଳାସ ଚନ୍ଦ୍ର ସାହୁ, କଣିହାଁ ବ୍ଲକ ଅଧକ୍ଷ ରାମକୃଷ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟା ରଶ୍ମିତା ବେହେରା, ସମିତି ସଭ୍ୟା ଭାରତୀ ସାହୁ, କୁଲେଇ ସରପଞ୍ଚ ଜ୍ୟୋସ୍ନାମୟୀ ଗଡ଼ନାୟକ, ହରିହରପୁର ପଂଚାୟତ ସରପଞ୍ଚ ଦିପ୍ତିମୟୀ ପ୍ରଧାନପ୍ରମୁଖ ଯୋଗଦେଇ ନଡିଆ ବାଡ଼େଇ ପ୍ରକଳ୍ପ ଗୁଡିକର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦଘାଟନ କରିଥିଲେ । ପ୍ରକଳ୍ପ ଗୁଡିକ ହେଲା ଶୁଶୁବା ପଂଚାୟତର ଗଣେଶ କ୍ଲବ ଗେଙ୍ଗୁଟିଆ ଅନନ୍ତ ଆଶ୍ରମ, ପୋଡାଗାଡ଼ କମଳିନୀ କୋଠଘର, ବଜରଙ୍ଗୀ କୋଠଘର, ଶୁଶୁବା ପୂର୍ଣ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ ଗୃହ, ଶୁଶୁବା ଦକ୍ଷିଣ କାଳୀ ପୀଠ, ଗଣ୍ଡମାଳା ପଂଚାୟତରେ ଗଣ୍ଡମାଳା ପ୍ରାଥମିକ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ ଗୃହ, ସୁଲେଇପାଳ ପ୍ରାଥମିକ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ ଗୃହ, ହରିଜନ ସାହି ମଙ୍ଗଳା ମଣ୍ଡପ, ଗଡ଼ନାୟକ ସାହି କୋଠ ଘର, ବଳଦିଆ ସାହି ସଂକୀର୍ତ୍ତନ ମଣ୍ଡଳୀ ଗୃହ, ଶନିମଣ୍ଡପ, ବିରୁ ପଂଚାୟତ ଆମ ବ୍ୟାଙ୍କ ଗୃହ, କୋଡ଼ାସାହି କୋଠ ଘର, ସହର ସାହି କୋଠ ଘର, କୁଲେଇ ପଂଚାୟତର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଡୁମୁଗୁଳା, କୁଲେଇ ଆମ ବ୍ୟାଙ୍କ ଶୁଭ ଉଦଘାଟନ, ହରିହରପୁର ପଂଚାୟତର ଦୁମଦୁମା ମନ୍ଦିର, ଶିବରାମପୁର ମନ୍ଦିର ଉଦଘାଟନ ଇତ୍ୟାଦି ଅନ୍ତର୍ଭୁକ୍ତ । ଏହି କାର୍ଯ୍ୟକ୍ରମରେ ପାଲଲହଡା ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ସୁବାସ ଚନ୍ଦ୍ର ମହାନ୍ତି, କଣିହାଁ ବ୍ଲକ ଯୁବ ସଭାପତି ଗଗନ ରାଉତ,କୃପାସିନ୍ଧୁ ସାହୁ, ଝସକେତନ ପ୍ରଧାନ, ଧର୍ମେନ୍ଦ୍ର ସାମଲ, ଗିରିଶ ସାହୁ, ଅବନୀ ଦେହୁରୀ, ପ୍ରଦୀପ ସାମଲ, ସତ୍ୟାନନ୍ଦ ଗଡ଼ନାୟକ, ସୌଭାଗ୍ୟ ପ୍ରଧାନ, ଜୟନ୍ତ ପ୍ରଧାନ, ପ୍ରଶାନ୍ତ ସାହୁ, ବିରଞ୍ଚି ନାରାୟଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

# କାଳବୈଶାଖୀ ପ୍ରଭାବ : ଭାଙ୍ଗିଲା ଗଛ , ଉଡିଲା ଛପର

ଆରଡି,(ସବ୍ୟ):ବୁଧବାର ଅପରାହ୍ଣରେ ଆରଡି ସମେତ ଆଖପାଖ ଅଂଚଳରେ ହଠାତ ଆକାଶରେ କଳାବାଦଲ ଘୋଟି ଆସିବା ସହ କାଳବୈଶାଖୀ ପ୍ରଭାବରେ ଝଡତୋଫାନ ସହିତ ବର୍ଷା ଓ ବଜ୍ରପାତରେ ଛୋଟବଡ ଗଛ ଉପୁଡି ପଡିଥିବା ବେଳେ ବହୁ ଛପର ଘର ଉଡିଯାଇଛି। ଦୀର୍ଘ ୧ଘଣ୍ଟା ଧରି ଝଡତୋଫାନ ଓ ବର୍ଷା ଲାଗି ରହିବାରୁ ଭଦ୍ରକ-ଆଖଣ୍ଡଳମଣି ରାସ୍ତା ପାଶର୍‌ବରେ ଥିବା ଗଛ ଓ ହୋଡିଂ ଭାଙ୍ଗି ପଡି ରାସ୍ତାରେ ପଡି ରହିବାରୁ କିଛି ସମୟ ପାଇଁ ଉଭୟ ପାଶର୍‌ବରେ ଗାଡି ବସ ଆଦି ଅଟକି ରହିଥିଲେ। ଝଡତୋଫାନ କମିବା ପରେ ସ୍ଥାନୀୟ ଲୋକଙ୍କ ପକ୍ଷରୁ ରାସ୍ତା ସଫା କରାଯିବା ପରେ ସ୍ୱାଭାବିକ ଅବସ୍ଥା ଫେରିଥିଲା। ତାହାସହ ଅନେକ ସ୍ଥାନରେ ବିଦ୍ୟୁତଖୁଣ୍ଟ ଭାଙ୍ଗି ପଡିଥିବା ବେଳେ ତାର ଛିଡି ଯାଇଥିବାରୁ ଦୀର୍ଘ ୪ଘଣ୍ଟାରୁ ଉର୍ଦ୍ଧ ହେବ ବିଦ୍ୟୁତ ସରାବର ବନ୍ଦ ରହିଛି। ଫଳରେ ମୋବାଇଲ ସେବା ଓ ପାନୀୟଜଳ ସେବା ଠପ୍ ହୋଇଯାଇଛି।

# ବିଜେପିରୁ ଇସ୍ତଫା ଦେଲେ ପୌରାଧକ୍ଷ ମାଧବ ଧଡ଼ା

ସୋର,(ସବ୍ୟ) :ସୋର ପୌରାଧକ୍ଷ ମାଧବ ଧଡ଼ା ମଙ୍ଗଳବାର ଦିନ ବିଜେପି ଦଳର ପ୍ରାଥମିକ ସଦସ୍ୟତା ପଦରୁ ଇସ୍ତାଫା ଦେଇଥିବା ସଂପର୍କରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଷ୍ଟେସନଛକସ୍ଥିତ ରୟାଲ ହୋଟେଲ ସଭାଗୃହରେ ଆୟୋଜିତ ଏହି ସମ୍ବାଦିକ ସମ୍ମିଳନୀରେ ଶ୍ରୀ ଧଡ଼ା ତାଙ୍କର ଇସ୍ତଫା ସଂପର୍କରେ ସୂଚନା ଦେବା ସହିତ ଦଳୀୟ କାର୍ଯ୍ୟକ୍ରମରେ ତାଙ୍କୁ କୋଣଠେସା କରାଯିବା ସହିତ ଲଗାତର ଅଣଦେଖା କରାଯାଉଛି, ଏହା ଦିନକୁ ଦିନ ଅସହ୍ୟ ହେବାରୁ ସେ ଭାରତୀୟ ଜନତା ପାର୍ଟିରୁ ଇସ୍ତଫା ଦେବା ସଂପର୍କରେ ସଭାପତି ମନମୋହନ ସାମଲଙ୍କୁ ଲିଖିତ ଭାବେ ଜଣାଇଥିବା କହିଛନ୍ତି। ଶ୍ରୀ ଧଡ଼ା ୨୦୧୯ ମସିହାରେ ବିଜେଡ଼ିରୁ ଇସ୍ତଫା ଦେଇ ବିଜେପିରେ ଯୋଗଦେଇଥିଲେ। ୨୦୨୨ ପୌର ନିର୍ବାଚନରେ ବିଜେପିରୁ ଟିକେଟ ପାଇଁ ସୋର ପୌର ଅଧକ୍ଷ ପଦବୀ ପାଇଁ ନିର୍ବାଚନ ଲଢ଼ି ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ଅବିନାଶ ପାତ୍ରଙ୍କୁ ପରାସ୍ତ କରି ବିଜୟ ଲାଭ କରିଥିଲେ। ଆଗାମୀ ନିର୍ବାଚନକୁ ଆଖିରେ ରଖି ଇସ୍ତଫା ଦେଇ ପୁଣି ତାଙ୍କର ଘର ବାହୁଡ଼ା ହେବକି ବୋଲି ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତରେ ସେ କହିଛନ୍ତି ଯେ ସେ ଏ ପର୍ଯ୍ୟନ୍ତ କୌଣସି ସ୍ଥିର କରି ନାହାଁନ୍ତି, ସେ ଅନ୍ୟ କୌଣସି ଦଳରୁ ବିଧାୟକ ପଦ ପାଇଁ ପ୍ରାର୍ଥୀ ହୋଇପାରନ୍ତି କି ବୋଲି ପ୍ରଶ୍ନର ଉତ୍ତରରେ କହିଛନ୍ତି ଯେ ସେପରି ସୁଯୋଗ ମିଳିଲେ ସେ ନିଶ୍ଚୟ ଚିନ୍ତା କରିବେ। ତେବେ ରାଜନୈତିକ ସମୀକ୍ଷକମାନଙ୍କ ମତ ଅନୁସାରେ ସେ ବିଜେପିରୁ ଟିକେଟ ପାଇବାର ଆଶା କ୍ଷୀଣ ହୋଇଥିବା ବେଳେ ସଂପ୍ରତି ମେଣ୍ଟହେଲେ ସୋର ଆସନ ବିଜେଡି ଭାଗରେ ଯଦି ପଡ଼ିଯାଏ ତେବେ ବିଜେପି ଏବଂ ବିରୋଧୀ ବିଜେଡିଙ୍କ ଭୋଟକୁ ଅକ୍ତିଆର କରିବାକୁ ସକ୍ଷମ ହୋଇପାରିବା ଆଶାରେ ହୁଏତ ତାଙ୍କୁ ଟିକେଟ ମିଳିଯିବ ବୋଲି ଶ୍ରୀ ଧଡ଼ା ଆଶାବାନ୍ଧି ଏପରି ତୁରନ୍ତ ଇସ୍ତଫା ନାଟକ କରିଥିବା କୁହାଯାଇଛି। ଦଳବଦଳ ଆଇନ ଅନୁସାରେ ପାର୍ଟି ସଙ୍କେତରେ ବିଜୟୀ ହୋଇଥିବା ପ୍ରାର୍ଥୀ ୨ ତୃତୀୟାଂଶରୁ ଅଧିକ ସଦସ୍ୟ ସମର୍ଥକଙ୍କ ସହିତ ନଗଲେ ପଦବୀ ହରାଇବାର ସମ୍ଭାବନା ରହିଛି। ସେହି ଅନୁସାରେ ଶ୍ରୀ ଧଡ଼ା ଯଦି ଅତିକମ୍‌ରେ ୯ଜଣ କାଉନ୍‌ସିଲର ତାଙ୍କ ସହିତ ଦଳବଦଳ କଲେ ତାଙ୍କର ଅଧକ୍ଷ ପଦ ରହିବ ବୋଲି ସମୀକ୍ଷକମାନେ ମତ ଦେଇଛନ୍ତି।

# କଂଗ୍ରେସ ଦଳର ମିଶ୍ରଣ ପର୍ବ

ଆରଡି, (ସବ୍ୟ) : ଗତ ମଙ୍ଗଳବାର ଚାନ୍ଦବାଲି ନିର୍ବାଚନ ମଣ୍ଡଳୀର ସୁନ୍ଦରପୁର ପଂଚାୟତରେ ଅନ୍ୟ ଦଳ ଛାଡି ୩୦ପରିବାର କଂଗ୍ରେସରେ ଯୋଗ ଦେଇଛନ୍ତି। ଏହି ମିଶ୍ରଣପର୍ବରେ କଂଗ୍ରେସଦଳର ସଭାପତି ତ୍ରୈଲୋଚନ ପଣ୍ଡା, ବିଧାୟକ ପାର୍ଥୀ ଅମୀୟ ମହାପାତ୍ରଙ୍କ ସହ ବରିଷ୍ଠନେତା ଦିଗମ୍ବର ଦାସ, ସ୍ଥାନୀୟ ନେତା ନରେନ୍ଦ୍ର ବିଶ୍ୱାଳ ଅଭିମନ୍ୟୁ ପଲାଇ, ମିଟୁ ବେହୁରୀଆ,ଆର୍ତ୍ତବନ୍ଧୁ ପାତ୍ରୀଙ୍କ ସହ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ। ମିଶ୍ରଣପର୍ବକୁ ନେଇ କର୍ମୀମାନଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖାଦେଇଥିଲା।

# ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ ମନ୍ତ୍ରୀ



କାମାକ୍ଷାନଗର, (ସବ୍ୟ) : କାମାକ୍ଷାନଗର ସହର ରେ ନିର୍ମାଣ ହେବ ନୂତନ ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟ ଓ ପୂର୍ତ୍ତ ବିଭାଗ ଅତିରିକ୍ତ ଡାକବଙ୍ଗଳା । ଆଜି ଏଥିପାଇଁ ଭିତ୍ତିପ୍ରସ୍ତର ସ୍ଥାପନା ହୋଇଯାଇଛି। କାମାକ୍ଷାନଗର ବିଧାୟକ ତଥା ରାଜ୍ୟ ଖଣି, ଇସ୍ପାତ ଓ ପୂର୍ତ୍ତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହି ପ୍ରକଳ୍ପ ଗୁଡିକର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ସହରର ହନୁମାନବଜାର ଠାରେ ଥିବା ପୂର୍ତ୍ତବିଭାଗ ଡାକବଙ୍ଗଳା ପରିସରରେ ପ୍ରାୟ ୮୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରେ ଅତିରିକ୍ତ ଗୃହ ଓ ପ୍ରଥମମହଲା ନିର୍ମାଣ ହେବାକୁ ଥିବା ବେଳେ ସାରଙ୍ଗଧର ଷ୍ଟାଡିୟମ ନିକଟରେ ୧ କୋଟି ୫୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଗ୍ରାମ୍ୟ ଉନ୍ନୟନ ବିଭାଗର ନୂତନ କାର୍ଯ୍ୟାଳୟ ନିର୍ମାଣ କରାଯିବ । ସେହିପରି ସହରର ପ୍ରବେଶପଥ ମାଳପୁରା ଗ୍ରାମ ଠାରେ ପୂର୍ତ୍ତବିଭାଗ ତରଫରୁ ଏକ ସୁଉଚ୍ଚ ଫାଟକ ନିର୍ମାଣ କରାଯିବ । ବାଙ୍କମଞ୍ଜରୀ -ବ୍ରାହ୍ମଣିଆ ରାସ୍ତା ଠାରୁ ଖଟଖୁରା ଗାଁ ପର୍ଯ୍ୟନ୍ତ ନୂତନ ସଂଯୋଗୀକରଣ ରାସ୍ତାର ମଧ ଭିତ୍ତିପ୍ରସ୍ତର ଉଦଘାଟିତ ହୋଇଯାଇଛି । ଏହି ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ କାମାକ୍ଷାନଗର ଏନଏସି ଅଧକ୍ଷ ଧର୍ମାନନ୍ଦ ପରିଡା, ବ୍ଲକ ଅଧକ୍ଷ ପ୍ରେମାନନ୍ଦ ସାହୁ, ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ବିଜୟ କୁମାର ସେଠୀ, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଶିବଜ୍ୟୋତି ସାହଙ୍କ ସମେତ ବହୁ ସ୍ଥାନୀୟ ଜନ ସାଧାରଣ ଉପସ୍ଥିତ ଥିଲେ ।

# ଠେଲାକୁ ପିଟିଲା ଯାତ୍ରୀବାହୀ ବସ୍

ତାଳଚେର, (ସବ୍ୟ): ତାଳଚେର ଟାଉନ ଥାନା ଠାରୁ ମାତ୍ର ୧କିମି ଦୂର ବାଇପାସ୍ ଛକ ପାର୍ଶ୍ୱରେ ଆଜି ମଧ୍ୟାହ୍ନ ପ୍ରାୟ ୧ଘଟିକା ସମୟରେ ଟ୍ରାଫିକ ପୋଲିସ୍ ଟ୍ରାଫିକ ନିୟନ୍ତ୍ରଣ କରୁଥିବା ବେଳେ ଏକ ଯାତ୍ରୀବାହୀ ବସ୍ ରାସ୍ତା କଡ଼ରେ ଠିଆ ହୋଇ ରହିଥିବା ଠେଲାକୁ ଧକ୍କା ଦେଇଥିଲା। ତେବେ କାହାର କୌଣସି କ୍ଷତି ଘଟିନଥିବା ବେଳେ ଠେଲାଟି ଭାଙ୍ଗିରୁଜି ଯାଇଥିବା ଓ ଯାତ୍ରୀବାହୀ ବସ୍‌ର ଝରକା କାଚ ଭାଙ୍ଗି ରାସ୍ତାରେ ପଡ଼ିଥିବା ଦେଖାଯାଇଥିଲା। ଘଟଣାରୁ ପ୍ରକାଶ ଠେଲା ବ୍ୟବସାୟୀ ହର୍ଷ ପେଣ୍ଟଇ ଦୀର୍ଘବର୍ଷ ହେବ ତାଳଚେର ସହରରେ ଘରଭଡ଼ା ନେଇ ଠେଲା ଯୋଗେ ନିଜର ଜଳଖିଆ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରନ୍ତି। ଦୁର୍ଭାଗ୍ୟ ବସତଃ ସେ ଆଜି ଠେଲାଟିକୁ ରାସ୍ତା କଡ଼ରେ ରଖି ନିଜର ଜଳଖିଆ ସାମଗ୍ରୀ କିଣୁଥିଲେ ଠିକ ଏତିକି ବେଳେ ବସ୍‌ଟି ତାଙ୍କ ଠେଲାକୁ ଧକ୍କା ଦେଇଥିଲା। କୁହାଯାଉଛି କି, ଟ୍ରାଫିକ୍ ନିୟନ୍ତ୍ରଣ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ କାର୍ଯ୍ୟ ତୁଲାଇଉଥିବା ବେଳେ କିପରି ଟ୍ରାଫିକ ହାବିଲଦାର କିମ୍ବା ପୋଷ୍ଟରେ ନିୟୋଜିତ ଥିବା କର୍ମଚାରୀମାନେ ପ୍ରାୟ ସମୟରେ ନିଜ ମୋବାଇଲ୍‌ରେ ବାର୍ତାଳାପ କରି ଟ୍ରାଫିକ ନିୟନ୍ତ୍ରଣ କରୁଛନ୍ତି ବୋଲି ଜନସାଧାରଣମାନେ ଅଭିଯୋଗ କରୁଛନ୍ତି। ଏଠି ପ୍ରଶ୍ନ ଉଠେ ଯଦି ଟ୍ରାଫିକ ପୋଲିସ୍ ଥାଇ ଏପରି ଦୁଃର୍ଦ୍ଦଶା ତେବେ ଲୋକଙ୍କ ଜୀବନ କେତେ ସୁରକ୍ଷିତ ଏଥିରୁ ସ୍ପଷ୍ଟ ବାରି ହେଉଯାଉଛି ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି। ତେବେ ଲୋକଙ୍କ ବହୁମୂଲ୍ୟ ଜୀବନ ପ୍ରତି ପ୍ରଶାସନ ଧ୍ୟାନଦେବା ସହ ତୁରନ୍ତ ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟିଦେବାକୁ ଅଚଂଚଳବାସୀ ମାନେ ଦାବି କରିଛନ୍ତି।

# ତାଳଚେର ନୂତନ କଂକ୍ରିଟ ରାସ୍ତା ଲୋକାର୍ପିତ

ତାଳଚେର, (ସବ୍ୟ) : ତାଳଚେର ବ୍ଲକ ଘଣ୍ଟପଡ଼ା ଗ୍ରାମ ପଂଚାୟତର ତଥା ରେଲୱେ ଷ୍ଟେସନ ନିକଟସ୍ଥ ୧୮ ନମ୍ବର ୱାର୍ଡ଼ ଅନ୍ତର୍ଗତ ମନ୍ଦିର ସାହିର ନୂତନ କଂକ୍ରିଟ ରାସ୍ତାର ଲୋକାର୍ପଣ ଉତ୍ସବ ବିଧାୟକ ବ୍ରିଜକିଶୋର ପ୍ରଧାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ରେଳବାଇ ସିଏସଆର ଫଣ୍ଡରେ ନିର୍ମିତ ଏହି କଂକ୍ରିଟ ରାସ୍ତାକୁ ଆନୁଷ୍ଠାନିକ ଭାବେ ଶୁଭ ଉଦ୍ଘାଟନ କରିଥିଲେ। ମନ୍ଦିର ସାହିରେ ପାଇପ ଯୋଗେ ଜଳ ଯୋଗାଣ, ଷ୍ଟ୍ରୀଟ ଲାଇଟ ବ୍ୟବସ୍ଥା ସହିତ ନୂତନ କଂକ୍ରିଟ ରାସ୍ତା ନିର୍ମାଣ ହେବା ପରେ ସ୍ଥାନୀୟ ବାସିନ୍ଦା ବେଶ ଉପକୃତ ହୋଇପାରିବେ ବୋଲି ଆଶାବ୍ୟକ୍ତ କରିଥିଲେ। ଅପରପକ୍ଷରେ କଂକ୍ରିଟ ରାସ୍ତା ସମେତ ଅନ୍ୟାନ୍ୟ ମୌଳିକ ସୁବିଧା ସୁଯୋଗ ଉପଲବ୍ଧତା ପାଇବେ ବୋଲି ଅଂଚଳବାସୀ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ୱାର୍ଡ଼ ମେମ୍ବର ନିରଞ୍ଜନ ସାହୁ,ବିଜେଡି ଯୁବ ନେତା ମନୋଜ ସାହୁ,ସୁଜିତ ବେହେରା,ଶୁଭେନ୍ଦୁ ବେହେରା, ମଣିଆ ମହାପାତ୍ର,ଲିପୁ ପଟ୍ଟନାୟକ,ଟୁନ ପରିଡ଼ାଙ୍କ ସମେତ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

# ଜିଲ୍ଲା ଆଇନ ସେବା ପ୍ରାଧିକରଣର ବିଶ୍ୱ ମହିଳା ଦିବସ ପାଳିତ

ଭଦ୍ରକ,ସବ୍ୟ):ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ଅଧକ୍ଷତାରେ ବିଷ୍ଣୁପୁର ଗ୍ରାମ ପଞ୍ଚାୟତ ଭଦ୍ରକଠାରେ ଅନୁଷ୍ଠିତ ହୋଇଯାଇଅଛି। ପ୍ରଥମେ ଏକ ଶୋଭାଯାତ୍ରାରେ ମହିଳାମାନଙ୍କ ଦ୍ୱାରା କରାଯାଇଥିଲା ଏବଂ ପରେ ସଭାକାର୍ଯ୍ୟ କରାଯାଇ ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ଆଇନ ତଥା ଏସବୁକୁ କାର୍ଯ୍ୟକାରୀ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ନାରୀ ପ୍ରତି ଅନ୍ୟାୟ, ଅତ୍ୟାଚାର କରିବାରେ ଲାଗିଛି, ଶିଶୁ ଭୃଣହତ୍ୟା, ଯୌତୁକ ପ୍ରଥା, ବଳାତ୍କାର ଇତ୍ୟାଦି ସବୁକୁ ସମୂଳେ ନାଶ କରିବା ପାଇଁ ମହିଳାମାନଙ୍କୁ ସଶକ୍ତିକରଣ କରାଯାଇଛି ତଥା ମହିଳାମାନେ ଆତ୍ମନିର୍ଭରଶୀଳ ହେବା ସହ ସ୍ୱାବଲମ୍ବୀ ଆଜିର ଯୁଗରେ ହୋଇପାରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ, ନେହା ଅଗ୍ରୱାଲ, ଏମ୍.ଏସ୍. ନିଲୋଫର, କନିଷ୍ଠ ଦେୱାନି ବିଚାରପତି, ଏମ୍.ଏସ୍. ଇପସିତା ଭୋଇ, ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି, ଭଦ୍ରକ, ଆଇନ୍ ସେବା ପ୍ରତିପକ୍ଷ ଓକିଲ ନାରାୟଣ ପ୍ରସାଦ ବେହେରା, ଡଃ ତାପସ କୁମାର ମହାନ୍ତି, ବହ୍ନିଶିଖା ବିଶ୍ୱାଳ ପ୍ରମୁଖ ଏବଂ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର କର୍ମଚାରୀ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

# କସିଆ ସାମୁଦ୍ରିକ ଥାନା ନୂତନ ଗୃହ ଲୋକାର୍ପିତ

ବାସୁଦେବପୁର,(ସବ୍ୟ):ବାସୁଦେବପୁର ବ୍ଲକର ସାନକୃଷ୍ଣପୁର ପଂଚାୟତର କସିଆ ସାମୁଦ୍ରିକ ଥାନାର ନୂତନ ଗୃହକୁ ମୁଖ୍ୟମନ୍ତ୍ରୀ ଭର୍ଚୁଆଲ ମାଧ୍ୟମରେ ଲୋକାର୍ପିତ କରିଛନ୍ତି। ଆୟୋଜିତ ଲୋକାର୍ପିତ ଉତ୍ସବରେ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ,ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବାମଦେବ ସିଂ,ବ୍ଲକ ଅଧକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ,ପୌରପାଳିକାର ଅଧକ୍ଷା ନିବେଦିତା ବେହେରା,ଆଇଆଇସି ସାବିତ୍ରୀ ପଣ୍ଡା,ସାନକୃଷ୍ଣପୁର ସରପଂଚ ସସ୍ମିତା ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। କସିଆ ସାମୁଦ୍ରିକ ଥାନା ୧୯ ଡିସେମ୍ବର ୨୦୧୪ ମସିହାରେ ଆରମ୍ଭ ହୋଇ ସୁନାମୁହିଁ ରେଡକ୍ରସରେ ଚାଲିଆସୁଥିଲା । ସମୁଦ୍ର ଉପକୂଳରେ ବିଦେଶୀ ଶତ୍ରୁଙ୍କ ପ୍ରବେଶକୁ ରୋକିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସୁରକ୍ଷା ଦୃଷ୍ଟିରୁ ଉପକୂଳରେ ଥାନା ପ୍ରତିଷ୍ଠା କରିଛନ୍ତି।

# ଥଣ୍ଡା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ମରାମତି ଓ ମୋବାଇଲ ଟାୱାର କାର୍ଯ୍ୟକ୍ଷମ ପାଇଁ ଦାବି



ବନ୍ତଳା, (ସବ୍ୟ) : ୨୦୧୮ ମସିହାରେ ସମ୍ବଲପୁର ଲୋକସଭା କ୍ଷେତ୍ର ଅନ୍ତର୍ଗତ ଆଠମଲ୍ଲିକ ବିଧାନସଭା କ୍ଷେତ୍ରରେ ସାତକୋଶିଆ ଅଭୟାରଣ୍ୟ ଅଞ୍ଚଳର ବିଭିନ୍ନ ପଞ୍ଚାୟତର ପ୍ରମୁଖ ସ୍ଥାନମାନଙ୍କରେ ଜିଲ୍ଲା ଖଣିଜ ପାଣ୍ଠିରୁ ଜନସାଧାରଣଙ୍କ ନିମନ୍ତେ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ସ୍ଥାପନ କରାଯାଇଥିଲା । ମାତ୍ର ବଡ ବିଡମ୍ବନାର ବିଷୟ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ତଦାରଖ ଅଭାବରୁ ପ୍ରକଳ୍ପ ଗୁଡିକ ଅଳ୍ପ ଦିନ ଚାଲିବା ପରେ ସମ୍ପୂର୍ଣ ଅକାମି ହୋଇ ପଡ଼ିରହିଛି । ଆସନ୍ତା ଗ୍ରୀଷ୍ମ ଋତୁକୁ ଆଖି ଆଗରେ ରଖି ଏହି ପ୍ରକଳ୍ପ ଗୁଡିକ ଅତି ଶୀଘ୍ର ମରାମତି ତଥା ସମ୍ପୂର୍ଣ ରକ୍ଷଣାବେକ୍ଷଣ ଆବଶ୍ୟକ ରହିଛି । ତେଣୁ ସମ୍ପୃକ୍ତ କର୍ତ୍ତୃପକ୍ଷ ଏଥି ପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି । ପୁନଶ୍ଚ ଅଭୟାରଣ୍ୟ ଅଞ୍ଚଳରେ ୧୦ / ୧୨ ବର୍ଷ ପୂର୍ବେ ସ୍ଥାପିତ ମୋବାଇଲ ଟାୱାର ଗୁଡିକ ବର୍ତ୍ତମାନ ସୁଧା କାର୍ଯ୍ୟକ୍ଷମ ହୋଇ ନାହିଁ । ଫଳରେ ଏହି ଅଞ୍ଚଳବାସୀ ସ୍ୱାଧୀନତାର ୭୫ ବର୍ଷ ପରେ ମଧ ମୋବାଇଲ ସେବାରୁ ବଂଚିତ ହେଉଛନ୍ତି । ଏହି ମୋବାଇଲ ଟାୱାର ଗୁଡିକ ଅତି ଶୀଘ୍ର କାର୍ଯ୍ୟକ୍ଷମ କରିବା ଦିଗରେ ମଧ ଦାବି ହୋଇଛି । ଜିଲ୍ଲାପାଳଙ୍କ ଏହି ଦାବି ପତ୍ର ପ୍ରଦାନ ବେଳେ ଆଇନଜୀବୀ ତପନ କୁମାର ଦେହୁରୀଙ୍କ ନେତୃତ୍ୱରେ ଶିବରାମ ଦେହୁରୀ, ପ୍ରଦ୍ୟୁମ୍ନ କୁମାର ନାଏକ, କୋବିନ୍ଦ ଚନ୍ଦ୍ର ସାହୁ, ସଞ୍ଜୟ କୁମାର ଦେହୁରୀ, ଆନନ୍ଦ ସାହୁ ଓ ପ୍ରସନ୍ନ କୁମାର ବେହେରା ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ପଡୋଶୀ ଯୁବ ସଂସଦ ସ୍ୱତନ୍ତ୍ର ଅଧିବେଶନ, ମକ୍ ସଂସଦ

ଢେଙ୍କାନାଳ, (ସବ୍ୟ) : ଢେଙ୍କାନାଳ ସହର ଉପକଣ୍ଠ ବୋରାପଦାସ୍ଥିତ ସରକାରୀ ବୈଷୟିକ ତାଲିମ୍ ପ୍ରତିଷ୍ଠାନ ସଭା ଗୃହରେ ଜିଲ୍ଲା ସ୍ତରୀୟ ପଡୋଶୀ ଯୁବ ସଂସଦ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅଧିବେଶନ ଓ ମକ୍ ସଂସଦ ଛାତ୍ରଛାତ୍ରୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି । ନେହେରୁ ଯୁବ କେନ୍ଦ୍ର, ଭାରତ ସରକାରଙ୍କର କ୍ରୀଡା ଓ ଯୁବ କଲ୍ୟାଣ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ନେହେରୁ ଯୁବ କେନ୍ଦ୍ରର ଉପ-ନିର୍ଦ୍ଦେଶକ ଅଶୋକ କୁମାର ଦାଶ ଅଧକ୍ଷତା କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକଶିତ ଭାରତ, ନାରୀ ସଶକ୍ତିକରଣ, ଆଇନ୍‌କାନୁନ୍ ପ୍ରସ୍ତୁତ ଓ ଗଣତନ୍ତ୍ର ମୂଲ୍ୟବୋଧ ଉପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସାଂସଦ ରୁଦ୍ର ନାରାୟଣ ପାଣି ଯୋଗଦେଇ ଭାରତ ବର୍ଷର ମୌଳିକ ତଥ୍ୟ ରହିଛି । ଏହା ସହିତ ସାଧାରଣ ନିର୍ବାଚନ ସଂପର୍କରେ ଆଲୋଚନା କରି ୧୮ବର୍ଷ ଯୁବକଯୁବତୀମାନେ ଭୋଟ୍ ଦାନ କରିବା ପାଇଁ ପରାମର୍ଶ ଦେଇଥିଲେ । ଦେଶର ଜନସଂଖ୍ୟା ବିଷୟରେ ଆଲୋଚନା କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜନସଂଖ୍ୟାର ସ୍ଥିରତା ଉପରେ ପଦକ୍ଷେପ ନେଉଥିବାର ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ ପୌରାଧକ୍ଷା ଜୟନ୍ତୀ ପାତ୍ର ଯୋଗଦେଇ ସମସ୍ତେ ଭୋଟ୍ ଦାନ କରିବା ପାଇଁ ଆହ୍ୱାନ କରିଥିଲେ । ସରକାରୀ ବୈଷୟିକ ତାଲିମ୍ ପ୍ରତିଷ୍ଠାନର ତାଲିମ୍ ଅଧିକାରୀ ନିରୁପମା ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ନାରୀ ସଶକ୍ତିକରଣ ଓ ଯୁବକଯୁବତୀମାନେ କିପରି ତାଲିମ୍ ପାଇଁ ସ୍ୱାବଲମ୍ବି ହୋଇପାରିବେ ସେ ସଂପର୍କରେ ଅବଗତ କରାଇଥିଲେ । ଜନ ଶିକ୍ଷଣ ସଂସ୍ଥାନର ନିର୍ଦ୍ଦେଶକ ମାନସ କୁମାର ଦାସ ଯୋଗଦେଇ ଯୁବ ସମାଜକୁ ନିଯୁକ୍ତି ଦେବା ନିମନ୍ତେ ସରକାରଙ୍କ ପକ୍ଷେ ସମ୍ଭବ ନୁହେଁ ବୋଲି କହିଥିଲେ । ଜିଲ୍ଲା ସ୍କାଉଟ୍ ଓ ଗାଇଡ୍ କମିଶନର ନରେଶ କୁମାର ମହାରଣା ଅନ୍ୟତମ ଅତିଥି ଭାବେ ଯୋଗଦେଇ ସ୍କାଉଟ୍ ଓ ଗାଇଡ୍‌ର ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱତନ୍ତ୍ର ଅଧିବେଶନ କରାଯାଇ ମକ୍ ସଂସଦରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶେଷରେ ନେହେରୁ ଯୁବକ କେନ୍ଦ୍ରର ବିତ ଅଧିକାରୀ ଶଶାଙ୍କ ଶେଖର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଷ୍ଟାର୍ସ ପ୍ରକଳ୍ପ : ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ ଲାପଟପ୍



ଅନୁଗୁଳ,(ସବ୍ୟ): ସ୍ଥାନୀୟ ଅନୁଗୋଳ ଜିଲ୍ଲାପାଳଙ୍କ କାର୍ଯ୍ୟା ଳୟ ପ୍ରକୋଷ୍ଠରେ ଜିଲ୍ଲାପାଳ ଅବଦଲ ଏମ. ଅଖତରଙ୍କ ଦ୍ୱାରା ଜିଲ୍ଲାରେ ନବମ ଶ୍ରେଣୀ ରୁ ଦ୍ୱାଦଶ ଶ୍ରେଣୀ ମଧ୍ୟରେ ପଢୁଥିବା ୧୨ ଜଣ ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ ଭାରତ ସରକାରଙ୍କ ଷ୍ଟାସ ପ୍ରକଳ୍ପ ଅନ୍ତର୍ଗତ ଲ୍ୟାପଟପ ସହିତ କଥନ ପୁସ୍ତକ ବଣ୍ଟନ କରାଯାଇଅଛି। ଉକ୍ତ ବଣ୍ଟନ କାର୍ଯ୍ୟକ୍ରମରେ ଅନୁଗୋଳ ଜିଲ୍ଲା ଶିକ୍ଷା ଅଧିକାରିଣୀ ଶ୍ରୀମତୀ ସୁସ୍ମିତା ସାହୁ, ଜିଲ୍ଲା ଅନ୍ତର୍ନିବେଶୀ ସଂଯୋଜକ ବିଜୟ କୁମାର ସାହୁ, କିଶୋରନଗର ଗୋଷ୍ଠୀ ଶିକ୍ଷା ଅଧିକାରୀ ଅରୁଣ କୁମାର ସେଠୀ ପ୍ରମୁଖ ଉପସ୍ଥିତ ରହିଥିଲେ ।

ଉକ୍ତ କାର୍ଯ୍ୟକ୍ରମରେ ଅନୁଗୋଳ ବ୍ଲକ ଅନ୍ତର୍ଗତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ଛାତ୍ରୀ ସୁଶ୍ରୀ ଐଶ୍ୱର୍ଯ୍ୟା ବେହେରା, ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ମାଧପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ସୁଶ୍ରୀ ରଶ୍ମିତା ପ୍ରଧାନ, ବନରପାଳ ବ୍ଲକ ଅନ୍ତର୍ଗତ ତ୍ରିଶକ୍ତି ଉଚ୍ଚ ବିଦ୍ୟାଳୟର ଛାତ୍ର ଶ୍ରୀମାନ ଗୁରୁଚରଣ ଗୋଛାୟତ ଏବଂ ତଳମୂଳ ଆଞ୍ଚଳିକ ମହାବିଦ୍ୟାଳୟର ଛାତ୍ର ଶ୍ରୀମାନ ସୁଦର୍ଶନ ବେହେରା, ଛେଣ୍ଡିପଦା ବ୍ଲକ ଅନ୍ତର୍ଗତ ଛେଣ୍ଡିପଦା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସୁଶ୍ରୀ ସୋନାଲୀ ସ୍ୱର୍ଣ୍ଣପ୍ରଭା ଭୋଇ ଓ ସୁଶ୍ରୀ ପ୍ରଭାସିନୀ ସାହୁ, କଣିହାଁ ବ୍ଲକ ଅନ୍ତର୍ଗତ ହରିହରପୁର ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସୁଶ୍ରୀ ହରପ୍ରିୟା ସେଠୀ, କିଶୋରେନଗର ବ୍ଲକ ଅନ୍ତର୍ଗତ ସଞ୍ଜାମୁରା ଉଚ୍ଚ ବିଦ୍ୟାଳୟର ଛାତ୍ର ଶ୍ରୀମାନ ଲକ୍ଷ୍ୟ ନାୟକ ଓ ବଇଣ୍ଡା ମହାବିଦ୍ୟାଳୟର ଛାତ୍ର ଶ୍ରୀମାନ ତୋଫାନ ଦେହୁରୀ, ପାଲଲହଡା ବ୍ଲକ ଅନ୍ତର୍ଗତ ଶିଗଡ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଛାତ୍ର ଶ୍ରୀମାନ ଶାନ୍ତନୁ ନାୟକ ଏବଂ ତାଳଚେର ବ୍ଲକ ଅନ୍ତର୍ଗତ ଶ୍ରୀଜଗନ୍ନାଥ ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସୁଶ୍ରୀ ସରୋଜିନୀ ନାଏକ ପ୍ରମୁଖ ଜିଲ୍ଲାପାଳଙ୍କ ଠାରୁ ଲ୍ୟାପଟପ ଗ୍ରହଣ କରିଥିଲେ । ତଦପଶ୍ଚ୍ୟାତ ଛାତ୍ରଛାତ୍ରୀମାନେ ସେମାନଙ୍କ ଅଭିଭାବକ ସହିତ ଅନୁଗୋଳ ଉଚ୍ଚ ବିଦ୍ୟାଳୟ ସ୍ଥିତ ଜିଲ୍ଲା ଅନ୍ତର୍ନିବେଶୀ ଶିକ୍ଷା ସାଧନ କେନ୍ଦ୍ରଠାରେ ଲ୍ୟାପଟପ ଚାଳନା ସମ୍ପର୍କିତ ତାଲିମ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମର ସୁପରିଚାଳନା ନିମନ୍ତେ ସମସ୍ତ ବ୍ଲକ ସ୍ତରରେ କାର୍ଯ୍ୟ କରୁଥିବା ଗୋଷ୍ଠୀ ସାଧନ କର୍ମୀ, ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତଥା ସମଗ୍ର ଶିକ୍ଷା କାର୍ଯ୍ୟା ଳୟର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ ।

# ଜେଏସ୍‌ପିରେ ୫୩ତମ ଜାତୀୟ ସୁରକ୍ଷା ସପ୍ତାହ ପାଳିତ




ଅନୁଗୋଳ, (ସବ୍ୟ) : ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଅନୁଗୋଳ ପରିସରରେ ୫୩ତମ ଜାତୀୟ ସୁରକ୍ଷା ସପ୍ତାହ ଉଦଯାପିତ ହୋଇଅଛି । ଏହି ସୁରକ୍ଷା ସପ୍ତାହର ଶେଷ ଦିବସରେ ଫାକ୍ଟ୍ରିସ ଆଣ୍ଡ ବଏଲର୍ସ ବିଭାଗର ସହ-ନିର୍ଦ୍ଦେଶକ ମନୋଜ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିବା ବେଳେ ଜେଏସପି ଅନୁଗୋଳ ପ୍ରକଳ୍ପ ନିର୍ବାହୀ ନିର୍ଦ୍ଦେଶକ ପଙ୍କଜ ମଲହାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଶ୍ରୀ ମିଶ୍ର ଜାତୀୟ ନିରାପତ୍ତା ପରିଷଦର ଗଠନ ଏବଂ ଜାତୀୟ ନିରାପତ୍ତା ଦିବସ / ସପ୍ତାହ ପାଳନର ଉଦ୍ଦେଶ୍ୟ ବିଷୟରେ କହିବା ସହିତ ସମସ୍ତ କର୍ମଚାରୀଙ୍କୁ ସକ୍ରିୟ ସୁରକ୍ଷା ବ୍ୟବସ୍ଥା ତଥା ପ୍ରଭାବଶାଳୀ ବିପଦ ପରିଚାଳନା କିପରି କରିହେବ ଅବଗତ କରାଇଥିଲେ ।

ଏହି କାର୍ଯ୍ୟକ୍ରମରେ ଅନଗୁଳ ପ୍ରକଳ୍ପ ମୁଖ୍ୟ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ମାଲହାନ ସୁରକ୍ଷା ଶପଥ ପରିଚାଳନା କରିଥିବାବେଳେ ଜେଏସପିର ସୁରକ୍ଷା ବିଭାଗ ପକ୍ଷରୁ ସୁରକ୍ଷା ରିପୋର୍ଟ କାର୍ଡ ଏବଂ ଜିରୋ ହାର୍ମ ନିମନ୍ତେ ନିଆ ଯାଇଥିବା ପଦକ୍ଷେପ ଉପସ୍ଥାପନ କରିଥିଲେ । ନିରାପତ୍ତାର ସର୍ବୋଚ୍ଚ ଗୁରୁତ୍ୱକୁ ଗୁରୁତ୍ୱ ଦେଇ ସମସ୍ତଙ୍କୁ ବିପଦକୁ ପ୍ରଭାବଶାଳୀ ଭାବରେ ଚିହ୍ନଟ ଏବଂ ହ୍ରାସ କରିବା ପାଇଁ ଏକ ବିସ୍ତୃତ ୩୬୦-ଡିଗ୍ରୀ ପଦ୍ଧତି ଗ୍ରହଣ କରିବାକୁ ଅନୁରୋଧ କରିଥିଲେ । ଆଇରନ୍ ଏବଂ କଞ୍ଚାମାଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦାମୋଦର ମିତ୍ତଲ ସୁରକ୍ଷା ପ୍ରୋଟୋକଲଗୁଡିକର ଗୁରୁତ୍ୱପୂର୍ଣ୍ଣ ଅନୁକରଣ ଉପରେ ଆଲୋକପାତ କରିଥିଲେ । ଇସ୍ପାତ ନିର୍ମାଣର ସଭାପତି ଅତୁଲ ଦୁବେ ଏବଂ ଇଭିପି ଶ୍ରୀ ଶଙ୍କର ମଧ ସୁରକ୍ଷା ଉପରେ ଗୁରୁ ପ୍ରଦାନ କରି ସମସ୍ତଙ୍କୁ ନିଜ ନିଜ ସୁରକ୍ଷା ସହିତ ସହକର୍ମୀଙ୍କ ସୁରକ୍ଷା ପ୍ରତି ସର୍ବଦା ଧ୍ୟାନ ରଖିବାକୁ ପରାମର୍ଶ ପ୍ରଦାନ କରିଥିଲେ ।

ଏହି ସପ୍ତାହ ବ୍ୟାପି କାର୍ଯ୍ୟକ୍ରମର ଏକ ଅଂଶ ଭାବରେ, ବ୍ୟବସାୟ ସହଭାଗୀମାନେ ସ୍ଲୋଗାନ ଏବଂ ଗୀତ ମାଧ୍ୟମରେ ସେମାନଙ୍କର ସୁରକ୍ଷା ବାର୍ତ୍ତା ମଧ ବାଣ୍ଟିଥିଲେ । ୫୩ତମ ଜାତୀୟ ସୁରକ୍ଷା ସପ୍ତାହ ପାଳନ ଅବସରରେ ନିରାପତ୍ତା କୁଇଜ, ନିରାପତ୍ତା ସ୍ଲୋଗାନ ଏବଂ ପୋଷ୍ଟର, ନିରାପତ୍ତା ବାର୍ତା, ସୁରକ୍ଷା ତଥା ଅନ୍ୟାନ୍ୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା ଏବଂ ଏହି ପ୍ରତିଯୋଗିତାର ସଫଳ ପ୍ରତିଭାଗୀମାନଙ୍କୁ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରଯାଇଥିଲା ।

# ଜନନୀ ଏକ୍ସପ୍ରେସ୍ ଆମ୍ବୁଲାନ୍ସ ଦୁର୍ଘଟଣା




ନୀଳଗିରି,(ସବ୍ୟୁ) :ମଙ୍ଗଳବାର ବିଳମ୍ବିତ ରାତିରେ ଭାଲୁକାଶୁଣୀ ଅଞ୍ଚଳର ଜଣେ ଗର୍ଭବତୀ ମହିଳାଙ୍କୁ ଆଣିବାକୁ ଯାଇଥିବା ୧୦୨ଜନନୀ ସୁରକ୍ଷା ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ ହୋଇଛି । ମିଳିଥିବା ତଥ୍ୟ ଅନୁଯାୟୀ ନୀଳଗିରି ହସ୍ପିଟାଲ ଦାୟିତ୍ୱରେ ଥିବା ୧୦୨ ଜନନୀ ଏକ୍ସପ୍ରେସ୍ ବିଳମ୍ବିତ ରାତିରେ ଏକ ଫୋନ୍‌କଲ ପାଇ ସେରଗଡ଼ ଉଦଳା ୧୯ନମ୍ବର ରାଜ୍ୟ ରାଜପଥ ଦେଇ ଭାଲୁକାଶୁଣୀ ଅଞ୍ଚଳକୁ ଯାଉଥିବା ବେଳେ ପୋଡ଼ାଶୂଳ ନିକଟରେ ନବନିର୍ମିତ ଏକ ପୋଲକୁ ଧକ୍କାଦେଇ ଝୁଲି ରହିଥିଲା । କୁହାଯାଏ ଜନନୀ ସୁରକ୍ଷା ଆମ୍ବୁଲାନ୍ସ ଚାଳକ ମଦ୍ୟପାନ କରି ଗାଡ଼ି ଚଳାଉଥିବା ଯୋଗୁଁ ଏଭଳି ଦୁର୍ଘଟଣା ଘଟିଛି । ତେବେ ଏହି ଦୁର୍ଘଟଣାରେ କାହାରି କିଛି ହୋଇନଥିବା ବେଳେ ଘନ କୁହୁଡ଼ି ଯୋଗୁଁ ରାସ୍ତା ଦେଖା ନଯିବାରୁ ଏଭଳି ଦୁର୍ଘଟଣା ଘଟିଲା ବୋଲି ଡ୍ରାଇଭର ଜଣକ ସଫେଇ ଦେଇ ଫେରାର ହୋଇଯାଇଛି ।

# ୨ ବାଇକ୍ ଉପରେ ଚଢିଗଲା ଟ୍ରକ୍ : ଜଣେ ମୃତ, ୩ ଗୁରୁତର



ଆନନ୍ଦପୁର,(ସବ୍ୟୁ) :ଘସିପୁରା ଥାନା ୨୦ ନଂ ଜାତୀୟ ରାଜପଥର କନକ ମଞ୍ଜରୀ ମହିଳା ମହାବିଦ୍ୟାଳୟ ସମ୍ମୁଖରେ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ଗୁରୁତରମାନଙ୍କୁ ଅଗ୍ନିଶମ ବାହିନୀ କର୍ମଚାରୀଙ୍କ ସହାୟତାରେ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ମୃତକ ହେଲେ ଆନନ୍ଦପୁରର କାର୍ତିକ ସେଠୀ(୨୫) ଓ ଆହତମାନେ ସାଇଁକୁଳର ରାଜକିଶୋର ପରିଡା(୩୨), ସୋମନାଥ ସ୍ୱାଇଁ (୩୨) ଏବଂ ରାଇତୋଳା ଗ୍ରାମର ଭରତ ରଣା। ସୂଚନାଯୋଗ୍ୟ, ଶାଳପଡାସ୍ଥିତ କନକ ମଞ୍ଜରୀ ମହିଳା ମହାବିଦ୍ୟାଳୟ ସମ୍ମୁଖ ୨୦ ନଂ ଜାତୀୟ ରାଜପଥରେ ଏକ ଲୁହାପଥର ବୋଝେଇ ଟ୍ରକ୍ ଏବଂ ଦୁଇ ଗୋଟି ବାଇକ୍ ଯାଜପୁର ଅଭିମୁଖେ ଆସୁଥିଲେ। ସମ୍ମୁଖ ଭାଗରୁ ଏକ କାର ଆସିବାରୁ ଟ୍ରକଟି କାରକୁ ସାଇଡ୍ ଦେଉ ଦେଉ ବାଇକ ଉପରେ ଚଢିଯାଇଥିଲା। ଫଳରେ ଏଭଳି ମର୍ମନ୍ତୁଦ ଦୁର୍ଘଟଣାର ସୁତ୍ରପାତ ହୋଇଥିଲା। ସଂପୃକ୍ତ ଅଂଚଳରେ ଜାତୀୟ ରାଜପଥ ଏକ ପାଖିଆ ରାସ୍ତାରେ ଚଳାଚଳ ହେଉଥିବାରୁ ଏଭଳି ଦୁର୍ଘଟଣା ଘଟିଥିଲା। ଗୁରୁତର ଆହତ ୩ ଜଣଙ୍କର ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି। ଘସିପୁରା ପୁଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି।

# ଡ଼ଃ ସତ୍ୟବ୍ରତ ସାହୁ ସକ୍ଷମ ଓଡ଼ିଶା ପୂର୍ବ ପ୍ରାନ୍ତ ସଭାପତି

ଢ଼େଙ୍କିକୋଟ , (ସବ୍ୟୁ) :ସମଗ୍ର ଭାରତ ବର୍ଷରେ ୨୧ ପ୍ରକାରର ଦିବ୍ୟାଙ୍ଗ ମାନଙ୍କ ପାଇଁ କାମ କରୁଥିବା ଏକମାତ୍ର ସର୍ବ ଭାରତୀୟ ଅନୁଷ୍ଠାନ ସକ୍ଷମର ଜଗନ୍ନାଥ ଧାମ ପୁରୀ ଠାରେ କ୍ଷେତ୍ରୀୟ ସଚିବ ବୈଠକ ଅନୁଷ୍ଠିତ ହୋଇଯାଇଛି ।। ଏହି ବୈଠକରେ ୧୨ଟି ରାଜ୍ୟରୁ ପ୍ରାନ୍ତ ସଭାପତି, ସଚିବ, ଉପସଭାପତି, ସହସଚିବ, କୋଷାଧ୍ୟକ୍ଷ ପ୍ରମୁଖ ମୋଟ ୪୫ରୁ ଅଧିକ ପ୍ରତିନିଧି ଏହି ବୈଠକରେ ଉପସ୍ଥିତ ଥିଲେ। ଉକ୍ତ ବୈଠକରେ ସକ୍ଷମ ର ଆଗାମୀ ବାର୍ଷିକ ଯୋଜନା, ଦିବ୍ୟାଙ୍ଗ କେନ୍ଦ୍ରର ଭୂମିକା ,ସମାଜ ପାଇଁ ପ୍ରତେକ ଦିବ୍ୟାଙ୍ଗ କିପରି ଚିହ୍ନଟ ହେଇ ସରକାରୀ ସୁବିଧା ପାଇବେ ଏସବୁ ବିଷୟରେ ଅଖିଳ ଭାରତୀୟ ଅଧିକାରୀ ମାନେ ପ୍ରାନ୍ତ ଅଧିକାରୀ ମାନଙ୍କୁ ମାର୍ଗ ଦର୍ଶନ ଦେଇଥିଲେ। ପରିଶେଷରେ ପୂର୍ବ୍ ଏବଂ ପଶ୍ଚିମ ଓଡ଼ିଶାର ପ୍ରାନ୍ତ ଅଧିକାରୀମାନଙ୍କ ଦାୟିତ୍ୱ ପରିବର୍ତ୍ତନ ହେଇଥିଲା। ଓଡିଶା ପୂର୍ବ ପ୍ରାନ୍ତର ସଂରକ୍ଷକ ଭାବେ ଡ଼ଃ ସୁବ୍ରତ ଦାସ ଓଡିଶା ପୂର୍ବପ୍ରାନ୍ତର ସଭାପତି ଡ଼ଃ ସତ୍ୟବ୍ରତ ସାହୁ, ପ୍ରାନ୍ତ ସଚିବ ମନସ୍ୱିନୀ ଜେନା ଓଡିଶାର ସମସ୍ତ ପ୍ରକଳ୍ପର ଦାୟି ଓ ପୂର୍ବ ଓଡ଼ିଶାର ଉପ ସଭାପତି ଭାବେ ବୀରକିଶୋର ମହାନ୍ତ ଓ ଓଡିଶା ପଶ୍ଚିମ ପ୍ରାନ୍ତର ଉପସଭାପତି ରାମଚନ୍ଦ୍ର ସାହୁ ଓ ପ୍ରାନ୍ତ ସଚିବ ଶ୍ୟାମ କୁମାର ଦାଶ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ସୂଚନା ଅନୁସାରେ ଡ଼ଃ ସତ୍ୟବ୍ରତ ସାହୁ ବର୍ତ୍ତମାନ ସେବା ଫାଉଣ୍ଡେସନର ଶ୍ରୀ ଗୁରୁକୁଳ ଚେୟାରମ୍ୟାନ ଅଛନ୍ତି।ସେ ଏକାଧାରରେ ଜଣେ ଶିକ୍ଷାବିତ, ସାମ୍ବାଦିକ ଓ ସମାଜ ସେବୀ ଭାବେ ବେଶ ଜନପ୍ରିୟ ଥିବାବେଳେ ଦିବ୍ୟାଙ୍ଗ ମାନଙ୍କ ପ୍ରତିଥିବା ସମ୍ବେଦନଶିଳତା ପାଇଁ ଆଜି ଏହି ସ୍ଥାନରେ ପହଞ୍ଚିଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ନିଖିଳ ଓଡ଼ିଶା ଜିପିଏଲ୍‌ଏଫ୍‌ଇସି ସଂଘର ବିକ୍ଷୋଭ



ବାଲେଶ୍ୱର,(ସବ୍ୟୁ) : ନିଖିଳ ଓଡ଼ିଶା ଜିପିଏଲ୍‌ଏପିସି ସଂଘ ଆନୁକୂଲ୍ୟରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବ୍ଲକ ଅଞ୍ଚଳରୁ ପ୍ରାୟ ୩ହଜାର ଗ୍ରାମପଞ୍ଚାୟତସ୍ତରୀୟ ଫେଡ୍ରେସନର ଇସି ସଦସ୍ୟ ମହିଳାମାନେ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି । ସଂଘର ଜିଲ୍ଲା ସଭାପତି ରୁକ୍ମଣୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବିକ୍ଷୋଭ ସମାବେଶରେ ଏଆଇଟିୟୁସି ନେତା ତପନ କୁମାର ସିଟ୍ ଉଦ୍‌ବୋଧନ ଦେଇ ଜିପିଏଲ୍‌ଏଫ୍‌ଇସିମାନଙ୍କ ମାସିକ ମାନଦେୟ ୨୬ହଜାର ଟଙ୍କା ପ୍ରଦାନ, ଓ୍ୱାର୍କର ମାନ୍ୟତା ସହ ସ୍ଥାୟୀ ନିଯୁକ୍ତି ବିଭିନ୍ନ ସମାଜିକ ନିରାପତ୍ତା, ୬୨ବର୍ଷରେ କାର୍ଯ୍ୟରୁ ଅବ୍ୟାହତି ପରେ ୫ଲକ୍ଷ ଟଙ୍କାର ସହାୟତା, ଅବସରପରେ ମାସିକ ୧୦ହଜାରଟଙ୍କା ପେନ୍‌ସନ ଘୋଷଣା ସମ୍ପର୍କରେ ଦାବି ଉପସ୍ଥାପନ କରିଥିଲେ । ଜିଲ୍ଲା ସମ୍ପାଦିକା ସ୍ମାରକୀ ସ୍ୱାଇଁ, ଉପଦେଷ୍ଟା ଉମେଶ ଚନ୍ଦ୍ର ନାୟକ, ରାଜ୍ୟସ୍ତରୀୟ ଆନ୍ଦୋଳନରେ ମାର୍ଚ୍ଚ ୧୫ ତାରିଖରେ ଯୋଗଦେବା ନିମନ୍ତେ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସକୁନ୍ତଳା ବେହେରା, ମନୋରମା କମିଳା, ବନଲତା ବିଶ୍ୱାଳ, ମିନତୀ ସାହୁ, ଗୀତାଞ୍ଜଳୀ ପାତ୍ର, ମମତା ମିଶ୍ର, ସୁଜାତା ଦାସ, ପାର୍ବତୀ ରାଉତ, ମାନସୀ ଦାସ, ସସ୍ମିତା ପରିଡ଼ା, ସଂଜୁଲତା ସେଠୀ, ଅଞ୍ଜଳୀ ଜେନା, ଚନ୍ଦ୍ରିକା ନାୟକ, ଅନିତା ପଟ୍ଟନାୟକ, ଲକ୍ଷ୍ମୀପ୍ରିୟା ଦାସ, ସ୍ୱାତି ଭୋଲ, ପ୍ରିୟଦର୍ଶନୀ ମହାପାତ୍ର, ରୁକ୍ମଣୀ ଶିଅଳ, ପାର୍ବତୀମଣି ବେହେରା, ମନ୍ଦାକିନୀ ପଣ୍ଡା, କନକଲତା ବିଶ୍ୱାଳ, ସରସ୍ୱତୀ ବେହେରା, କବିତା ପଣ୍ଡା, କବିତା ପାଳ, ସ୍ନେହଲତା ବେହେରା, ପ୍ରଭାତି ସାହୁ, ଅନିତା ସାହୁ ପ୍ରମୁଖ ସାମିଲ ଥିଲେ ।

# ପ୍ରଥମ ନର୍ସିଂହୋମ ଆର୍ଯ୍ୟ ଉଦ୍‌ଘାଟିତ

ବାସୁଦେବପୁର,ତା(ସବ୍ୟୁ):ବାସୁଦେବପୁର ପୌରପାଳିକାର ଏମଏଲଏ କଲୋନୀ ପରିସର ମଧ୍ୟରେ ପ୍ରଥମ ବେସରକାରୀ ହସପିଟାଲ(ନର୍ସିଂହୋମ) ଆର୍ଯ୍ୟକୁ ମୁଖ୍ୟ ଅତିଥି ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଉଦଘାଟନ କରିଥିଲେ। ବାସୁଦେବପୁରରେ ପ୍ରଥମ କରି ଆର୍ଯ୍ୟ ନାମରେ ହସପିଟାଲ ଶୁଭାରମ୍ଭ ହୋଇଛି। କଟକ ଓ ବାଲେଶ୍ୱରର ଅଭିଜ୍ଞ ଚିକିତ୍ସିକମାନଙ୍କୁ ନେଇ ରୋଗୀ ସେବା ଶୁଭାରମ୍ଭ ହୋଇଛି। ଉଦଘାଟନ ଉତ୍ସବରେ ବିଧାୟକ ଶ୍ରୀରାଉତରାୟ,ପୌରପାଳିକାର ଅଧ୍ୟକ୍ଷା ନିବେଦିତା ବେହେରା,ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସନ୍ତୋଷ କୁମାର ପାତ୍ର,ଯୁବନେତା ଅସିତ୍ କୁମାର ଦାଶ,ପୌରପାଳିକାର ଉପାଧ୍ୟକ୍ଷ ଉମା କୁମାର ବାରିକ,ଦୀନବନ୍ଧୁ ଦାସ,କାଉଁନସିଲର ଜୟନ୍ତୀ ସାହୁ,ରଶ୍ମିତା ନାୟକ,ମାନସ ରଞ୍ଜନ ସାହୁ,କାଳନ୍ଦୀ ସାହୁ ପ୍ରମୁଖ ଯୋଗଦେଇଥିଲେ । ଆଗାମୀ ଦିନରେ ରୋଗୀ ସେବାରେ ଆର୍ଯ୍ୟ ପ୍ରମୁଖ ଭୂମା ନେବ ବୋଲି ବିଧାୟକ କହିଥିଲେ।

# ଅଧୂରା ରହିଲା ଝିଅ ଜନ୍ମ ଦିନ ପାଳନ

ଭଣ୍ଡାରିପୋଖରୀ,(ସବ୍ୟୁ):ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ କୁରିକଣା ଗ୍ରାମର ଆଶିଷ କୁମାର ନାୟକ(୪୦) ମଙ୍ଗଳବାର ରାତ୍ର ପ୍ରାୟ ୧୦.୩୦ମି ସମୟରେ ସଡକ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ମୃତ୍ୟୁବରଣ କରିଥିବା ଜଣାଯାଇଛି। ଭଦ୍ରକରୁ ।ଇକ ଯୋଗେ ଫେରୁଥିବା ଆଶିଷ ୧୬ନଂ ଜାତୀୟ ରାଜପଥର କହରାପୋଖରୀ ସତସଙ୍ଗ ବିହାର ସମ୍ମୁଖରେ ଆଶିଷ ମୁହଁମାଡି ତଳେ ପଡିଥିବା ଦେଖିଥିଲେ ଜଣେ ଗ୍ରାମବାସୀ। ପାଖରେ ବାଇକ ବି ପଡିଥିଲା। ଆମ୍ବୁଲାନ୍ସ ଯୋଗେ ଆଶିଷକୁ ଭଣ୍ଡାରିପୋଖରୀ ମେଡିକାଲକୁ ପଠାଯାଇଥିଲା। ତାଙ୍କ ନାକରୁ ରକ୍ତ ବହୁଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ରେଫର କରିଦିଆଯାଇଥିଲା। ରାତ୍ର ୨.୩୦ମି ସମୟରେ ଆଖି ବୁଜି ଦେଇଥିଲେ ଆଶିଷ। ବୁଧବାର ହେବାକୁ ଥିବା ଝିଅ ଜନ୍ମଦିନ ଅଧୁରା ରହିଗଲା। ବୁଧବାର ଶୋକାକୂଳ ପରିବେଶରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା।

# ବ୍ଲକ୍‌ସ୍ତରୀୟ ମହିଳା ମହାସଂଘ କାର୍ଯ୍ୟକାରୀ ପରିଷଦ ସଭ୍ୟାଙ୍କ ବୈଠକ

ବନ୍ତ,(ସବ୍ୟୁ):ବନ୍ତ ବ୍ଲକ ମିଶନଶକ୍ତି ସଭା ଗୃହରେ ବ୍ଲକ ସ୍ତରୀୟ ମହିଳା ମହାସଂଘର କାର୍ଯ୍ୟକାରୀ ପରିଷଦ ସଭ୍ୟା ମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବନ୍ତ ବ୍ଲକ ନିଖିଳ ଓଡିଶା ଜି.ପି.ଏଲ.ଏଫ ଇ.ସି ମହାସଂଘ ଆହ୍ୱାନରେ ଅନୁଷ୍ଠିତ ଏହି ବୈଠକରେ ୨୫ ପଞ୍ଚାୟତର ଇ.ସି ସଭ୍ୟାମାନେ ଯୋଗ ଦେଇଥିଲେ । ଏହି ଅବସରରେ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା । ସଭାନେତ୍ରୀ ଭାବେ ସୁକାନ୍ତୀ ପଢିଆରୀ, ଉପସଭାନେତ୍ରୀ ଭାବେ ପ୍ରମିଳା ସାହୁ, ସମ୍ପାଦିକା ଭାବେ ମନୋରମା ବେହୁରିଆ, ସହସମ୍ପାଦିକା ଭାବେ ସସ୍ମିତା ସେଠୀ, କୋଷାଧ୍ୟକ୍ଷା ଭାବେ ବବିତା ଘୋଷ ମନୋନୀତ ହୋଇଥିଲେ । କାର୍ଯ୍ୟକାରୀ କମିଟିର ସଭ୍ୟା ଭାବେ ସସ୍ମିତା ନାୟକ, ରାଜଶ୍ରୀ ଦାସ, ମିନାକ୍ଷୀ ନାୟକ, ସବିତାରାଣୀ ବେହେରା, ପୂର୍ଣ୍ଣିମା ନନ୍ଦ, ଅଫସାନା ବିବି, ଜୟନ୍ତୀ ମହାକୁଡ, ଛବିଲତା ଦଳେଇ, ସସ୍ମିତା ସାହୁ, ଯାମିନୀ ରଞ୍ଜନ ଜେନା, ତପସ୍ୱିନୀ ପାତ୍ର, ଉମାଶ୍ରୀ ଗ୍ରହାଚାର୍ଯ୍ୟ, ଭାରତୀ ପତି, ଝୁନୁଲତା ମହାପାତ୍ର ମନୋନୀତ ହୋଇଥିଲେ । ବୈଠକରେ ଜି.ପି.ଏଲ.ଏଫ ଇ.ସି ସଭ୍ୟାମାନଙ୍କର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା ହୋଇଥିଲା । ଏଥିସହ ଇ.ସି ସଭ୍ୟ ମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେବା, ଅନ୍ୟ କର୍ମଚାରୀ ଭଳି ସେମାନଙ୍କୁ ୬୨ ବର୍ଷରେ ଅବସର ଦେବା, ମାସିକ ଦରମା ୨୬ ହଜାର ଟଙ୍କା ପ୍ରଦାନ କରିବା, ମିଶନଶକ୍ତି ମାଧ୍ୟମରେ ବି.ଏସ୍.କେ.ଓ୍ୱାଇ ବୀମାର ସୁବିଧା ପ୍ରଦାନ କରିବା, କାର୍ଯ୍ୟକାଳ ମଧ୍ୟରେ ଇ.ସି ସଭ୍ୟା ମାନେ ମୃତ୍ୟୁବରଣ କଲେ ପରିବାରଲୋକଙ୍କୁ ୫ ଲକ୍ଷ ଟଙ୍କା ପ୍ରଦାନ କରିବା, ଅବସର ପରେ ପ୍ରୋତ୍ସାହନ ରାଶି ମାସିକ ୧୦ ହଜାର ଟଙ୍କା ପ୍ରଦାନ କରିବା ଆଦି ଦାବୀ ସମ୍ପର୍କରେ ଆଲୋଚନା ହୋଇଥିଲା । ଏସମ୍ପର୍କରେ ରାଜ୍ୟ ସରକାରଙ୍କୁ ସ୍ମାରକ ପତ୍ର ଦେବା ନେଇ ନିଷ୍ପତ୍ତି ହୋଇଥିଲା । ରାଜ୍ୟ ସରକାର ଉପରୋକ୍ତ ଦାବୀ ଗୁଡିକୁ ପୂରଣ ନକଲେ ଆଗାମୀ ଦିନରେ ଇ.ସି ସଭ୍ୟା ମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା।

# ନବୀନ କାର୍ଡ ବଣ୍ଟନ

ବାସୁଦେବପୁର, (ସବ୍ୟୁ): ବାସୁଦେବପୁର ପଂଚାୟତ ସମିତି ପକ୍ଷରୁ ନୀଳମଣୀ ଟାଉନ ହଲ ପରିସର ମଧ୍ୟରେ ବିଏସକେଓ୍ୱାଇ ନବୀନ କାର୍ଡକୁ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ବଣ୍ଟନ କରିଥିଲେ। ଅନ୍‌ଲାଇନ୍ ପରେ ବାସୁଦେବପୁର ବ୍ଲକର ୫ ହଜାର ୩୮୩ ଜଣ ହିତାଧିକାରୀ ଆବେଦନ କରିଥିଲେ। ସମସ୍ତ ହିତାଧିକାରୀଙ୍କୁ ବିଏସକେଓ୍ୱାଇ ନବୀନ କାର୍ଡ ବଣ୍ଟନର ବିଧାୟକ ଶ୍ରୀରାଉତରାୟ ଶୁଭାରମ୍ଭ କରିଥିଲେ । ଆୟୋଜିତ ସଭାରେ ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ,ବିଡିଓ ସଞ୍ଜିବ କୁମାର ସାହୁ,ଜିପିଓ ଅମୀୟ କୁମାର ନାଥ ପ୍ରମୁଖ ଯୋଗ ଦେଇଥିଲେ।

# ବିଶ୍ୱ କଳା ମୋତିଆ ବିନ୍ଦୁ ଦିବସ

ଭଦ୍ରକ,(ସବ୍ୟୁ):ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଶ୍ୱ କଳା ମୋତିଆ ବିନ୍ଦୁ ଦିବସ ପାଳିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମ ଟି ଡାକ୍ତର ସନ୍ତୋଷ କୁମାର ପାତ୍ର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ରୋଗକୁ ତୁରନ୍ତ ପ୍ରାରମ୍ଭିକ ସ୍ତରରେ ଚିହ୍ନଟ କରି ଚିକିତ୍ସା କଲେ ଏହା ଭଲ ହୋଇଥାଏ। ତେଣୁ ଜନ ସାଧାରଣଙ୍କ ର ସଚେତନତା ପାଇଁ ଗୋଷ୍ଠୀ ଚିକିତ୍ସା ଅଧିକାରୀ ମାନଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରି ଏକ କୁଇଜ୍ ପ୍ରତିଯୋଗିତା କରାଯାଇ ବିଜୟୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡାକ୍ତର କନକଲତା ସାହୁ ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ, ଡାକ୍ତର ଆର୍ କେ ସାହୁ ଚକ୍ଷୁ ବିଶେଷଜ୍ଞ ସହଯୋଗ କରି ଥିଲେ। ଡାକ୍ତର ସନ୍ତୋଷ କୁମାର ଜେନା ଅଧିକ୍ଷକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଡାକ୍ତର ସୌଦାମିନୀ ଧଳ ସ୍ତ୍ରୀ ରୋଗ ବିଶେଷଜ୍ଞ ଯୋଗଦେଇ ସେମାନଙ୍କର ବହୁ ମୂଲ୍ୟ ମତବ୍ୟକ୍ତ କରିଥିଲେ ଆଶା ମେନେଜର, କଳ୍ପନା ସାମଲ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସରୋଜ କୁମାର ଦୀକ୍ଷିତ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ମହ୍ଲାରୀ ଛକ-କାଳିଆଗଡିଆ ରାସ୍ତାର ଶିଳାନ୍ୟାସ



ଖଇରା,(ସବ୍ୟୁ) :ମଙ୍ଗଳବାର ବାଲେଶ୍ୱର-କେନ୍ଦୁଝର ଜିଲ୍ଲାକୁ ସଂଯୋଗ କରୁଥିବା ମହ୍ଲାରୀ ଛକରୁ କାଳିଆଗଡିଆ ଭାୟା ଧଣିଆବନ୍ଧ ରାସ୍ତାର ଭୂମିପୂଜନ ଅନୁଷ୍ଠିତ ହୋଇ ଯାଇଛି । ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଶିଳାନ୍ୟାସ କରିବା ସହ ଆୟୋଜିତ ସଭାରେ ଯୋଗ ଦେଇ ସରକାର ଗାଁଗହଳିର ଭିତ୍ତିଭୂମି ସଜାଡିବାକୁ ସବୁବେଳେ ଯତ୍ନବାନ ବୋଲି କହିଥିଲେ । ସରପଞ୍ଚ ବାସନ୍ତୀଲତା ମହାନ୍ତି, ସମିତିସଭ୍ୟା ଛବିଲତା ମହାପାତ୍ର, ନିରଞ୍ଜନ ମହାପାତ୍ର,ଆର୍‌ଡିର କନିଷ୍ଠଯନ୍ତ୍ରୀ ମନୋଜ କୁମାର ସାମନ୍ତ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ଯୁବନେତା ଅଞ୍ଜନ ମହାପାତ୍ର, କୈଳାସ ସାହୁ,ଗୋପିନାଥ ପାଢୀ,ହରେକୃଷ୍ଣ ମହାକୁଡ, ମୁରଲୀ ପାଣିଗ୍ରାହୀ,ବାପି ନାୟକ,ମହେଶ୍ୱର ମହାପାତ୍ର, କେଲୁ ମୁଦୁଲୀ ପ୍ରମୁଖ ଉପସ୍ଥିତ ଥିଲେ । ପନାସଗଡିଆ ଗ୍ରାମର ବାଳିକା ମାନଙ୍କ ଦ୍ୱାରା ଦଳଗତ ନୃତ୍ୟ ପରିବେଷଣ କରାଯାଇଥିଲା ।

# ଅସହାୟ ବୃଦ୍ଧାଙ୍କୁ ସହାୟତା

ନୀଳଗିରି, (ସବ୍ୟୁ) :ମଙ୍ଗଳବାର ଦିନ ଜଣେ ଅସହାୟ ବୃଦ୍ଧା ନୀଳଗିରି ସହରର ମାଉସୀ ମା ମନ୍ଦିର ନିକଟରେ ପଡ଼ି ରହିଥିବା ବେଳେ ସେହି ରାସ୍ତା ଦେଇ ଯାଉଥିବା ଶହ ଶହ ଲୋକ ବୃଦ୍ଧାଙ୍କୁ ଦେଖି ମୁହଁ ବୁଲାଇ ଚାଲିଯାଉଥିଲେ । ବୃଦ୍ଧାଙ୍କର ଏପରି ଅବସ୍ଥା ଦେଖି ନୀଳଗିରିର ଯୁବ ନେତୃତ୍ୱ ନେଉଥିବା ବାବୁଲି ରାଉତ, ପ୍ରଫୁଲ୍ଲ ପରିଡ଼ା, ଆଇନଜୀବୀ କରୁଣାକର ସ୍ୱାଇଁ, ଟେରୁ ସ୍ୱାଇଁ ପ୍ରମୁଖ ବୃଦ୍ଧାଙ୍କ ନିକଟରେ ପହଞ୍ଚି ତାଙ୍କୁ ଖାଇବାକୁ ଦେବା ସହ ନିଜ କାରରେ ବସାଇ ସେରଗଡ଼ ଭୂଇଁପଡ଼ାସ୍ଥିତ ବୃଦ୍ଧାଶ୍ରମରେ ଛାଡ଼ିଛନ୍ତି । ଏହି ଅସହାୟା ବୃଦ୍ଧା ଜଣଙ୍କ କୁରୁଡ଼ା ଅଞ୍ଚଳର ସୀତା ମହାଳିକ ବୋଲି ଆଲୋଚନା ହେଉଛି । ଯୁବ ନେତୃତ୍ୱଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି ।

# ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ଉଦ୍‌ଘାଟିତ



ବାଲେଶ୍ୱର,(ସବ୍ୟୁ) : ବୁଧବାର ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ବାଲେଶ୍ୱର ସଦର ଓ ଜଳେଶ୍ୱର ବ୍ଲକସ୍ଥିତ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମର ଉଦ୍ଘାଟନ କରିଛନ୍ତି । ଏହି ଅବସରରେ ବାଲେଶ୍ୱର ଆଇଟିଆଇ ପଡ଼ିଆସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ୍ ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବାଲେଶ୍ୱର ସଦର ବିଧାୟକ ସ୍ୱରୂପ କୁମାର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଂଜନ ନାୟକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଐଶ୍ୱର୍ଯ୍ୟା ସାମନ୍ତ ପ୍ରମୁଖ ସଭାରେ ଉପସ୍ଥିତ ଥିଲେ । ପ୍ରକଳ୍ପଗୁଡ଼ିକର ଉଦ୍ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏକ ଦକ୍ଷ ଯୁବସମାଜ ଗଠନ ପାଇଁ ଆମେ କ୍ରୀଡ଼ା ଉପରେ ଅଧିକ ଗୁରୁତ୍ୱ ଦେଉଛୁ । ଏହାଦ୍ୱାରା ଓଡ଼ିଶା ଆଦି ସାରା ବିଶ୍ୱରେ କ୍ରୀଡ଼ା କ୍ଷେତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ଗାଁ ଠାରୁ ସହର ପର୍ଯ୍ୟନ୍ତ ରାଜ୍ୟର ସବୁ ସ୍ଥାନରେ ବୃତିଗତ କ୍ରୀଡ଼ାର ବିକାଶ ପାଇଁ ୫-ଟି ଉପକ୍ରମ ଅଧିନରେ ଏହି ପ୍ରକଳ୍ପ ଗୁଡ଼ିକ କାର୍ଯ୍ୟକାରୀ କରାଯାଉଛି । ଏହି ଅବସରରେ ୫-ଟି ତଥା ନବୀନ ଓଡ଼ିଶାର ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ଯୋଗଦେଇ କହିଥିଲେ ଯେ ଆଜି ଆମ ପ୍ରିୟ ମୁଖ୍ୟମନ୍ତ୍ରୀ ଲୋକାର୍ପିତ କରିଥିବା ସବୁ ସ୍ପୋର୍ଟସ୍ କମ୍ପେକ୍ସ ଗୁଡ଼ିକ ଓଡ଼ିଶାବାସୀଙ୍କ ଟଙ୍କାରେ ତିଆରି ହୋଇଛି । ଏଗୁଡ଼ିକୁ ସଠିକ୍ ଭାବେ ଉପଯୋଗ କରିବା ଏବଂ ଉପଯୁକ୍ତ ରକ୍ଷଣା ବେକ୍ଷଣ ସମସ୍ତଙ୍କର ଦାୟିତ୍ୱ । କାର୍ଯ୍ୟକ୍ରମରେ ଜୟପୁର ଠାରେ ଯୋଗଦେଇ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଥିଲେ ଯେ କ୍ରୀଡ଼ାକୁ ସର୍ବୋଚ୍ଚସ୍ତରକୁ ନେବା ପାଇଁ ରାଜ୍ୟ ସରକାର ନିରନ୍ତର ଉଦ୍ୟୋମ ଜାରି ରଖିଛନ୍ତି । କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ଆର୍ ଭିନୀଲ କ୍ରୀଷ୍ଣା ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଉନ୍ନୟନ କମିଶନର ଅନୁ ଗର୍ଗ, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଶେଷରେ କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଜଣା ରୋଗରେ ଦୁଇ ଶିଶୁକନ୍ୟାଙ୍କ ମୃତ୍ୟୁ

ପାଟଣା, (ସବ୍ୟୁ) : କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ତୁରୁମୁଙ୍ଗା ଥାନା ଅନ୍ତର୍ଗତ ବୁଡିକାପୁଡି ପଞ୍ଚାୟତ ପୁରନ୍ଦର ପୁର ଗ୍ରାମରେ ଅଜଣା ରୋଗରେ ୨ଶିଶୁ କନ୍ୟାର ମୃତ୍ୟୁ ହୋଇଛି।ପୁରନ୍ଦର ପୁର ଗ୍ରାମର ଟଙ୍କ ମହାନ୍ତ ଓ ସ୍ୱର୍ଣ୍ଣଲତା ମହାରଣା ଙ୍କ୨ଶିଶୁ କନ୍ୟାଙ୍କ ଦେହ ହଠାତ୍ ଅସୁସ୍ଥ ହେବାରୁ ତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସା ଳୟକୁ ନେଇଥିଲେ। ସେଠାରେ କିଛି ସମୟ ପରେ ପ୍ରଥମ ଶିଶୁ କନ୍ୟା ଇତିଶ୍ରୀ ମହାରଣା (୪)ର ମୃତ୍ୟୁ ହେବାରୁ ଡାକ୍ତର ଶବ ବ୍ୟବଚ୍ଛେଦ ନ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ବୁଧବାର ସକାଳେ ଟଙ୍କ ମହାରଣାଙ୍କ ସାନ ଶିଶୁ କନ୍ୟା ଲିପି ମହାରଣାଙ୍କ ଘରେ ମୃତ୍ୟୁ ହୋଇଛି।ଏହି ଖବର ଶୁଣିବା ପରେ ସେହି ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହେବା ସହିତ ଘଟଣା ସ୍ଥଳରେ ତୁରୁମୁଙ୍ଗା ପୋଲିସ ପହଞ୍ଚି ଶବ ଜବତ କରି ବ୍ୟବଛେଦ ପାଇଁ ପୁଣିଥରେ କେନ୍ଦୁଝର ମୁଖ୍ୟ ଚିକିତ୍ସା ଳୟକୁ ନେଇଥିଲା।ଏହି ଖବର ଶୁଣି ଗ୍ରାମ ର ସରପଞ୍ଚ ମମତା ନାୟକ ଓ ମେମ୍ବର ସଞ୍ଜୟ ପାତ୍ର ପହଞ୍ଚି ପରିବାର କୁ ଶାନ୍ତନା ଦେଇଛନ୍ତି। ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି କୁହାଯାଇଛି।

# ବାର୍ଷିକ ଜାତୀୟ ସୁରକ୍ଷା ସପ୍ତାହ

ଯୋଡ଼ା, (ସବ୍ୟୁ) : ଯୋଡା ଖଣି ମଣ୍ଡଳ ଅନ୍ତର୍ଗତ ରୁଙ୍ଗଟା ମାଇନ୍ସ ଲିମିଟେଡ଼ କାରାକୋଲସ୍ଥ ସ୍ପଞ୍ଜ ଆୟରନ ପ୍ଲାଣ୍ଟ ତରଫରୁ ୫୩ତମ ବାର୍ଷିକ ଜାତୀୟ ସୁରକ୍ଷା ସପ୍ତାହ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମର ପ୍ରକଳ୍ପ ମହାପ୍ରବନ୍ଧକ ପ୍ରଣୟ କୁମାର ଦେଓଙ୍କ ନିର୍ଦ୍ଦେଶକ୍ରମେ ଉଦ୍‌ଯାପନୀ ଉତ୍ସବରେ ଫ୍ୟାକ୍ଟ୍ରି ପ୍ରବନ୍ଧକ ସୁରେଶ ମହାପାତ୍ର, ମାନବସମ୍ବଳର ମୁଖ୍ୟ ଆନନ୍ଦ ସାହୁ ଏବଂ ଶୈଳେନ୍ଦ୍ର ବାରିକ ସୁରକ୍ଷା ସମ୍ବନ୍ଧୀୟ ଉଦ୍‌ବୋଧନ ଦେଇଥିଲେ। ସପ୍ତାହ ଧରି ଚାଲୁଥିବା ଏହି ସୁରକ୍ଷା ସପ୍ତାହ ଅବସରରେ ସମସ୍ତ ବିଭାଗର କର୍ମୀମାନଙ୍କୁ ସୁରକ୍ଷା ବିଭାଗର ଅଧିକାରୀ ଦେବରାଜ ଭଞ୍ଜ ପୁନଃ ସୁରକ୍ଷା ଶପଥ ପାଠ କରାଇଥିଲେ । ଉଦ୍‌ଘାଟନୀ ଉତ୍ସବ ଦିନଠାରୁ ପ୍ଲାଣ୍ଟ କର୍ମୀଙ୍କ ମଧ୍ୟରେ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ଯଥା ଚିତ୍ରାଙ୍କନ, ପୋଷ୍ଟର୍, ସ୍ଲୋଗାନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ କର୍ମୀଙ୍କୁ ସମ୍ମାନିତ କରି ପୁରସ୍କାର ପ୍ରଦାନ କରାଯାଇଥିଲା ଥିଲା । କାର୍ଯ୍ୟକ୍ରମରେ ବରିଷ୍ଠ ଅଧିକାରୀ ବିଶ୍ୱ ରଞ୍ଜନ ପାଢ଼ୀ ମଧ୍ୟ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଥିଲେ ।


## ଘୋଷଣା ନାମା / ସତ୍ୟପାଠ

ତା.୧୨.୦୩.୨୦୨୪ରିଖ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍, ବାଲେଶ୍ୱରଙ୍କ ନିକଟରେ ଏକ ସତ୍ୟପାଠ ଦ୍ୱାରା ମୁଁ **"ଶ୍ରୀ ପ୍ରହ୍ଲାଦ ଚରଣ ବାଗ୍"**, ବୟସ ୬୩ ବର୍ଷ, ପିତା- ୰ ସୁରେନ୍ଦ୍ର ନାଥ ବାଗ୍, ସା/ପୋ: ଆଜିମାବାଦ, ଥାନା: ଟାଉନ୍, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧ ଏତଦ୍ୱାରା ଜଣାଇ ଦେଉଅଛି ଯେ ମୋର ଅରିଜିନାଲ ବିକ୍ରୟ ଦଲିଲ ନଂ. ୫୩୨୩, ତା.୦୧.୦୭.୨୦୦୫ ରିଖ, ମୌଜା: ଗଣେଶ୍ୱରପୁର, ଥାନା: ରେମୁଣା, ତହସିଲ: ରେମୁଣା, ଜିଲ୍ଲା: ବାଲେଶ୍ୱର, ଖାତା ନଂ.: ୧୩୨୨/୨୬୫୭, ପ୍ଲଟ୍ ନଂ.: ୨୧୩୯, କ୍ଷେତ୍ର: ଏକର୦.୧୬୦୦ଡିସିମିଲି (ଘରବାରି), ମୁଁ ଗତ ତା.୧୧.୦୩.୨୦୨୪ରିଖରେ ବାମପଦା ଛକରୁ ଅଙ୍ଗାରଗଡିଆ ରେଲୱେ ଗେଟ୍ ଯିବା ବାଟରେ କେଉଁଠାରେ ହଜିଯାଇ ଅଛି । ଉପରୋକ୍ତ ଅରିଜିନାଲ ବିକ୍ରୟ ଦଲିଲ ନଂ. ୫୩୨୩, ତା.୦୧.୦୭.୨୦୦୫ରିଖ, କାଗଜପତ୍ର ଗୁଡ଼ିକୁ କୌଣସି ବାଣିଜ୍ୟିକ ଲାଭ ନିମନ୍ତେ ମୋ ଦ୍ୱାରା ବ୍ୟବହାର କରାଯାଇ ନାହିଁ। ଯଦି ମିଥ୍ୟା ସାବ୍ୟସ୍ତ ହୁଏ, ତେବେ ଏହା ଦ୍ୱାରା ଉପୁଜିବା ସମସ୍ୟା ପାଇଁ ମୁଁ ଦାୟୀ ରହିବି। ଭବିଷ୍ୟତରେ ଅରିଜିନାଲ କାଗଜପତ୍ର ଯଦି ମିଳେ, ତେବେ ସେଗୁଡ଼ିକୁ ଦାଖଲ କରିବା ନିମନ୍ତେ ପ୍ରତିଶ୍ରୁତି ଦେଉଅଛି ଏବଂ ମୁଁ ମଧ୍ୟ ଘୋଷଣା କରୁଛି ଯେ, ଉକ୍ତ ଜମି ଆଇନଗତ ପ୍ରତିବନ୍ଧକରୁ ମୁକ୍ତ ଅଟେ। ମୁଁ ଶପଥ କରୁଛି ଯେ, ଏହି ଘୋଷଣାନାମାକୁ ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ, ଏଫ୍‌ଏମ୍ କଲେଜ ରୋଡ୍ ଶାଖାରେ ମୋ ନାମରେ ଥିବା ସମ୍ପତ୍ତିକୁ ବନ୍ଧକ ରଖିବା କାର୍ଯ୍ୟ ନିମନ୍ତେ ଦାଖଲ କରିବି। ଯଦି କୌଣସି ବ୍ୟକ୍ତିଙ୍କ ଉକ୍ତ ଜମି ଉପରେ କୌଣସି ଦାବି ଥାଏ, ତେବେ ଏହି ଘୋଷଣାନାମା ପ୍ରକାଶିତ ହେବାର ୭ ଦିନ ମଧ୍ୟରେ ଦାବୀ କରିପାରିବେ।

ସ୍ୱା/- ଶ୍ରୀ ପ୍ରହ୍ଲାଦ ଚରଣ ବାଗ୍, ମୋବାଇଲ ନଂ. ୯୪୩୭୦୬୫୫୭୬



## ଦ.ପୂ. ରେଳପଥ-

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଓ ପାଇଁ କାର୍ଯ୍ୟ କରୁଥିବା ଡିଭିଜନାଲ ରେଲୱେ ମ୍ୟାନେଜର (ଇଞ୍ଜିନିୟରିଂ) ଚକ୍ରଧରପୁର ଖୋଲା ଟେଣ୍ଡର ଲାଗି ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ଲାଗି ମାନୁଆଲ ଅଫରକୁ ଅନୁମତି ନାହିଁ ଏବଂ ଏଭଳି କୌଣସି ମାନୁଆଲ ଅଫର ଗ୍ରହଣ ହୋଇଥିଲେ ବିଚାରକୁ ନିଆଯିବ ନାହିଁ । **କ୍ର.ନଂ. ଟେଣ୍ଡର ନୋଟିସ୍ ନଂ. ଓ କାର୍ଯ୍ୟର ନାମ ନିମ୍ନରେ ପ୍ରଦତ୍ତ : (୧) ସିକେପି-ଓ୍ୱେଷ୍ଟ-୨୩-୨୪-୪୪** । ସିନିୟର ଡିଇଏନ୍ (ଓ୍ୱେଷ୍ଟ) / ସିକେପି (୨ୟ କଲ)ଙ୍କ ବିଚାର କ୍ଷମତା ପରିସରଭୁକ୍ତ ବଣ୍ଡମୁଣ୍ଡା ଜଙ୍କସନ୍ - ପାନପୋଷ ମଧ୍ୟରେ ୨୯.୦୯୨ ଟିକେଏମ୍ ପାଇଁ ଟିଏସ୍‌ଆର (ପି) । **ଟେଣ୍ଡର ମୂଲ୍ୟ :** ଟ. ୩,୮୮,୦୪,୧୯୮.୯୪ । ଇଏମ୍‌ଡି : ଟ.୩,୪୪.୦୦୦/- । **(୨) ସିକେପି-ଓ୍ୱେଷ୍ଟ-୨୩-୨୪-୪୫** । ପାନପୋଷ (୨ୟ କଲ) ଠାରେ ପାଇପ୍ ଲାଇନ ବ୍ୟବସ୍ଥା ସହିତ ଡବ୍‌ଲ ଷ୍ଟେକ୍‌ର ପମ୍ପିଂ ବ୍ୟବସ୍ଥା ସକାଶେ ପମ୍ପ ହାଉସ୍ ଓ ପାଇପ୍ ଲାଇନ ନିର୍ମାଣ । **ଟେଣ୍ଡର ମୂଲ୍ୟ :** ଟ. ୧,୩୩,୫୩,୪୩୬.୫୭ । ଇଏମ୍‌ଡି : ଟ. ୨,୧୬,୮୦୦/- । **(୩) ସିକେପି-ଓ୍ୱେଷ୍ଟ-୨୩-୨୪-୪୬** । ଏଡିଇଏନ୍/ଝାରସୁଗୁଡାଙ୍କ କ୍ଷମତା ପରିସରଭୁକ୍ତ ବଣ୍ଡମୁଣ୍ଡା-ଝାରସୁଗୁଡା ଷ୍ଟେସନ ମଧ୍ୟରେ ଆର୍‌ସିସ୍ ବକ୍ସ ଦ୍ୱାରା ଲାଟେରାଇଟ୍ ଷ୍ଟୋନ୍ ସ୍ଲାବ୍ ବ୍ରିଜ୍ (୧୦ଟି)ର ରିହାବିଲିଟେସନ ପାଇଁ ବଳକା କାର୍ଯ୍ୟ । **ଟେଣ୍ଡର ମୂଲ୍ୟ :** ଟ.୧୧,୯୪,୦୫,୨୮୧.୨୩ । ଇଏମ୍‌ଡି : ଟ.୭.୪୭,୦୦୦/- । **(୪) ସିକେପି-ଓ୍ୱେଷ୍ଟ-୨୩-୨୪-୪୮** । ସିନିୟର ଡିଇଏନ୍/ ଓ୍ୱେଷ୍ଟ/ସିକେପିଙ୍କ ଅଧୀନରେ ୪୩.୪୭୮ ଟିକେଏମ୍ ପାଇଁ ଥ୍ରୋ ବାଲାଷ୍ଟ ନବୀକରଣ । **ଟେଣ୍ଡର ମୂଲ୍ୟ :** ଟ. ୨,୫୩,୪୭,୫୩୩.୮୯ । ଇଏମ୍‌ଡି : ୨,୭୬,୭୦୦/- । **ଟେଣ୍ଡର ଫର୍ମ ମୂଲ୍ୟ :** ସବୁ ଗୁଡିକ ପାଇଁ ଟ. ଶୂନ୍ୟ । **ଖୋଲା ତାରିଖ :** ସବୁ ଗୁଡିକ ପାଇଁ ୦୮.୦୪.୨୦୨୪ । ୱେବସାଇଟ୍ **http://www.ireps.gov.in**ରେ ଟେଣ୍ଡର ଦେଖିବାକୁ ମିଳିପାରିବ । ଟେଣ୍ଡରଦାତା/ବିଡରଙ୍କର ଶ୍ରେଣୀ-୩ ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ ଥିବ ଏବଂ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜିକୃତ ହୋଇଥିବେ । କେବଳ ପଞ୍ଜିକୃତ ଟେଣ୍ଡରଦାତା / ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରରେ ଅଂଶଗ୍ରହଣ ସମୟରେ ସମସ୍ତ ପ୍ରୟୋଜନୀୟ କାଗଜପତ୍ର ଅପ୍‌ଲୋଡ୍ ହୋଇଥିବ । ସୂଚନା : ସମସ୍ତ ଟେଣ୍ଡରଦାତାଙ୍କୁ ଇ-ଟେଣ୍ଡର ଫର୍ମ ମାଗଣାରେ ଯୋଗାଇ ଦିଆଯିବ । (ଅଥରିଟି- ରେଳବାଇ ବୋର୍ଡଙ୍କ ପତ୍ର ନଂ. ୨୦୨୦/ସିଇ-ଆଇ/ସିଟି/ ୩ଇ/ଜିସିସି/ପଲିସି ତାରିଖ : ୧୬.୦୭.୨୦୨୦) ।

PR-1230)


# ଖଇରାକୁ ମିଳିଲା ଏନଏସି ମାନ୍ୟତା

ଖଇରା, (ସବ୍ୟୁ) :ବାଲେଶ୍ୱର ଜିଲ୍ଲା ର ଖଇରା କୁ ବୁଧବାର ଏନଏସି ମାନ୍ୟତା ମିଳିବା ପରେ ଏହା ଖଇରା ବାସୀଙ୍କ ପାଇଁ ଖୁସି ଆଣିଦେଇଛି । ଏହାର ଶ୍ରେୟ ନେବାକୁ ବିଭିନ୍ନ ରାଜନୈତିକ ଦଳ ଓ ସଙ୍ଗଠନ ଖୁସି ଜାହିର କହିଛନ୍ତି । ଘୋଷଣା ପରେ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଖଇରା ବ୍ଲକ ନିକଟରେ ଧାରଣାରେ ବସିଥିବା ସ୍ୱାଭିମାନ ମଞ୍ଚର ସଦସ୍ୟ ଙ୍କ ସହ ଆଲୋଚନା କରି ଧାରଣାରୁ ଉଠାଇଥିଲେ । ଘୋଷଣା ପରେ ସମୁଳିଆ ବିଧାୟକ ସାମ୍ବାଦିକଙ୍କୁ ପ୍ରତିକ୍ରିୟା ଦେଇ ସେ ପ୍ରଥମରୁ ଖଇରା ସିମୁଳିଆକୁ ଏନଏସି ମାନ୍ୟତା ଦେବାକୁ ପ୍ରୟାସ ଜାରି ରଖିଥିଲେ ଓ ଧୈର୍ଯ୍ୟ ରଖିବାକୁ ଅନୁରୋଧ କରିଥିଲେ । ଯାହାର ଫଳ ବିଳମ୍ବରେ ହେଉ ପଛକେ ଖଇରାବାସୀଙ୍କୁ ଖୁସି ଖବର ଆଣି ଦେଇଛି ବୋଲି କହିଥିଲେ। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନକୁ ଖଇରା ବାସୀଙ୍କ ତରଫରୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ସେହିଭଳି ଖଇରା ବାଦ ପଡିବା ଦିନଠାରୁ ବଜାର ବନ୍ଦ ଓ ଧାରଣା ଜାରି ରଖିଥିବା ଖଇରା ସ୍ୱାଭିମାନ ମଞ୍ଚ ର ସମସ୍ତ କର୍ତ୍ତାମାନେ ବ୍ୟବସାୟୀଙ୍କୁ ମିଠା ବାଣ୍ଟି ଓ ଶୋଭାଯାତ୍ରା ରେ ବଜାର ବୁଲି ଏନଏସି ମାନ୍ୟତାର ଖୁସି ପାଳନ କରିଛନ୍ତି । ବିଳମ୍ବରେ ହେଉ ଖଇରାବାସୀଙ୍କୁ ତାଙ୍କର ହକ ମିଳିଛି ବୋଲି ସ୍ୱାଭିମାନ ମଞ୍ଚର ସମ୍ପାଦକ ମାନସ କୁମାର ମହାପାତ୍ର ଓ ସଭାପତି ପ୍ରଶାନ୍ତ ବେହେରା କହିଛନ୍ତି । ସେହିଭଳି ୧୦ବର୍ଷରୁ ଉର୍ଦ୍ଧ ସମୟ ଧରି ଏନଏସି ପାଇଁ କ୍ରମାଗତ ଦାବୀ ଉପସ୍ଥାପନ କରି ଆସୁଥିବା ଜନଜାଗରଣ ମଞ୍ଚ ଆନନ୍ଦରେ ଉତଫୁଲିତ ହୋଇ ପଡିଥିବା ବେଳେ ସଂଘର୍ଷର ଫଳ ମିଳିଥିବାରୁ ମଞ୍ଚର ସମ୍ପାଦକ ନିରଞ୍ଜନ ବେହେରା ସରକାରଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି । ଏହାଛଡା ଖଇରା ଏନଏସିରୁ ବାଦ ପଡିବା ପରେ ୨୮ତାରିଖରେ ନିଜର ବହୁ ସଂଖ୍ୟାର ସମର୍ଥକଙ୍କୁ ସାଥିରେ ଧରି ଖଇରା ବଜାରରେ ପ୍ରତିବାଦ ସଭା ଓ ଶୋଭାଯାତ୍ରାର ଆୟୋଜନ କରିଥିବା ଭାରତୀୟ ଜନତା ପାର୍ଟି ବୁଧବାର ଘୋଷଣାର ଶ୍ରେୟ ଖଇରାବାସୀଙ୍କୁ ଉତ୍ସର୍ଗ କରିଛନ୍ତି । ଦଳ ତୁଙ୍ଗ ନେତା ପଦ୍ମଲୋଚନ ପଣ୍ଡାଙ୍କ ପରାମର୍ଶ କ୍ରମେ ଯୁବନେତା ନିଳମାଧବ ପଣ୍ଡା,ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ମଣ୍ଡଳ ସଭାପତି ରାଜେଶ ରାଉତ,ପତିତପାବନ କର ଓ ମହେଶ୍ୱର ନାଥ,ସମ୍ପାଦକ ନିଳାମ୍ବର ପଣ୍ଡା ପ୍ରମୁଖ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ ମାଧ୍ୟମରେ ସମବେତ ବିଜେପି କର୍ମୀଙ୍କ ସଙ୍ଗଠିତ ଆନ୍ଦୋଳନ ଦାବୀକୁ ସମ୍ମାନ ଜଣାଇ ଏହି ଘୋଷଣା କରାଯାଇଥିବା କହିଥିଲେ । ସେହିଭଳି ବହୁ ପୂର୍ବରୁ ଖଇରାବାସୀଙ୍କ ସ୍ୱର ସହ ସ୍ୱର ମିଳାଇ ସରକାରଙ୍କ ଠାରେ ଏନଏସି ଦାବୀ କରିଆସୁଥିବା ବିଜେପି ମୁଖପାତ୍ର ଠାକୁର ରଞ୍ଜିତ ଦାସ ଓ ବିଜେପି ଯୁବ ମୋର୍ଚ୍ଚା ରାଜ୍ୟ କୋଷାଧ୍ୟକ୍ଷ ଇଂ ରାଜେଶ ମହାକୁଡ ରାଜ୍ୟସରକାରଙ୍କ ପଦକ୍ଷେପକୁ ସ୍ୱାଗତ କରିଛନ୍ତି ।

(ଶ୍ରୀମଦ୍ଭଗବଦ୍ ଗୀତା ୪/୨୫)

–ଜ୍ଞାନଯୋଗଃ–

(ଶ୍ରୀଭଗବାନୁବାଚ)

ଦୈବମେବାପରେ ଯଜ୍ଞଂ ଯୋଗିନାଃ ପର୍ଯ୍ୟପାସତେ
ବ୍ରହ୍ମାଗ୍ନାବପରେ ଯଜ୍ଞଂ ଯଜ୍ଞେନୈବୋଜୁହ୍ୱତି ।।୨୫।।

ଅନ୍ୟକର୍ମ୍‌ଯୋଗୀମାନେ ଶ୍ରଦ୍ଧା ସହିତ କେବଳ ଦେବପୂଜାରୂପ ଯଜ୍ଞର ଅନୁଷ୍ଠାନ କରନ୍ତି, ଅପର ଜ୍ଞାନଯୋଗୀମାନେ ବ୍ରହ୍ମରୂପ ଅଗ୍ନିରେ ଯଜ୍ଞରୂପ ଉପାଦ୍ୱାରା ଯଜ୍ଞାଦି ସମସ୍ତ କର୍ମକୁ ଆହୁତି ରୂପରେ ପ୍ରଦାନ କରନ୍ତି (ଏହାହିଁ ଜ୍ଞାନଯଜ୍ଞ) ।।୨୫।।

## ସମ୍ପାଦକୀୟ

# ନିର୍ବାଚନ ପୂର୍ବରୁ ସିଏଏ

ନାଗରିକତା ସଂଶୋଧନ ଅଧିନିୟମ (ସିଏଏ), ୨୦୧୯କୁ ନେଇ ବିଜ୍ଞପ୍ତି ପ୍ରକାଶ ପାଇବା ପରେ, ଏହି ଆଇନକୁ ନେଇ ପୁଣି ବିତର୍କ ଆରମ୍ଭ ହେଇଯାଇଛି । ଏହି ନିୟମ ଆରମ୍ଭରୁ ବିବାଦୀୟ ହୋଇଆସୁଛି ଏବଂ ଭୁଲ ଭାବରେ ଚିନ୍ତା କରାଯାଇଛି, ଅସାମ୍ବିଧାନିକ, ଭେଦଭାବକାରୀ ଏବଂ ଅନ୍ୟାୟ ବୋଲି ସମାଲୋଚନା କରାଯାଇଛି । ଏହାକୁ ନେଇ ଅନେକ ଉତ୍ସାହିତ ଥିବାବେଳେ କିଛି ଏହାର ବିରୋଧ ମଧ୍ୟ କରୁଛନ୍ତି । ଡିସେମ୍ବର ୩୧ ତାରିଖ ୨୦୧୪ ପୂର୍ବରୁ ଭାରତର ପଡୋଶୀ ଦେଶ ପାକିସ୍ତାନ, ଆଫଗାନିସ୍ତାନ ଏବଂ ବାଂଲାଦେଶରୁ ଭାରତ ଆସିଥିବା ହିନ୍ଦୁ, ଶିଖ୍, ବୌଦ୍ଧ, ଜୈନ କିମ୍ବା ପାର୍ସୀ ପ୍ରବାସୀ ଭାରତୀୟ ନାଗରିକତ୍ୱ ପାଇଁ ଆବେଦନ କରିପାରିବେ । ସଂସଦ ନାଗରିକତା (ସଂଶୋଧନ) ଅଧିନିୟମ ୨୦୧୯ (ସିଏଏ) ପ୍ରଣୟନ କରିବାର ଚାରି ବର୍ଷ ପରେ, ଯାହା ମୁସଲମାନମାନଙ୍କୁ ବାଦ୍ ଦେଇଛି, ଆଇନ କାର୍ଯ୍ୟକାରୀ କରିବାକୁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ନିୟମ ଜାରି କରିଛି । ବିଜ୍ଞପ୍ତି ପରେ ଗୃହମନ୍ତ୍ରୀ ଅମିତ ଶାହା ସାମାଜିକ ଗଣମାଧ୍ୟମ 'X' ରେ ପୋଷ୍ଟ କରିଛନ୍ତି, ପ୍ରଧାନମନ୍ତ୍ରୀ ଅନ୍ୟ ଏକ ପ୍ରତିଶ୍ରୁତି ପାଳନ କରିଛନ୍ତି ।' ୨୦୧୯ ର ବିଜେପିର ନିର୍ବାଚନୀ ଇସ୍ତାହାରରେ ସିଏଏ ପ୍ରମୁଖ ଅଂଶ ମଧ୍ୟରେ ସ୍ଥାନ ପାଇଥିଲା । ଏହି ଆଇନକୁ ନେଇ ଅସନ୍ତୋଷ ରହିଛି । ସଂସଦରେ ପ୍ରବଳ ବିରୋଧ ମଧ୍ୟରେ ଏହି ବିଲ୍‌ଟି ୨୦୧୯ ମସିହା ଡିସେମ୍ବର ମାସରେ ଗୃହୀତ ହେଇଥିଲା । ସିଏଏକୁ ବିରୋଧ କରି ଦୀର୍ଘଦିନ ଧରି ଆନ୍ଦୋଳନ ଚାଲିଥିଲା ଏବଂ ଆନ୍ଦୋଳନ ସମୟରେ ପୁଲିସ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଅନେକ ଲୋକଙ୍କ ଜୀବନ ମଧ୍ୟ ଯାଇଥିଲା । ବିରୋଧୀଦଳ ସହିତ କେତେକ ଅଣ-ବିଜେପି ରାଜ୍ୟଗୁଡିକ ଏହି ଆଇନକୁ ବିରୋଧ କରିଥିଲେ । ପାକିସ୍ତାନ, ଆଫଗାନିସ୍ତାନ ଏବଂ ବାଂଲାଦେଶ ଇସଲାମିକ ଦେଶ ହୋଇଥିବାରୁ ମୁସଲମାନମାନଙ୍କୁ ବାଦ ଦିଆଯାଇଛି ବୋଲି ସରକାର କହିଛନ୍ତି । ଏହାକୁ ନେଇ ସୁପ୍ରିମକୋର୍ଟରେ ଚାଲେଞ୍ଜ କରାଯାଇଛି ଏବଂ ଏହା ଧାରା ୧୪କୁ ଉଲ୍ଲଂଘନ କରିଛି ବୋଲି ଯୁକ୍ତି କରାଯାଇଛି । ଯାହା ନିଶ୍ଚିତ କରେ ଯେ ଆଇନ ଅନୁଯାୟୀ କୌଣସି ବ୍ୟକ୍ତିଙ୍କୁ ସମାନତା କିମ୍ବା ଭାରତର ସୀମାରେ ଆଇନର ସମାନ ସୁରକ୍ଷାକୁ ଦେଶ ଅସ୍ୱୀକାର କରିବ ନାହିଁ । ଅନ୍ୟ ଏକ ଯୁକ୍ତି ହେଉଛି, ଯଦି ସିଏଏ ଅସୁରକ୍ଷିତ ଲୋକଙ୍କ ଚିନ୍ତାକୁ ନେଇ ଜନ୍ମ ହେଇଥିଲା, ତେବେ ଏହାକୁ ମିଆଁମାରର ରୋହିଙ୍ଗ୍ୟା, ପାକିସ୍ତାନର ଅହମ୍ମଦିଆ କିମ୍ବା ଏପରିକି ଶ୍ରୀଲଙ୍କାରୁ ତାମିଲ ପର୍ଯ୍ୟନ୍ତ ବିସ୍ତାର କରାଗଲା ନାହିଁ କାହିଁକି ? ଉତ୍ତର-ପୂର୍ବରେ ଶାନ୍ତି ଏବଂ ସ୍ଥିର ପରିସ୍ଥିତି ସିଏଏ ନେଇ ଆହୁରି ଅସ୍ଥିର ହେବାର ସମ୍ଭାବନା ରହିଛି । ଆସାମରେ ପ୍ରତିବାଦ ଆରମ୍ଭ ହେଇଛି । ସୀମାନ୍ତରେ ଥିବା ଏହି ରାଜ୍ୟକୁ ବାହାର ଦେଶରୁ ଅନେକ ଲୋକ ଚାଲିଆସିବେ ବୋଲି ପ୍ରତିବାଦ କରୁଥିବା ଲୋକମାନେ ଯୁକ୍ତି ବାଢୁଛନ୍ତି । ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଧ୍ୟ ଏହାକୁ ଦୃଢ ସ୍ୱରରେ ବିରୋଧ କରିଛନ୍ତି । ଅନ୍ୟ ପକ୍ଷରେ ପଶ୍ଚିମବଙ୍ଗ ଓ ମଧ୍ୟପ୍ରଦେଶରେ ବସବାସ କରୁଥିବା ମତୁଆ ସମ୍ପ୍ରଦାୟ (ବାଂଲାଦେଶରୁ ଆସିଥିବା ଶରଣାର୍ଥୀ) ମାନେ ଏଥିରେ ଖୁସି ବ୍ୟକ୍ତ କରିଛନ୍ତି । ଅଧିକନ୍ତୁ, ଆସାମ ସ୍ଥିର ହେବା ଅପେକ୍ଷା ନ୍ୟାସନାଲ ରେଜିଷ୍ଟର ଅଫ୍ ସିଟିଜନସ୍ (ଏନ୍‌ଆର୍‌ସି) ପ୍ରକ୍ରିୟା ଅଧିକ ତ୍ରୁଟି ସୃଷ୍ଟି କରିଛି ଏବଂ ବିଦେଶୀ କିଏ ତାହା ଉପରେ ପ୍ରଶ୍ନ ଉଠିଛି । ବର୍ତ୍ତମାନ, ସିଏଏ ନିୟମର ବିଜ୍ଞପ୍ତିରେ ରାଜ୍ୟରେ ଆଉ ଏକ ରାଉଣ୍ଡ ବିରୋଧ ପ୍ରଦର୍ଶନ କରାଯାଇଛି । ଲୋକସଭା ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି କାର୍ଯ୍ୟକାରୀ ହେବାର କିଛି ଦିନ ପୂର୍ବରୁ ସରକାର ଏହି ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ସମ୍ଭବତଃ ପଶ୍ଚିମବଙ୍ଗ ପରି ରାଜ୍ୟଗୁଡିକ ପାଇଁ ଏହି ବିଜ୍ଞପ୍ତି ବିଶେଷ ଭାବରେ ଟାର୍ଗେଟ କରାଯାଇଛି ବୋଲି କୁହାଯାଉଛି ଯେଉଁଠାରେ ବହୁ ସଂଖ୍ୟାରେ ମୁସଲମାନ ଜନସଂଖ୍ୟା ରହିଛି । ଏକ ନିର୍ବାଚନ ପ୍ରଚାର ପୂର୍ବରୁ, ଏହାର ବିଜ୍ଞପ୍ତି କରାଯିବାକୁ ନେଇ ଅନେକ ପ୍ରଶ୍ନ ଉଠାଇଛନ୍ତି । ଚାରି ବର୍ଷରୁ ଅଧିକ ସମୟ ଧରି କାହିଁକି ନିୟମକୁ ଲାଗୁ କରାଗଲା ନାହିଁ ଏବଂ ନିର୍ବାଚନ ପୂର୍ବରୁ ଏହା କାହିଁକି କରାଯାଇଛି ବୋଲି ପ୍ରଶ୍ନର କୌଣସି ସନ୍ତୋଷଜନକ ଉତ୍ତର ନାହିଁ ।

# ନିର୍ବାଚନ ଆୟୋଗ ସମସ୍ୟା

ସାଧାରଣ ନିର୍ବାଚନ ହେବା ପୂର୍ବରୁ ଭାରତର ନିର୍ବାଚନ ଆୟୋଗ (ଇସିଆଇ)ର ଜଣେ ବରିଷ୍ଠ ସଦସ୍ୟ ଇସ୍ତଫା ଦେବା, ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି । ଆୟୋଗ କିଛି ଦିନ ମଧ୍ୟରେ ନିର୍ବାଚନ ସୂଚୀ ଘୋଷଣା କରିବାକୁ ଥିବାବେଳେ ଆୟୋଗର ଜଣେ ସଦସ୍ୟ ଅରୁଣ ଗୋଏଲ ଇସ୍ତଫା ଦେଇଛନ୍ତି । ବିଭିନ୍ନ ହିତାଧିକାରୀଙ୍କ ସହ ନିର୍ବାଚନ ପରିଚାଳନା ସମ୍ପର୍କରେ ଆୟୋଗ ପ୍ରସ୍ତୁତି ଏବଂ ପରାମର୍ଶ କରୁଥିବା ସମୟରେ ଜଣେ ନିର୍ବାଚନ କମିଶନରଙ୍କ ଇସ୍ତଫା ଦେବାର କାରଣ ଏପର୍ଯ୍ୟନ୍ତ ବାହାରକୁ ଆସିନାହିଁ । ଅରୁଣ ଗୋଏଲ କୋଲକାତାରୁ ଫେରିଥିଲେ, ଯେଉଁଠାରେ ସେ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାରଙ୍କ ଓ ହିତାଧିକାରୀଙ୍କ ସହ ନିର୍ବାଚନ ପରିଚାଳନା ସମ୍ପର୍କରେ ପରାମର୍ଶ କରିଥିଲେ ଏବଂ ପରେ ସେ ତାଙ୍କ ଇସ୍ତଫା ପତ୍ରକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିକଟକୁ ପଠାଇ ଦେଇଥିଲେ । ତୁରନ୍ତ ଇସ୍ତଫା ମଧ୍ୟ ଗ୍ରହଣ କରାଯାଇଥିଲା । ନିର୍ବାଚନ କମିଶନରଙ୍କ ଏପରି ହଠାତ ନିଷ୍ପତ୍ତି ଓ ଇସ୍ତଫା ଦେବାର ସମୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଇଛି ଏବଂ ଏହା ଭିତରେ କିଛି ରହସ୍ୟ ଥିବାନେଇ ଚର୍ଚ୍ଚା ଚାଲିଛି । ତିନି ସଦସ୍ୟ ବିଶିଷ୍ଟ ନିର୍ବାଚନ ଆୟୋଗରେ ବର୍ତ୍ତମାନ କେବଳ ଜଣେ ସଦସ୍ୟ ଅର୍ଥାତ୍ ମୁଖ୍ୟ ନିର୍ବାଚନ କମିଶନର ଅଛନ୍ତି । ଅତୀତରେ ମଧ୍ୟ ଆୟୋଗ କେବଳ ଜଣେ ସଦସ୍ୟଙ୍କୁ ନେଇ କାର୍ଯ୍ୟ କରୁଥିଲେ ଏବଂ ସେତେବେଳେ ମଧ୍ୟ ନିର୍ବାଚନ ଫଳପ୍ରଦ ଓ ସଫଳତାର ସହ ଅନୁଷ୍ଠିତ ହୋଇଥିଲା । କିନ୍ତୁ ପ୍ରଶ୍ନ ଉଠୁଛି ଜଣେ ସଦସ୍ୟ ହଠାତ୍ ଇସ୍ତଫା ଦେଇଦେଲେ କାହିଁକି ଏବଂ ଗତ ମାସରେ ଅନ୍ୟ ସଦସ୍ୟଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ଖାଲି ପଦ ପୂରଣ ପାଇଁ ଠିକ୍ ସମୟରେ ପଦକ୍ଷେପ ନିଆ ଯାଇନାହିଁ କାହିଁକି । ସରକାର ବର୍ତ୍ତମାନ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିଛନ୍ତି ଏବଂ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଚୟନ କମିଟି ମାର୍ଚ୍ଚ ୧୫ ରେ ବସିବ ବୋଲି ଆଶା କରାଯାଉଛି । ଚୟନ କମିଟିରେ ସରକାରଙ୍କ ପ୍ରାଧାନ୍ୟ ରହିଛି ତେଣୁ ନିଷ୍ପତ୍ତି ନେବାରେ କୌଣସି ଅସୁବିଧା ହେବନାହିଁ । ବୁଧବାର (ମାର୍ଚ୍ଚ ୧୩) ସୁପ୍ରିମକୋର୍ଟ ମାର୍ଚ୍ଚ ୧୫ରେ ନୂତନ ମୁଖ୍ୟ ନିର୍ବାଚନ କମିଶନର ତଥା ଅନ୍ୟାନ୍ୟ ନିର୍ବାଚନ କମିଶନର୍ (ନିଯୁକ୍ତି, ସେବା ସର୍ତ୍ତାବଳୀ ଏବଂ ଅଫିସ୍ ଅଫ୍ ଟର୍ମ) ଅଧିନିୟମ, ନିର୍ବାଚନ କମିଶନରଙ୍କ ନିଯୁକ୍ତି ପ୍ରକ୍ରିୟାକୁ ଚ୍ୟାଲେଞ୍ଜ କରୁଥିବା ଗୋଟିଏ ଆବେଦନ ଉପରେ ଶୁଣାଣି କରିବାକୁ ରାଜି ହୋଇଛନ୍ତି । ଆସୋସିଏସନ ଫର ଡେମୋକ୍ରାଟିକ୍ ରିଫର୍ମସ୍ (ଏଡିଆର) ଏବଂ ଡକ୍ଟର ଜୟା ଠାକୁର (ମଧ୍ୟପ୍ରଦେଶ ମହିଳା କଂଗ୍ରେସ କମିଟିର ସାଧାରଣ ସମ୍ପାଦକ)ଙ୍କ ଦ୍ୱାରା ଏହି ପିଟିସନଟି ଦାୟର କରାଯାଇଛି । ବର୍ତ୍ତମାନର ନିୟମ ଅନୁସାରେ, ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଏକ ପ୍ୟାନେଲ୍‌ରେ ଲୋକସଭାର ବିରୋଧୀଦଳର ନେତା ଏବଂ କେନ୍ଦ୍ର କ୍ୟାବିନେଟ୍ ମନ୍ତ୍ରୀ ସଦସ୍ୟ ଭାବରେ ନିର୍ବାଚନ କମିଶନର୍ ଚୟନ କରିବେ । ସୁପ୍ରିମକୋର୍ଟ ଏ ନେଇ କଣ ରାୟ ଦେଉଛନ୍ତି, ତାହା ଏହି ସମୟରେ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ତେବେ ଗୋଏଲଙ୍କ ଇସ୍ତଫା ନେଇ ରହସ୍ୟ କଣ, ତାହା ଏପର୍ଯ୍ୟନ୍ତ ଜଣାପଡିନାହିଁ । ବ୍ୟକ୍ତିଗତ କିମ୍ବା ସ୍ୱାସ୍ଥ୍ୟଗତ କାରଣରୁ ଗୋଏଲ ଇସ୍ତଫା ଦେଇଥାଇପାରନ୍ତି ବୋଲି ଚର୍ଚ୍ଚା ଚାଲିଛି । କିନ୍ତୁ ଏହାକୁ ସମ୍ପୂର୍ଣ୍ଣ ସତ୍ୟ ଭାବେ ଗ୍ରହଣ କରାଯାଇ ପାରୁନାହିଁ । ତାଙ୍କ ଆଗରେ ଅବସର ପାଇଁ ଆହୁରି ବହୁତ ସମୟ ଥିଲା ଏବଂ ସେ ମୁଖ୍ୟ ନିର୍ବାଚନ କମିଶନର ହେବା ନେଇ ଆଶା କରାଯାଉଥିଲା । ୨୦୨୨ ରେ ସେ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରିବାର ୨୪ ଘଣ୍ଟା ମଧ୍ୟରେ ଭାରତ ସରକାରଙ୍କ ପୂର୍ବତନ ସଚିବ ଗୋଏଲଙ୍କୁ ଶୀଘ୍ର ନିର୍ବାଚନ କମିଶନର ଭାବରେ ନିଯୁକ୍ତ କରାଯାଇଥିଲା ଯେତେବେଳେ ସୁପ୍ରିମକୋର୍ଟର ଏକ ସମ୍ବିଧାନ ବେଞ୍ଚ ଏହି ନିଯୁକ୍ତିର ପ୍ରକ୍ରିୟା ସ୍ଥିର କରିବାକୁ ଏକ ଆବେଦନ ଶୁଣାଣି କରୁଥିଲେ । ତେଣୁ ସରକାରଙ୍କ ସହ ତାଙ୍କର କୌଣସି ମତାନ୍ତର ହେବା ନେଇ ଆଶା କରାଯାଇ ନ ପାରେ । ନିର୍ବାଚନ ଅନୁଷ୍ଠିତ ପ୍ରସଙ୍ଗରେ ସିଇସିଙ୍କ ସହ ତାଙ୍କର ମତଭେଦ ଥିବା ଅନୁମାନ କରାଯାଉଛି । ଅନ୍ୟାନ୍ୟ କାରଣ ମଧ୍ୟ ହୋଇପାରେ, ଯେଉଁଥିପାଇଁ ସେ ଇସ୍ତଫା ଦେବାକୁ ବାଧ୍ୟ ହୋଇଥିବେ । ଇସ୍ତଫା ଦେବାର କାରଣ ଏବଂ ପରିସ୍ଥିତିକୁ ସାର୍ବଜନୀନ କରାଯିବା ଆବଶ୍ୟକ ଏବଂ ଗଣତନ୍ତ୍ରରେ ନିର୍ବାଚନ ଆୟୋଗ ଏକ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ ଅଟେ । ଏକ ସାମ୍ବିଧାନିକ ସଂସ୍ଥା ନିର୍ବାଚନ ଆୟୋଗର କାର୍ଯ୍ୟରେ ଜନସାଧାରଣଙ୍କ ଆଗ୍ରହ ରହିଛି ଏବଂ ଏହା ସ୍ୱଚ୍ଛ ଓ ବିଶ୍ୱସନୀୟ ହେବା ଉଚିତ । ହଠାତ୍ ନିଯୁକ୍ତି ଏବଂ ଇସ୍ତଫା ଏହାର ବିଶ୍ୱସନୀୟତା ହ୍ରାସ କରୁଛି ।

# ମହାନ ଦାର୍ଶନିକ କାର୍ଲ ମାର୍କ୍ସ

### ଅସିତ ମହାନ୍ତି

କାର୍ଲ ହେନରୀଚ ମାର୍କ୍ସ(୫ ମଇ ୧୮୧୮, ଟ୍ରାୟର୍, ଜର୍ମାନୀ – ୧୪ ମାର୍ଚ୍ଚ ୧୮୮୩, ୟୁନାଇଟେଡ୍ କିଙ୍ଗଡମ) ଜଣେ ଜର୍ମାନ ଦାର୍ଶନିକ, ଅର୍ଥନୀତିଜ୍ଞ, ଇତିହାସକାର , ରାଜନୈତିକ ତତ୍ତ୍ୱଜ୍ଞ, ସମାଜବିଜ୍ଞାନୀ, ସାମ୍ବାଦିକ, ରାଜନୀତି – ଅର୍ଥନୀତିର ସମାଲୋଚକ, ସମାଜବାଦୀ ବିପ୍ଲବୀ ତଥା ବୈଜ୍ଞାନିକ ସମାଜବାଦର ଅଗ୍ରଦୂତ ଥିଲେ । ତାଙ୍କର ଜଣାଶୁଣା ଶିରୋନାମାଗୁଡ଼ିକ ହେଉଛି ୧୮୪୮ ପୁସ୍ତକ 'ଦି କମ୍ୟୁନିଷ୍ଟ ମନିଫେଷ୍ଟୋ' ଏବଂ 'ଚାରି-ଭଲ୍ୟୁମ୍'ର ଦାସ କ୍ୟାପିଟାଲ୍(ଦାସ କ୍ୟାପିଟାଲ ଏକ ପୁସ୍ତକ ଯାହାକି ୧୮୬୭ ଖ୍ରୀଷ୍ଟାବ୍ଦରେ କାର୍ଲ ମାର୍କ୍ସଙ୍କ ଦ୍ୱାରା ଲିଖିତ । ଏହା ପୁଞ୍ଜି ଏବଂ ପୁଞ୍ଜିବାଦକୁ ବିଶ୍ଳେଷଣ କରେ ଏବଂ ଶ୍ରମିକ ଶ୍ରେଣୀକୁ ଶୋଷଣରୁ ମୁକ୍ତ କରିବାର ଉପାୟ ପରାମର୍ଶ ଦିଏ । ଏହି ପୁସ୍ତକ ମାଧ୍ୟମରେ ଏକ ସମ୍ପୂର୍ଣ୍ଣ ନୂତନ ଚିନ୍ତାଧାରା ପ୍ରବାହିତ ହୋଇଥିଲା, ଯାହା ସମସ୍ତ ପ୍ରାଚୀନ ବିଶ୍ୱାସକୁ ଥରାଇ ଦେଇଥିଲା ।)

ଊନବିଂଶ ଶତାବ୍ଦୀ ଅସମାନତା, ଅତ୍ୟାଚାର ଏବଂ ଶୋଷଣରେ ପରିପୂର୍ଣ୍ଣ ଥିଲା । ଜଣେ ବ୍ୟକ୍ତିଙ୍କ ଧାରଣା ଏକ ବିପ୍ଲବ ସୃଷ୍ଟି କରିଥିଲା ଯାହା ଇତିହାସର ଗତିକୁ ସବୁଦିନ ପାଇଁ ବଦଳାଇ ଦେଇଥିଲା । ସେହି ବ୍ୟକ୍ତିଙ୍କ ନାମ ଥିଲା କାର୍ଲ ହେନେରିକ ମାର୍କ୍ସ । ଊନବିଂଶ ଶତାବ୍ଦୀର ପ୍ରାରମ୍ଭରେ ଜର୍ମାନୀରେ ଜନ୍ମଗ୍ରହଣ କରିଥିବା କାର୍ଲ ମାର୍କ୍ସ ତାଙ୍କର କ୍ରିଟିକ ଅଫ୍ କ୍ୟାପିଟାଲିଜିମ୍ ପାଇଁ ଜଣାଶୁଣା । ମାର୍କ୍ସ ପୁଞ୍ଜିବାଦକୁ ଗଭୀର ଭାବରେ ବିଶ୍ଳେଷଣ କରିଥିଲେ ଏବଂ ଏହାର କୁପ୍ରଭାବକୁ ପ୍ରକାଶ କରିଥିଲେ । ମାର୍କ୍ସ ଲେଖିଛନ୍ତି ଯେ ପୁଞ୍ଜିବାଦୀ ଶ୍ରେଣୀ ଶ୍ରମିକଙ୍କ ଶୋଷଣ କରେ । ଏହା ଶ୍ରମିକମାନଙ୍କଠାରୁ କଠିନ ପରିଶ୍ରମ ଆବଶ୍ୟକ କରେ ଏବଂ ପୁଞ୍ଜିବାଦୀ ଶ୍ରେଣୀ ଶ୍ରମିକମାନଙ୍କ ଦ୍ୱାରା ଉତ୍ପାଦିତ ଦ୍ରବ୍ୟର ସମସ୍ତ ଲାଭ ରଖେ ଏବଂ ପ୍ରତିବଦଳରେ ଶ୍ରମିକମାନଙ୍କୁ ଛୋଟ ବେତନ ପ୍ରଦାନ କରେ । ମାର୍କ୍ସ ଲେଖିଛନ୍ତି ଯେ ଭବିଷ୍ୟତରେ ଏହି ଶ୍ରମିକମାନଙ୍କ ଦ୍ୱାରା ଏକ ବିପ୍ଳବ ଆରମ୍ଭ ହେବ ଯେଉଁଥିରେ ପୁଞ୍ଜିବାଦ ଉଚ୍ଛେଦ ହେବ ଏବଂ ଏକ ଶ୍ରେଣୀହୀନ ସମାଜ ପ୍ରତିଷ୍ଠା ହେବ । ଯେଉଁଥିରେ ସମସ୍ତଙ୍କର ସମାନ ଅଧିକାର ରହିବ ଏବଂ ଏହିପରି ଭାବରେ ପୁଞ୍ଜିବାଦ'ର ସ୍ଥାନ ସାମ୍ୟବାଦ ନେବ । ସମସ୍ତଙ୍କୁ ଜଣା ଯେ ମାର୍କ୍ସ ଇତିହାସର ଅନ୍ୟତମ ପ୍ରଭାବଶାଳୀ ବ୍ୟକ୍ତି ଭାବରେ ପରିଗଣିତ ହୋଇଥିଲେ । ତାଙ୍କର ଆଦର୍ଶ ସମଗ୍ର ବିଶ୍ୱରେ ପ୍ରଭାବ ପକାଇଥିଲା । ମାର୍କ୍ସଙ୍କ ପିତା ଜଣେ ଓକିଲ ଥିଲେ ଏବଂ ସେ ଚାହୁଁଥିଲେ ଯେ ତାଙ୍କ ପୁଅ ପାରିବାରିକ ବ୍ୟବସାୟ ଅନୁସରଣ କରନ୍ତୁ, କିନ୍ତୁ ମାର୍କ୍ସ ଆଇନ ପୁସ୍ତକ ପ୍ରତି ଆଗ୍ରହୀ ନଥିଲେ, କିନ୍ତୁ ଦର୍ଶନ ଏବଂ ଇତିହାସରେ ଥିଲେ । ମାର୍କ୍ସ ଅନେକ ଭାଷା ଜାଣିଥିଲେ ଯେପରିକି ଗ୍ରୀକ୍, ଲାଟିନ୍, ଫରାସୀ, ଇଂରାଜୀ ଏବଂ ଜର୍ମାନ ଅଧ୍ୟୟନ କରିବାକୁ, ମାର୍କ୍ସ ବନ୍ ବିଶ୍ୱବିଦ୍ୟାଳୟରେ ଆଡମିଶନ ନେଇଥିଲେ ପରେ ତାଙ୍କ ପିତା ତାଙ୍କୁ ବର୍ଲିନ୍ ବିଶ୍ୱବିଦ୍ୟାଳୟକୁ ପଠାଇଲେ, ଯେଉଁଠାରେ ସେ ଦର୍ଶନ, ଅର୍ଥନୀତି ଏବଂ ଇତିହାସ ଅଧ୍ୟୟନ କରିଥିଲେ । ଏହା ପରେ ମାର୍କ୍ସ ଜେନା ବିଶ୍ୱବିଦ୍ୟାଳୟରୁ ପିଏଚଡି ସମାପ୍ତ କରିଥିଲେ । ଜେନି ୱାନ୍ ୱେଷ୍ଟଫାଲେନ୍ ମାର୍କ୍ସଙ୍କ ପତ୍ନୀ ଥିଲେ ଏବଂ ଦୁଇ ପରିବାର ଜେନିଙ୍କ ପିଲାଦିନେ ଜର୍ମାନୀର ଟ୍ରାୟର ସହରରେ ରହୁଥିଲେ । ଉଭୟ ମାର୍କ୍ସ ଏବଂ ଜେନିଙ୍କ ପିତା ଓକିଲ ଥିଲେ ଏବଂ ବନ୍ଧୁ ମଧ୍ୟ ଥିଲେ । ସମାନ ସର୍କଲର ଅଂଶ ହୋଇ ଉଭୟ ମାର୍କ୍ସ ଏବଂ ଜେନିଙ୍କ ପରିବାର ପରସ୍ପରକୁ ଜାଣିଥିଲେ । ଜେନୀଙ୍କ ଘରେ ଏକ ବଡ ପରିବାର ଲାଇବ୍ରେରୀ ଥିଲା । ଏହି ଲାଇବ୍ରେରୀରେ ବିଭିନ୍ନ ବିଷୟ ଉପରେ ଅନେକ ପୁସ୍ତକ ଥିଲା । ମାର୍କ୍ସ ପିଲାଦିନରୁ ପୁସ୍ତକକୁ ବହୁତ ଭଲ ପାଉଥିଲେ । ପିଲାଦିନରୁ ତାଙ୍କର ଜ୍ଞାନ ପାଇଁ ପ୍ରଚୁର ଭୋକ ଥିଲା । ସେଥିପାଇଁ, ଦୁଇ ପରିବାର ମଧ୍ୟରେ ସାମାଜିକ ସମ୍ପର୍କ ହେତୁ ମାର୍କ୍ସ ଜେନିଙ୍କ ଘରକୁ ବହି ପଢିବାକୁ ଯାଉଥିଲେ ।

ମାର୍କ୍ସଙ୍କ ବୌଦ୍ଧିକ ବିକାଶରେ ଜେନୀଙ୍କ ପରିବାରର ଲାଇବ୍ରେରୀର ଏକ ପ୍ରମୁଖ ଅବଦାନ ଥିବା ଜଣାପଡିଛି । ମାର୍କ୍ସ ମୁଖ୍ୟତଃ ତାଙ୍କର କମ୍ୟୁନିଷ୍ଟ ମାନିଫେଷ୍ଟୋ ପାଇଁ ଜଣାଶୁଣା, ଯାହା ସେ ତାଙ୍କ ବନ୍ଧୁ ଫ୍ରେଡ଼ରିକ ଏଙ୍ଗେଲ୍ସଙ୍କ ସହ ଲେଖିଥିଲେ । ମାର୍କ୍ସଙ୍କ କମ୍ୟୁନିଷ୍ଟ ମେନିଫେଷ୍ଟୋ ଗୁରୁତ୍ୱାରୋପ କରିଛି ଯେ ଏହି ଜଗତର ସଂସ୍କାର ନୁହେଁ ବରଂ ଏକ ବିପ୍ଳବ ଦରକାର । ଏହା ବ୍ୟତୀତ ମାର୍କ୍ସ ୩ ଖଣ୍ଡରେ 'ଦାସ କ୍ୟାପିଟାଲ୍' ଲେଖିଥିଲେ । ଏହା ମାର୍କ୍ସଙ୍କ ସର୍ବୋତ୍ତମ କାର୍ଯ୍ୟ ବୋଲି ବିବେଚନା କରାଯାଏ । ରାଜନୈତିକ ଇତିହାସ ଏବଂ ଅର୍ଥନୀତି ଉପରେ ମାର୍କ୍ସଙ୍କ ଦାସ କ୍ୟାପିଟାଲ'ର ବହୁତ ପ୍ରଭାବ ପଡିଥିଲା । ସାମାଜିକ ବିଜ୍ଞାନର ତିନୋଟି ପ୍ରତିଷ୍ଠାତା ମଧ୍ୟରୁ କାର୍ଲ ମାର୍କ୍ସଙ୍କୁ ଜଣେ ବିବେଚନା କରାଯାଏ । ଜଣେ ହେଉଛନ୍ତି ଫରାସୀ ସମାଜବିଜ୍ଞାନୀ ଏମିଲ୍ ଡୁର୍କାଇମ୍, ଦ୍ୱିତୀୟ ହେଉଛନ୍ତି ଜର୍ମାନ ସମାଜବିଜ୍ଞାନୀ ମ୍ୟାକ୍ସ ୱେବର ଏବଂ ତୃତୀୟ ହେଉଛନ୍ତି କାର୍ଲ ମାର୍କ୍ସ । ମାର୍କ୍ସ ତାଙ୍କର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ 'ଦାସ କପିଟାଲ'କୁ ବ୍ରିଟିଶ ଜୀବବିଜ୍ଞାନୀ ଚାର୍ଲ୍ସ ଡାରୱିନ୍‌ଙ୍କୁ ଉତ୍ସର୍ଗ କରିଥିଲେ । ମାର୍କ୍ସ ଡାରୱିନ୍‌ଙ୍କ କାର୍ଯ୍ୟ 'ଅନ୍ ଅରିଜିନ୍ ଅଫ୍ ପ୍ରଜାତି'ର ପ୍ରଶଂସକ ଥିଲେ ଏବଂ ସେ ଡାରୱିନ୍'ଙ୍କ ପୁସ୍ତକକୁ ବହୁତ ଉଜ୍ଜ୍ୱଳ ବୋଲି କହିଥିଲେଛ ମାର୍କ୍ସ ୧୮୮୦ ମସିହାରେ ଡାରୱିନ୍‌ଙ୍କୁ ଏକ ଚିଠି ଲେଖିଥିଲେ ଯେଉଁଥିରେ ମାର୍କ୍ସ କହିଛନ୍ତି ଯେ ଇତିହାସ ଉପରେ ମୋର ଦୃଷ୍ଟିକୋଣର ମୂଳଦୁଆ ଡାରୱିନ୍'ଙ୍କ ପୁସ୍ତକ ଅରିଜିନ୍ ଅଫ୍ ସ୍ପିଜ୍‌ରୁ ନିଆଯାଇଛି । ଚାର୍ଲ୍ସ ଡାରୱିନ୍ କାର୍ଲ ମାର୍କ୍ସଙ୍କଠାରୁ ୯ ବର୍ଷ ବଡ ଥିଲେ । ଡାରୱିନ୍ କେଣ୍ଟରେ ଏବଂ ମାର୍କ୍ସ ଲଣ୍ଡନରେ ରହୁଥିଲେ । ୧୮୫୯ରେ ପ୍ରଜାତିର ଉତ୍ପତ୍ତି ଏବଂ ୧୮୬୭ ମସିହାରେ ଐତିହାସିକ 'ଦାସ କ୍ୟାପିଟାଲ'ର ପ୍ରଥମ ଭଲ୍ୟୁମ୍ ପ୍ରକାଶିତ ହୋଇଥିଲା । ଡିସେମ୍ବର ୧୯, ୧୮୬୦ ରେ, ମାର୍କ୍ସ ତାଙ୍କର ଘନିଷ୍ଠ ବନ୍ଧୁ ଏଙ୍ଗେଲ୍ସଙ୍କୁ ଏକ ଚିଠିରେ ଲେଖିଥିଲେ ଯେ ସାମାଜିକ ବିଜ୍ଞାନ ବିଷୟରେ ଆମର ଧାରଣାକୁ ନିଶ୍ଚିତ କରୁଥିବା ପୁସ୍ତକ ହେଉଛି ଉତ୍ପତ୍ତି ପ୍ରଜାତିର । ୧୬ ଜାନୁଆରୀ ୧୮୬୧ରେ ଫର୍ଡିନାଣ୍ଡ ଲେସେଲଙ୍କୁ ଲେଖାଯାଇଥିବା ଚିଠିରେ କାର୍ଲ ମାର୍କ୍ସ ମଧ୍ୟ ଉଲ୍ଲେଖ କରିଛନ୍ତି ଯେ, ବର୍ତ୍ତମାନର ସମାଜ, ପୃଥିବୀରେ ଉପସ୍ଥିତ ଜୀବଜନ୍ତୁଙ୍କ ପରି, ଏକ ଐତିହାସିକ ପରିବର୍ତ୍ତନ ପ୍ରକ୍ରିୟାର ଫଳାଫଳ । କାର୍ଲ ମାର୍କ୍ସ ନିଜେ ଏହି କ୍ଲାସିକ୍ କାର୍ଯ୍ୟ 'କ୍ୟାପିଟାଲ୍'ର ଏକ କପି ୧୬ ଜୁନ୍ ୧୮୭୩ ରେ ଚାର୍ଲ୍ସ ଡାରୱିନ୍'ଙ୍କ ନିକଟକୁ ପଠାଇଥିଲେ ତୁମର ସଚ୍ଚୋଟ ପ୍ରଶଂସକ, କାର୍ଲ ମାର୍କ୍ସ ଚାର୍ଲ୍ସ ଡାରୱିନ୍ ଏହି ପୁସ୍ତକକୁ ତାଙ୍କ ଜୀବନସାରା ସମ୍ମାନିତ କରିଥିଲେ ଏବଂ ମୃତ୍ୟୁ ପରେ ମଧ୍ୟ ସେହି ପୁସ୍ତକ ଇଂଲଣ୍ଡର କେଣ୍ଟ, ଡାଉନ୍ ହାଉସରେ ଥିବା ଚାର୍ଲ୍ସ ଡାରୱିନ୍'ଙ୍କ ଘରେ ଦେଖିବାକୁ ମିଳେ । ସେହି ଘରକୁ ଡାରୱିନ୍ ସଂଗ୍ରହାଳୟରେ ପରିଣତ କରାଯାଇଛି । ମାର୍କ୍ସଙ୍କ ରାଜନୈତିକ କାର୍ଯ୍ୟକଳାପ ହେତୁ ତାଙ୍କୁ ଅନେକ ଥର ଦେଶ ଛାଡିବାକୁ ପଡିଥିଲା । ସେ ପ୍ରଥମେ ୧୮୪୮ ମସିହାରେ ନିଜ ଦେଶରୁ ବିତାଡିତ ହୋଇଥିଲେ । ତାଙ୍କର ଉଦାରବାଦୀ ପ୍ରବନ୍ଧ ତାଙ୍କୁ ଏକ ଟାର୍ଗେଟରେ ପରିଣତ କଲା ଏବଂ ତାଙ୍କୁ ଜର୍ମାନୀ ଛାଡି ଫ୍ରାନ୍ସ ଯିବାକୁ ପଡିଲା । ସେଠାରେ ସେ ପ୍ୟାରିସରେ ରହିଥିଲେ । ମାତ୍ର ୨ ବର୍ଷ ପରେ ସେ ତାଙ୍କର ବୈପ୍ଳବିକ ଚିନ୍ତାଧାରା ଏବଂ ରାଜନୈତିକ କାର୍ଯ୍ୟ ପାଇଁ ଫ୍ରାନ୍ସରୁ ବହିଷ୍କୃତ ହୋଇଥିଲେ ।

ଏହା ପରେ ସେ ବେଲଜିୟମରେ ରହିବାକୁ ଲାଗିଲେ ଏବଂ ଶେଷରେ ଲଣ୍ଡନରେ ଆଶ୍ରୟ ନେଲେ, ଯେଉଁଠାରେ ସେ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ରହିଥିଲେ । ମାର୍କ୍ସ ୧୮୪୯ ମସିହାରେ ଲଣ୍ଡନକୁ ଆସିଥିଲେ ଏବଂ ୧୮୮୩ ମସିହାରେ ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ସେଠାରେ ରହିଥିଲେ । ଲଣ୍ଡନରେ ଥିବାବେଳେ ମାର୍କ୍ସ ତାଙ୍କର ପାଣ୍ଡୁଲିପି ଲେଖିବା ଏବଂ ବ୍ରିଟିଶ ସଂଗ୍ରହାଳୟର ରିଡିଂ ରୁମ୍‌ରେ ଗବେଷଣା କରିବା ପାଇଁ ଅଧିକାଂଶ ସମୟ ଅତିବାହିତ କରିଥିଲେ । ଆର୍ଥିକ ପ୍ରତିବନ୍ଧକ ସତ୍ତ୍ୱେ ମାର୍କ୍ସ ନିଜ କାମ ଛାଡି ନଥିଲେ । ତାଙ୍କର ଘନିଷ୍ଠ ବନ୍ଧୁ ଫ୍ରେଡେରିକ୍ ଏଙ୍ଗେଲସ୍ ତାଙ୍କର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଏହି କାର୍ଯ୍ୟକୁ ଆଗକୁ ବଢାଇବା ପାଇଁ ଆର୍ଥିକ ସହାୟତା ପ୍ରଦାନ ଜାରି ରଖିଥିଲେ । ମାର୍କ୍ସ ତାଙ୍କ ଲେଖା ପ୍ରକାଶ କରିବା ପାଇଁ ଲୋକଙ୍କଠାରୁ ଋଣ ନେଉଥିଲେ । ଦାରିଦ୍ର୍ୟତା ହେତୁ ତାଙ୍କର ୭ ପିଲାଙ୍କ ମଧ୍ୟରୁ ୪ ଜଣ ଅଳ୍ପ ବୟସରେ ମୃତ୍ୟୁ ମୁଖରେ ପଡ଼ିଥିଲେ । କିନ୍ତୁ ଜେନୀ ମାର୍କସ ତାଙ୍କୁ କେବେ ଦାୟୀ କରିନାହାଁନ୍ତି, କିନ୍ତୁ ତାଙ୍କୁ ତାଙ୍କ କାର୍ଯ୍ୟ ଜାରି ରଖିବାରେ ସର୍ବଦା ସାହାଯ୍ୟ କରିଥିଲେ । ମାର୍କ୍ସଙ୍କ ଦ୍ୱାରା ଲିଖିତ ଏକ ପ୍ରସିଦ୍ଧ ବାକ୍ୟାଂଶ ମଧ୍ୟରୁ ଗୋଟିଏ ହେଉଛି – 'ଧର୍ମ ହେଉଛି ଲୋକମାନଙ୍କ ପାଇଁ ଅଫିମ ସ୍ୱରୂପ' । ଏହା ମାଧ୍ୟମରେ ମାର୍କ୍ସ କହିବାକୁ ଚାହାଁନ୍ତି – ଯେପରି ଅଫିମ ଯନ୍ତ୍ରଣାକୁ ହ୍ରାସ କରେ ଏବଂ ମଣିଷକୁ ଅସ୍ଥାୟୀ ଆରାମ ପ୍ରଦାନ କରେ, ଧର୍ମ ମଧ୍ୟ ମଣିଷ ପାଇଁ ଠିକ୍ ସେହିପରି । ଧର୍ମ ମନୁଷ୍ୟକୁ ମିଥ୍ୟା ଆରାମ ଏବଂ ସାନ୍ତ୍ୱନା ଦେଇଥାଏ । ଧର୍ମ ଲୋକମାନଙ୍କୁ ସେମାନଙ୍କର ଦୁଃଖ, ଯନ୍ତ୍ରଣା ଏବଂ ଦାରିଦ୍ର୍ୟକୁ ସେମାନଙ୍କର ଭାଗ୍ୟ ଭାବରେ ଗ୍ରହଣ କରିବାକୁ ଉତ୍ସାହିତ କରେ । ମାର୍କ୍ସ ବିଶ୍ୱାସ କରିଥିଲେ ଯେ ଯେଉଁମାନେ ସକ୍ଷମ ଅଟନ୍ତି, ସେମାନଙ୍କ ପାଇଁ ଧର୍ମ ହେଉଛି ଏକ ମାଧ୍ୟମ ଯାହା ମାଧ୍ୟମରେ ସେମାନେ ଶ୍ରମିକ ଶ୍ରେଣୀ ଉପରେ ସେମାନଙ୍କର ନିୟନ୍ତ୍ରଣ ଏବଂ ଅଧିକାର ବଜାୟ ରଖନ୍ତି । ମାର୍କ୍ସ ଧର୍ମକୁ ଏକ ଆଦର୍ଶ ଭାବରେ ବିବେଚନା କରିଥିଲେ ଯାହା ଉପସ୍ଥାପନାକୁ ପ୍ରୋତ୍ସାହିତ କରିଥାଏ ଏବଂ ସମାଜରେ ଉଚ୍ଚ ଏବଂ ନିମ୍ନ ପରି ଅସମାନତାକୁ ସହଜରେ ବଞ୍ଚାଇଥାଏ । କାରଣ ଧର୍ମ ପଛୁଆ ଲୋକଙ୍କ ମନରେ ଚିନ୍ତାଧାରା ରଖେ ଯେ ସେମାନଙ୍କର ସାମ୍ପ୍ରତିକ ପରିସ୍ଥିତି ହେଉଛି ଈଶ୍ୱରଙ୍କ ଦାନ । ସେହିଭଳି ଧର୍ମ ମାଧ୍ୟମରେ ପୁଞ୍ଜିପତିମାନେ ପଛୁଆ ଲୋକଙ୍କ ମାନସିକତାର ଲାଭ ଉଠାନ୍ତି । ମାର୍କ୍ସ ଲେଖିଛନ୍ତି ଯେ ମଣିଷ ତାଙ୍କ ଦୁଃଖକୁ ତାଙ୍କ ଭାଗ୍ୟ ବୋଲି ଭାବିବା ଉଚିତ ନୁହେଁ ଏବଂ ତାଙ୍କ କଠିନ ପରିସ୍ଥିତିକୁ ପରିବର୍ତ୍ତନ କରିବାକୁ ଚେଷ୍ଟା କରିବା ଉଚିତ । ୧୮୪୮ ମସିହାରେ କାର୍ଲ ମାର୍କ୍ସଙ୍କର ସବୁଠାରୁ ପ୍ରସିଦ୍ଧ କାର୍ଯ୍ୟ, କମ୍ୟୁନିଷ୍ଟ ମନିଫେଷ୍ଟୋ ପ୍ରକାଶିତ ହୋଇଥିଲା । ମାର୍କ୍ସ ତାଙ୍କ ବନ୍ଧୁ ଫ୍ରେଡ଼ରିକ ଏଙ୍ଗେଲ୍ସଙ୍କ ସହ ଏହି ଲେଖା ଲେଖିଥିଲେ । କମ୍ୟୁନିଷ୍ଟ ମେନିଫେଷ୍ଟୋରେ ମାର୍କ୍ସ ବ୍ୟାଖ୍ୟା କରିଛନ୍ତି ଯେ ପୁଞ୍ଜିବାଦ ହେଉଛି ଏକ ରାଜନୈତିକ ଏବଂ ଅର୍ଥନୈତିକ ବ୍ୟବସ୍ଥା, ଯାହା ଆମ ସମାଜରେ ବିସ୍ତାର କରେ । ଏହି ପୁସ୍ତକରେ ମାର୍କ୍ସ ଏହାକୁ ଭଲ ଭାବରେ ବ୍ୟାଖ୍ୟା କରିଛନ୍ତି ଏବଂ ଲେଖିଛନ୍ତି ଯେ ଏକ ବିପ୍ଳବ ଆସିବ ଯାହା ପରେ ଏକ ସଂଗଠିତ ବିସ୍ତୃତ ଶ୍ରେଣୀ ଦ୍ୱାରା ପୁଞ୍ଜିବାଦ ଧ୍ୱଂସ ହେବ ।

ମାର୍କ୍ସ ତାଙ୍କ ପୁସ୍ତକକୁ ଏହିପରି ସମାପ୍ତ କରନ୍ତି – ଦୁନିଆର ଶ୍ରମଜୀବୀ, ଏକତ୍ରିତ ହୁଅ, ତୁମର ଶୃଙ୍ଖଳା ବ୍ୟତୀତ ତୁମର କିଛି ହରାଇବାକୁ ନାହିଁ । ମାର୍କ୍ସ ତାଙ୍କ ପୁସ୍ତକରେ ସର୍ବହରା ବର୍ଗଙ୍କ ପାଇଁ ଯେଉଁ ୧୦ ଟି ଦାବି ସ୍ଥିର କରିଥିଲେ, ସେଥିମଧ୍ୟରୁ ଅନେକ ଯୁକ୍ତିଯୁକ୍ତ ଏବଂ ପ୍ରାସଙ୍ଗିକ ଭାବରେ ବିବେଚନା କରାଯାଏ ଏବଂ ପାଶ୍ଚାତ୍ୟ ପୁଞ୍ଜିପତି ସମାଜରେ ଏହା ଜାରି ରହିଛି । ଉଦାହରଣ ସ୍ୱରୂପ, କ୍ରିଏସନ ଅଫ ନେସନାଲ ବ୍ୟାଙ୍କର କେନ୍ଦ୍ରୀକରଣ, ରାଜ୍ୟ ହାତରେ ଥିବା ସରକାରୀ ବିଦ୍ୟାଳୟରେ ସମସ୍ତ ପିଲାଙ୍କ ପାଇଁ ମାଗଣା ଶିକ୍ଷା, ଶିଶୁ କାରଖାନା ଶ୍ରମକୁ ରଦ୍ଦ କରିବା । ମାର୍କ୍ସଙ୍କ ଭାଷା ସମାପ୍ତ ହେବା ବେଳକୁ ତାଙ୍କ କାର୍ଯ୍ୟ ରାଜନୈତିକ ଦର୍ଶନ ଏବଂ ଅର୍ଥନୀତିରେ ବେଶ୍ ଲୋକପ୍ରିୟ ହୋଇପାରିଥିଲା । ମାର୍କ୍ସଙ୍କ ମୃତ୍ୟୁ ପରେ ତାଙ୍କୁ ଲଣ୍ଡନର ହାଇ ଗେଟ୍‌ରେ ସମାଧି ଦିଆଯାଇଥିଲା, ଯେଉଁଠାରେ ତାଙ୍କ ପତ୍ନୀ ଜେନୀଙ୍କୁ ୧୫ ମାସ ପୂର୍ବରୁ ସମାଧି ଦିଆଯାଇଥିଲା । ଏହା ପରେ, ୧୮୫୪ ମସିହାରେ, ମାର୍କ୍ସଙ୍କ ଅସ୍ଥିକୁ ହଟାଇ ହାଇ ଗେଟ୍ ଶ୍ମଶାନର ଏକ ନୂତନ ସ୍ଥାନରେ ପୋତି ଦିଆଗଲା । ଏହା କରାଯାଇଥିଲା ଯାହା ଦ୍ୱାରା ମାର୍କ୍ସଙ୍କ କବରକୁ ଏକ ସ୍ମାରକର ଗଠନ ଦିଆଯାଇପାରିବ । ତାଙ୍କର ଉତ୍ତରାଧିକାରୀ ପ୍ରତିଫଳିତ କରିବାକୁ ମାର୍କ୍ସଙ୍କ କବର ଉପରେ ଏକ ପ୍ରତିମୂର୍ତ୍ତି ନିର୍ମାଣ କରାଯାଇଥିଲା । ତାଙ୍କର କମ୍ୟୁନିଷ୍ଟ ମେନିଫେଷ୍ଟୋର ଶେଷ ଧାଡି ଏବଂ ତାଙ୍କର ପ୍ରସିଦ୍ଧ ଉଦ୍ଧୃତି – 'ସମସ୍ତ ଦେଶର କାର୍ଯ୍ୟରତ ପୁରୁଷ ସଂଗଠିତ ହୁଅନ୍ତୁ' । ମାର୍କ୍ସଙ୍କ କବରରେ ଲେଖା ହୋଇଛି ଆଜି ପର୍ଯ୍ୟନ୍ତ ଦାର୍ଶନିକମାନେ କେବଳ ଦୁନିଆକୁ ବିଭିନ୍ନ ଉପାୟରେ ବ୍ୟାଖ୍ୟା କରିଛନ୍ତି, କିନ୍ତୁ ପ୍ରଶ୍ନ ହେଉଛି ବିଶ୍ୱକୁ ପରିବର୍ତ୍ତନ କରିବା ବାସ୍ତବରେ, ମାର୍କ୍ସଙ୍କ ଚିନ୍ତାଧାରା ଆଧାରରେ, ମହାନ ଲେନିନ୍ ସୋଭିଏତ୍ ଋଷରେ ପ୍ରଥମ ସମାଜବାଦୀ ବିପ୍ଳବ କରି ମାର୍କ୍ସଙ୍କ ସିଦ୍ଧାନ୍ତକୁ ପ୍ରମାଣ କରିଥିଲେ । ଏହି ବିପ୍ଳବ ସମଗ୍ର ବିଶ୍ୱରେ ଜୀବନର ସମସ୍ତ କ୍ଷେତ୍ରରେ ଏକ ବିକଶିତ ଦେଶ ଭାବରେ ସୋଭିଏତ୍ ଋଷ ଏକ ଉଦାହରଣ ସୃଷ୍ଟି କଲା ।

ସୁଜନପୁର , ଯାଜପୁର
ମୋ-୯୩୪୮୭୬୮୮୧୨

# ମାଆ ଗୁଣ ଓ ଝିଅ

### ଡାକ୍ତର ଶୁଭଶ୍ରୀ ମିଶ୍ର

ସମାଜରେ ନାରୀର ସ୍ଥାନ ବେଶ ଗୁରୁତ୍ୱପୂର୍ଣ୍ଣ। ସେ ବିଦ୍ୟା, ଧନ ଓ ଶକ୍ତିର ଦେବୀ ଭାବରେ ପୂଜିତା। ପୂର୍ବରୁ ନାରୀକୁ ଅବଳା, ଦୁର୍ବଳା ଭାବରେ ଗଣନା କରାଯାଉଥିଲା। ସେମାନଙ୍କର ସ୍ୱାଧୀନତାର ପକ୍ଷ ଛେଦନ କରାଯାଉଥିଲା। ବୈଦିକ ଯୁଗରେ ନାରୀମାନେ ଉଚ୍ଚାସନ ଲାଭ କରିଥିଲେ ।

ଭାରତର ସ୍ୱାଧୀନତା ସଂଗ୍ରାମରେ ଝାନ୍‌ସୀର ରାଣୀ ଲକ୍ଷ୍ମୀବାଈ, ଅହଲ୍ୟାବାଈ ପ୍ରଭୃତିଙ୍କ କାର୍ଯ୍ୟ ବେଶ ରକ୍ତ ରଞ୍ଜିତ । ସେମାନଙ୍କ ଦ୍ୱାରା ଆମ ଦେଶ ଗୌରବାନ୍ୱିତ ହୋଇପାରିଛି । ଦ୍ୱାଦଶ ଶତାବ୍ଦୀ ବେଳକୁ ନାରୀକୁ ଭୋଗବିଳାସର ମାଧ୍ୟମ ରୂପେ ଗ୍ରହଣ କରାଗଲା । ବାଲ୍ୟ ବିବାହ, ସତୀଦାହ ପ୍ରଥା, ବହୁ ନାରୀ ବିବାହ, ନାରୀ ନିର୍ଯ୍ୟାତନା, ଯୌତୁକ ଜୁଇରେ ଅନେକ ନାରୀ ଜଳିଗଲେ। ନାରୀ ପୁରୁଷର ଖେଳନା କଣ୍ଢେଇ ଥିଲା । ନାରୀର ସ୍ୱାଧୀନତା କ୍ଷୁର୍ଣ୍ଣ ହେଲା । ଏହା ନାରୀ ଜାତି ପାଇଁ ଶକ୍ତ ଧକ୍କା । ସୁଖର କଥା ଇଂରେଜମାନେ ଆମ ଦେଶକୁ ଆସିବା ପରେ ସାମାଜିକ ସଂସ୍କାରର ନୂତନ ମାର୍ଗ ଉନ୍ମୋଚିତ ହେଲା । ସ୍ୱାମୀ ଦୟାନନ୍ଦ ସରସ୍ୱତୀ, ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର, ରାଜା ରାମମୋହନ ରାୟଙ୍କ ଭଳି ମହାପୁରୁଷ ମାନଙ୍କର ଆବିର୍ଭାବ ଫଳରେ ନାରୀ ଜାଗରଣର ନୂଆ ଅଧ୍ୟାୟ ସୃଷ୍ଟି ହେଲା। ସେମାନଙ୍କ ଉଦ୍ୟମ ଫଳରେ ସମାଜରୁ ନାରୀ ନିର୍ଯ୍ୟାତନା କମିଲା। ଆଜି ମଧ୍ୟ ଆମ ଆଖି ଚାରିପଟେ ଅଗୋଚରରେ ସଂଖ୍ୟାଧିକ ନାରୀ ନିର୍ଯ୍ୟାତିତ ହୋଇଛନ୍ତି । ସେମାନଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବା ଲାଗି ଅନେକ ସଂସ୍ଥା ରହିଥିଲେ ମଧ୍ୟ ଲୋକଲଜ୍ଜା ଭୟରେ ସେମାନେ ଅନେକେ ନୀରବ ରହିଯାଉଛନ୍ତି ।

କୁହାଯାଏ – ଝିଅମାନେ ବାପାଙ୍କର ବେଶି ପ୍ରିୟ ଆଉ ପୁଅମାନେ ମାଆଙ୍କର । ଏହା ତ ନିଶ୍ଚିତ ଭାବରେ ଠିକ୍ କଥା । କିନ୍ତୁ ଏଠାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ଜାଣିରଖିବା ଉଚିତ ଯେ, ଝିଅମାନେ ମାଆଙ୍କ ଠାରୁ ଅନେକ କଥା ଶିକ୍ଷା କରିଥାନ୍ତି । ଏହା ସେମାନଙ୍କର ଜନ୍ମଗତ । ବିଶେଷଜ୍ଞଙ୍କ କହିବା ଅନୁଯାୟୀ ଶିଖାଇବା ପୂର୍ବରୁ ଝିଅମାନେ ମାଆମାନଙ୍କର ଅନେକ କଥାକୁ ନିଜ ଭିତରେ ଗ୍ରହଣ କରିନେଇଥାନ୍ତି । ବିଶେଷକରି, ନାରୀସୁଲଭ ଗୁଣଗୁଡ଼ିକୁ ସେମାନେ ସମସ୍ତଙ୍କ ଅଜାଣତରେ ତଥା ବିନା ଶିକ୍ଷାରେ ଗ୍ରହଣ କରିନେଇଥାନ୍ତି । ସେହିଭଳି ସନ୍ତାନର ଲାଳନପାଳନ ଗୁଣଟିକୁ ସେମାନେ କେବ ବି ମାଆଙ୍କ ପାଖରେ ସୀମିତ ହୋଇ ରହିବାକୁ ଦିଅନ୍ତି ନାହିଁ । ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଝିଅଟିଏ ଯେତେବେଳେ ବୟସ ପ୍ରାପ୍ତ ହୋଇଯାଏ ସେତେବେଳେ ସେ ତା ମନକୁମନ ମାଆଙ୍କ ଠାରୁ ସବୁକଥା ଶିଖିବାକୁ ଆରମ୍ଭ କରେ । ସେହିଭଳି ଅନେକ କିଛି ଗୁଣ ତା' ନିଜ ଭିତରେ ଥାଏ । ଯାହା ବୟସର କ୍ରମାନ୍ୱୟରେ ସେସବୁ ତା' ନିକଟରେ ଆତ୍ମପ୍ରକାଶ କରେ । ଏହି କଥା ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ଏହା ହେଉଛି ମାନବୀୟ ବ୍ୟବହାର (ବିଶେଷକରି ନାରୀଙ୍କ କ୍ଷେତ୍ରରେ)ର ଏକ ସିକ୍ରେଟ୍ ।

ନାରୀମାନଙ୍କୁ ସାଧାରଣତଃ ରହସ୍ୟମୟୀ ବୋଲି କୁହାଯାଇଥାଏ । କିନ୍ତୁ ବାସ୍ତବରେ ଠିକ୍ କି ଭୁଲ ତାହା ଗବେଷଣା ସାପେକ୍ଷ । ତେବେ ସେମାନଙ୍କ ଗୁଣାବଳୀରେ ଅନେକ ରହସ୍ୟ ଖୁନ୍ଦିରୁନ୍ଦି ହୋଇ ରହିଛି ବୋଲି ବହୁ ପ୍ରମାଣିତ । ଏହି ତଥ୍ୟକୁ ଆଧାର କରି ଆମେରିକାର ଓହାୟୋ ଷ୍ଟେଟ୍ ୟୁନିଭର୍ସିଟି ପକ୍ଷରୁ ଏକ ଅଧ୍ୟୟନ କରାଯାଇଥିଲା । ଷ୍ଟେଟ୍ ୟୁନିଭରର୍ସିଟିର ଏକ୍ସପର୍ଟମାନେ ଏହି ଗବେଷଣାକୁ ଫଳପ୍ରଦ କରିବା ପାଇଁ ଦୁଇ ଜେନେରେସନର ମହିଳାଙ୍କୁ ସାମିଲ କରିଥିଲେ । ଏହାବ୍ୟତୀତ, ସେହି ମହିଳାମାନଙ୍କର ବିଭିନ୍ନ ବୟସର ପିଲା, ବିଶେଷକରି ଝିଅମାନଙ୍କୁ ସାମିଲ୍ କରିଥିଲେ । ଏକାଧିକ ବର୍ଷଧରି ଗବେଷଣା କରାଯାଇଥିଲା । ଦେଖାଯାଇଥିଲା ଯେ, ଝିଅମାନେ ସିଧାସଳଖ ମାଆଙ୍କର ଗୁଣାବଳୀକୁ ଗ୍ରହଣ କରି ନେଉଛନ୍ତି, ଯାହା ପୁଅମାନଙ୍କ କ୍ଷେତ୍ରରେ ହେଉନାହିଁ । ସେହିଭଳି ଗବେଷକମାନେ ମାଆମାନଙ୍କୁ ଅନେକ କାମ କରାଇଥିଲେ ଆଉ ଝିଅମାନଙ୍କ କ୍ଷେତ୍ରରେ ତାହାର କିଭଳି ପ୍ରଭାବ ପଡୁଛି ସେକଥା ଦେଖିବାର ପ୍ରୟାସ କରିଥିଲେ । ଶେଷରେ ସେମାନଙ୍କର ଧାରଣା ସତ୍ୟ ପ୍ରତିପାଦିତ ହୋଇଥିଲା ।

ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଏଥିପାଇଁ ଜିନ୍‌କୁ ହିଁ ଦାୟୀ କରାଯାଇପାରିବ । କାରଣ ଜିନ୍‌ର ପ୍ରଭାବ ସମଲିଙ୍ଗୀଙ୍କ ଉପରେ ସର୍ବାଧିକ ପଡ଼ିଥାଏ । ବାୟୋଲୋଜିକାଲ ବିଶ୍ଳେଷଣରୁ ଜଣାପଡ଼େ ଯେ, ମହିଳାଙ୍କ ନିକଟରେ ସମଗୁଣର ଦୁଇଟି ଜିନ୍ ଥାଏ ଯାହାକୁ ପ୍ରାଣୀବିଜ୍ଞାନୀମାନେ ଇଂରାଜୀର 'ଏକ୍ସ' ଅକ୍ଷର ବୋଲି ନାମିତ କରିଥାନ୍ତି । ଅର୍ଥାତ୍ ଏକ୍ସ ଏକ୍ସ । ସେହି ଅନୁଯାୟୀ ଦୁଇ ମହିଳାଙ୍କ ମଧ୍ୟରେ ଅନେକ ମାନସିକ ସାମଞ୍ଜସ୍ୟ ମିଳି ପାରିଥାଏ । ଏହି ଦୃଷ୍ଟିରୁ ଦେଖିବାକୁ ଗଲେ ମାଆ ଠାରୁ ଜିନ୍ ବାଟଦେଇ ଝିଅ ନିକଟକୁ ଅନେକ ଗୁଣ ଆସିବା ସ୍ୱାଭାବିକ । ଏହାକୁ ଆମେ ସାଧାରଣତଃ 'ସହଜାତ ଗୁଣ' ବୋଲି କହିଥାଉ । ଏହି ସହଜାତ ଗୁଣଗୁଡ଼ିକ ବୟସର କ୍ରମାନୁସାରେ ଆପଣାଛାଏଁ ଜଣକ ନିକଟରେ ଆତ୍ମପ୍ରକାଶ ହୋଇଥାଏ । ସେଥିପାଇଁ ଗ୍ରାମାଞ୍ଚଳରେ ବେଳେବେଳେ କୁହାଯାଏ – 'ମାଆ ଗୁଣେ ଝିଅ, ବାପ ଗୁଣେ ପୁଅ' । ଅବଶ୍ୟ ଅନେକ କ୍ଷେତ୍ରରେ ଏହାର ବିରୋଧାଭାସ ଦେଖାଯାଏ । ଅର୍ଥାତ୍ ଝିଅଟିଏ ନିକଟରେ ମାଆର ସବୁ ଗୁଣ ପ୍ରକଟିତ ହୋଇନପାରେ । କିନ୍ତୁ ଭଲ ଭାବରେ ଧ୍ୟାନ ଦେଲେ ଅନେକ କ୍ଷେତ୍ରରେ ଏହାର ଦୃଷ୍ଟାନ୍ତ ଦେଖିବାକୁ ମିଳିଥାଏ । ମାଆଙ୍କଠୁ ଝିଅ ଶିଖିବାର ଗୁଣଟି ପିଢ଼ି କ୍ରମରେ ପୁନରାବୃତ୍ତି ହୋଇଥାଏ ଅର୍ଥାତ୍ ମାଆଠୁଁ ଝିଅ ପାଖକୁ ଯେଉଁଗୁଣ ଆସିଥାଏ ସେହି ଗୁଣଟିକୁ ମାଆ ତାଙ୍କର ମାଆ ଠାରୁ ହିଁ ଶିଖିଥାନ୍ତି । ଠିକ୍ ସେହିଭଳି ଝିଅଟିଏ ତା' ମାଆ ଠାରୁ ଯେଉଁଗୁଣ ଶିଖିଥାଏ ବା ହାସଲ କରିଥାଏ ସେହିଗୁଣକୁ ତାର ଝିଅ ତା'ଠାରୁ ଗ୍ରହଣ କରି ନେଇଥାଏ ।

ଏହା ଏକ ଜୈବିକ ବାଧାପ୍ରାପ୍ତ ହୋଇଥାଏ ବୋଲି କୁହାଯାଏ । ଜିନ୍‌ର ଏହି ପ୍ରକ୍ରିୟା କେବେ ବି ବାଧାପ୍ରାପ୍ତ ହୋଇନଥାଏ । ଏକାଧିକ ଝିଅ ଥିଲେ ହୁଏତ ସମସ୍ତଙ୍କ ନିକଟକୁ ମାଆର ଗୁଣଟି ସଞ୍ଚରିତ ହୋଇଯାଏ । ମାଆ ଏବଂ ଝିଅଙ୍କ ମଧ୍ୟରେ ଏଭଳି ଜିନ୍‌ଗତ ବୁଝାମଣା ରହିଥିବା ବେଳେ ବାପ ଏବଂ ପୁଅଙ୍କ ମଧ୍ୟରେ ବି କିଛି ପରିମାଣରେ ଜିନଗତ ବୁଝାମଣା ରହିଥିବା ଅନୁମାନ କରାଯାଏ । ତେବେ ଏହାକୁ ନେଇ ଅଧ୍ୟୟନ କିମ୍ବା ଗବେଷଣା ହୋଇନାହିଁ । କିନ୍ତୁ ଅନେକ କ୍ଷେତ୍ରରେ ଦେଖିବାକୁ ମିଳେ ଯେ, ବାପାର ଅନେକ ଗୁଣ ପୁଅ କ୍ଷେତ୍ରରେ ପ୍ରତିଫଳିତ ହୋଇଥାଏ । ତେବେ ପୁଅଟିଏ ପ୍ରାପ୍ତ ବୟସ୍କ ହେବା ପରେ ହିଁ ପୁଅଟି ନିକଟରେ ବାପାଙ୍କର କିଛି ଗୁଣ ଠାବ କରାଯାଇପାରେ ବୋଲି ଗବେଷକମାନେ ପ୍ରକାଶ କରିଛନ୍ତି ।

ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ,
ମୋ-୯୮୬୧୪୬୩୪୦୬

ଦେଶରେ **'ସିଏଏ କାର୍ଯ୍ୟକାରୀତା'** ହେବା ନେଇ ଆପଣଙ୍କ ମତାମତ ଆମକୁ ଏକ ସପ୍ତାହ ମଧ୍ୟରେ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com





୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ ଭେଟୁଛନ୍ତି ବିଭିନ୍ନ ସଂଗଠନର କର୍ମକର୍ତ୍ତା



## ୫-ଟି ଅଧ୍ୟକ୍ଷଙ୍କୁ ଭେଟିଲେ ୧୯ ସରକାରୀ, ବେସରକାରୀ ସଂଗଠନ
# ପ୍ରସ୍ତାବ ପୂରଣ କରିଥିବାରୁ ମୁଖ୍ୟମନ୍ତ୍ରୀ, ୫-ଟି ଅଧ୍ୟକ୍ଷଙ୍କୁ କୃତଜ୍ଞତା

ଭୁବନେଶ୍ୱର(ସବ୍ୟୁ): ସରକାରୀ ଓ ବେସରକାରୀ କ୍ଷେତ୍ରର ୧୯ ଟି ସଂଗଠନ ବୁଧବାର ୫-ଟି ଏବଂ ନବୀନ ଓଡିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟି ସେମାନଙ୍କ ବିଭିନ୍ନ ପ୍ରସ୍ତାବ ପୂରଣ ପାଇଁ କୃତଜ୍ଞତା ଜଣାଇଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଅନୁଯାୟୀ ୫-ଟି ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ୍ ରାଜ୍ୟରେ ଏକ ପରିବର୍ତ୍ତନଶୀଳ ଶାସନ ଜାରି ରଖିଛନ୍ତି । ବିଭିନ୍ନ ସରକାରୀ ତଥା ବେସରକାରୀ ସଂଗଠନକୁ ଏକ ନୂତନ ଓଡିଶା ପାଇଁ ପ୍ରତିବଦ୍ଧତା ସହ କାର୍ଯ୍ୟ କରିବାକୁ ଉତ୍ସାହିତ କରିବା ପାଇଁ ଗ୍ରାମସ୍ତରରୁ ରାଜ୍ୟ ମୁଖ୍ୟାଳୟ ପର୍ଯ୍ୟନ୍ତ ଅନେକ ସଂଗଠନର ଦାବି ଏବଂ ପ୍ରସ୍ତାବ ପୂରଣ ହୋଇଛି ।

### ମୁଖ୍ୟମନ୍ତ୍ରୀଙ୍କ ନୂତନ, ସଶକ୍ତ ଓଡିଶା ଗଠନରେ ସାମୂହିକ ପ୍ରୟାସ କରିବା : ୫-ଟି ଅଧ୍ୟକ୍ଷ

ମୁଖ୍ୟମନ୍ତ୍ରୀ ତଥା ୫-ଟି ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜଣାଇ ସଂଗଠନର ପ୍ରତିନିଧିମାନେ କହିଛନ୍ତି ଯେ ପରିବର୍ତ୍ତନଶୀଳ ପଦକ୍ଷେପ ଦ୍ୱାରା ସେମାନେ ଉତ୍ସାହିତ ଅଛନ୍ତି ଏବଂ ରାଜ୍ୟର ବୃହତ ଲକ୍ଷ୍ୟ ହାସଲ ପାଇଁ ଉତ୍ସର୍ଗୀକୃତ କାର୍ଯ୍ୟ କରିବେ । ୫-ଟି ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ ସଂଗଠନର ସଦସ୍ୟମାନଙ୍କୁ ଧନ୍ୟବାଦ ଜଣାଇ କହିଛନ୍ତି ଯେ ଓଡିଶାକୁ ପ୍ରତ୍ୟେକ କ୍ଷେତ୍ରରେ ଶାସନର ଆଦର୍ଶରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏକ ପରିବର୍ତ୍ତନଶୀଳ ପଦକ୍ଷେପ ନେଇଛନ୍ତି । ଆମର ଏକମାତ୍ର ଲକ୍ଷ୍ୟ ହେଉଛି ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ନୂତନ ଓ ସଶକ୍ତ ଓଡିଶା ଗଠନରେ ସମସ୍ତେ ଉତ୍ସର୍ଗୀକୃତ ସହିତ ଏକ ସାମୂହିକ ପ୍ରୟାସ କରିବା ଉଚିତ ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି ।

୫-ଟି ଅଧ୍ୟକ୍ଷଙ୍କୁ ଏଆଇଟିୟୁସି, ସିଆଇଟିୟୁ ଓ ବିଏମଏସ୍ ଏବଂ ବିଜୁ ଶ୍ରମିକ ସାମ୍ମୁଖ୍ୟ ମୁଖ୍ୟ ସୁବାସ ସିଂହଙ୍କ ନେତୃତ୍ୱରେ ନିଖିଳ ଓଡ଼ିଶା ଜିଲ୍ଲା ପରିଷଦ ସଂଘ, ନିଖିଳ ଓଡ଼ିଶା ସରପଞ୍ଚ ସଂଘ, ଓଡ଼ିଶା ପୋଲିସ ସେବା ସଂଘ ଭେଟିଥିଲେ । ସେହିପରି ସଂଖ୍ୟାଲଘୁ ସମ୍ପ୍ରଦାୟର ମୁସଲମାନ ଭାଇମାନେ ବିରାଟ ପଟୁଆରରେ ନବୀନ ନିବାସ ଆସି ଦାବି ପୂରଣ ଲାଗି ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସେମାନଙ୍କ ପାଇଁ ଭୁବନେଶ୍ୱର ମହାନଗର ନିଗମରେ ୨ ଏକର ଜମି କବରସ୍ଥାନ ପାଇଁ, ଏମପିସିସି ଜରିଆରେ ୬୮ ମୁସଲମାନ କମ୍ୟୁନିଟି ସେଣ୍ଟର ପାଇଁ ୩୦ ଲକ୍ଷ ଲେଖାଏଁ ଓ ୱାକଫ ବୋର୍ଡ ଅଫିସ ପାଇଁ ୮ କୋଟି ଟଙ୍କା ମଞ୍ଜୁର ହୋଇଛି । ଏଥିପାଇଁ ସେମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ଦୁଇଟି ଡକାୟତି ଉଦ୍ୟମ, ୯ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଦୁଇଟି ଡକାୟତି ଉଦ୍ୟମ ଘଟଣାରେ ଭୁବନେଶ୍ୱର ପୋଲିସ ଭିନ୍ନ ଭିନ୍ନ ଦୁଇଟି ମାମଲା ରୁଜୁ କରିବା ସହ ୯ଜଣଙ୍କୁ ଗିରଫ କରିଛି । ବଡଗଡ ଥାନା ଅନ୍ତର୍ଗତ ବାସୁଆଘାଇ ନିକଟ କୁଆଖାଇ ନଦୀ ପଠାରେ ପାତ୍ର ଇଲୋକ୍‌ଟ୍ରୋନିକ୍ସରୁ ଡକାୟତି ପାଇଁ ଯୋଜନା କରୁଥିବା ବଡଗଡ ଥାନା ପୋଲିସ ଖବର ପାଇ ସେଠାରେ ଅତର୍କିତ ଭାବେ ଚଢାଉ କରିଥିଲା । ସେମାନେ ଖସିଯିବା ପୂର୍ବରୁ ପୋଲିସ ୫ଜଣଙ୍କୁ କାବୁ କରିନେଲା । ଗିରଫ ୫ଜଣ ହେଲେ ରାଜେନ୍ଦ୍ର ରାଉତ (୨୦), ମୁକେଶ ନାୟକ (୧୯), ସୌମ୍ୟରଞ୍ଜନ ନାୟକ (୧୯), ଦୀପକ ପ୍ରଧାନ (୧୯), ଗଣେଶ ପ୍ରଧାନ (୨୫) ।

## ୫-ଟି ଅଧ୍ୟକ୍ଷଙ୍କୁ ଭେଟିଲେ ପବିତ୍ର ମୋହନ ପ୍ରଧାନଙ୍କ ନାତୁଣୀ
# ସ୍ମୃତି ରକ୍ଷା ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପ ଲାଗି ଧନ୍ୟବାଦ, କୃତଜ୍ଞତା



ଭୁବନେଶ୍ୱର,(ସବ୍ୟୁ): ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ତଥା ପ୍ରଜା ମଣ୍ଡଳ ଆନ୍ଦୋଳନର ପୁରୋଧା ଓଡିଶାର ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ସ୍ମୃତି ରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନେକ ପଦକ୍ଷେପ ନେଇଛନ୍ତି ।

ତାଳଚେରରେ ପବିତ୍ର ମୋହନ ମେଡିକାଲ କଲେଜ, ବ୍ରାହ୍ମଣୀ ନଦୀ ଉପରେ ତାଙ୍କ ନାମରେ ସେତୁ ପ୍ରତିଷ୍ଠା ସହିତ ସ୍ମୃତି ୫-ଟି ଏବଂ ଭୁବନେଶ୍ୱରରେ ତାଙ୍କର ଏକ ପୂର୍ଣ୍ଣାବୟବ ମୂର୍ତ୍ତି ସ୍ଥାପନ ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି । ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସବୁ କାର୍ଯ୍ୟ କରାଯାଇଛି । ଏଥିପାଇଁ ପବିତ୍ର ମୋହନ ସ୍ମୃତି ପରିଷଦ ଗଭୀର ସନ୍ତୋଷ ପ୍ରକାଶ କରିଛି । ପରିଷଦ ପକ୍ଷରୁ ବୁଧବାର ପବିତ୍ର ମୋହନଙ୍କ ନାତୁଣୀ ରଞ୍ଜିତା ରାଣୀ ପ୍ରଧାନ. ଓ ସମିତିର ଅନ୍ୟ ସଦସ୍ୟ ମାନେ ନବୀନ ନିବାସ ଠାରେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟି ଧନ୍ୟବାଦ୍ ଜଣାଇ ଥିଲେ । ସେମାନେ ମୁଖ୍ୟମନ୍ତ୍ରୀଙ୍କ ପ୍ରତି କୃତଜ୍ଞତା ମଧ୍ୟ ଜଣାଇ ଥିଲେ । ସେମାନେ କହିଥିଲେ ପବିତ୍ର ମୋହନଙ୍କ ସ୍ମୃତି ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପ ତାଙ୍କ ସ୍ମୃତିକୁ ଚିର ଦିନ ପାଇଁ ଉଜ୍ଜଳ କରି ରଖିବ । ୫-ଟି ଅଧ୍ୟକ୍ଷ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ରାଜ୍ୟର ବରପୁତ୍ର ମାନଙ୍କ ପ୍ରତି ଗଭୀର ସମ୍ମାନ କରନ୍ତି । ସେମାନଙ୍କ ସ୍ମୃତି ରକ୍ଷା ପାଇଁ ରାଜ୍ୟ ସରକାର ସବୁବେଳେ ପଦକ୍ଷେପ ନେଇଛନ୍ତି । ପବିତ୍ର ମୋହନ ରାଜ୍ୟର ଯୁବ ସମାଜ ପାଇଁ ଆଦର୍ଶ । ତାଙ୍କ ସ୍ମୃତିର ସୁରକ୍ଷା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧତାର ସହ କାମ କରୁଛନ୍ତି ବୋଲି ସେ କହିଥିଲେ ।

## ଏସ୍‌ସିବି ସମସ୍ୟା ସମ୍ପର୍କରେ ସ୍ୱାସ୍ଥ୍ୟ ସଚିବଙ୍କ ସହ ଆଲୋଚନା



କଟକ,(ସ୍ୱପ୍ର): ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ସଚିବ ସାଲିନ ପଣ୍ଡିତଙ୍କୁ ତାଙ୍କ ଭୁବନେଶ୍ୱର ସ୍ଥିତ ସରକାରୀ କାର୍ଯ୍ୟାଳୟରେ ସାକ୍ଷାତ କରିଛନ୍ତି ଏସ୍‌ସିବି ପରାମର୍ଶଦାତା ଦିଲ୍ଲୀପ କୁମାର ସାହୁ । ଏହି ସାକ୍ଷାତ୍ ସମୟରେ ପରାମର୍ଶଦାତା ଶ୍ରୀ ସାହୁ କଟକ ବଡ ଡାକ୍ତରଖାନାର (ଏସ୍‌ସିବି) ବିଭିନ୍ନ ବିଭାଗର ସମସ୍ୟା ସମ୍ପର୍କରେ ସ୍ୱାସ୍ଥ୍ୟ ସଚିବଙ୍କ ସହ ଆଲୋଚନା କରିଥିଲେ। ଖରାଦିନେ ଅସହ୍ୟ ଗୁଳୁଗୁଳିରେ ରୋଗୀମାନଙ୍କ ଚିକିତ୍ସା ସେବାରେ ବାଧା ଉପୁଜିବା ସହିତ ଆଚାର୍ଯ୍ୟ ହରିହର କ୍ୟାନ୍‌ସର ପ୍ରତିଷ୍ଠାନର କେତେକ ସମସ୍ୟା ବିଷୟରେ ଅବଗତ କରାଇଥିଲେ। ସବୁ ସମସ୍ୟା ସମ୍ପର୍କରେ ଅବଗତ ହେବା ପରେ ସ୍ୱାସ୍ଥ୍ୟ ସଚିବ ଶ୍ରୀମତୀ ପଣ୍ଡିତ ଏସ୍‌ସିବିକୁ ଏମସ୍ ପ୍ଲସ୍ କରିବାକୁ ସରକାର ବ୍ୟାପକ କାର୍ଯ୍ୟ କରୁଛନ୍ତି । ବର୍ତ୍ତମାନ ନୂତନ ଭାବେ ନିର୍ମାଣାଧିନ ଥିବା ଗୃହ ଗୁଡିକ ସମାପ୍ତ ହେବା ପରେ ସବୁ ସମସ୍ୟାର ସମାଧନ ହେବ । ବର୍ତ୍ତମାନ ସ୍ଥିତିରେ ଯେଉଁ ଛୋଟଛୋଟ ସମସ୍ୟା ରହିଛି ସେନେଇ ଏସ୍‌ସିବି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ପଦକ୍ଷପ ଗ୍ରହଣ କରାଯିବ ବୋଲି ଶ୍ରୀମତୀ ପଣ୍ଡିତ ଏସ୍‌ସିବି ପରାମର୍ଶଦାତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ ।

## ଓଡ଼ିଶା ବଜାରରେ ଅଭିଷେକ ହର୍ବାଲ୍ସର ନୂଆ ପ୍ରଡକ୍ଟ
## ଲିଭର ଓ କିଡନି ଉପରେ ପଡିବନି ପ୍ରତିକୂଳ ପ୍ରଭାବ

ଭୁବନେଶ୍ୱର,(ସବ୍ୟୁ): ଏବେ ଓଡ଼ିଶା ବଜାରକୁ ଏମିତି ମଦ ଆସୁଛି, ଯାହା ପିଇବା ପରେ ନିଶା ରହିବନି କି ଲିଭର, କିଡନି ଉପରେ ତାହର ପ୍ରତିକୂଳ ପ୍ରଭାବ ପଡିବ ନାହିଁ । ଜୁନିଅର ଅଭିଷେକ ହର୍ବାଲସ ପକ୍ଷରୁ ଏଭଳି ମଦ ଓଡ଼ିଶା ବଜାରରେ ପ୍ରବେଶ କରିବାକୁ ଯାଉଛି । ନାଗପୁରସ୍ଥିତ ଏହି କମ୍ପାନୀ କର୍ଡିଆଲ ପ୍ରାଇଡ ହ୍ୱିସ୍କି ଏବଂ କର୍ଡିଆଲ ପ୍ରାଇଡ ହ୍ୱାଇଟ ରମ ନାମରେ ଏହି ମଦକୁ ଓଡ଼ିଶା ବଜାରରେ ପ୍ରବେଶ କରାଇବ । ଯାହାର କିଛି ଶରୀର ପ୍ରତି ଫାଇଦା ରହିଛି । ଏହା ଲିଭର ଓ କିଡନି ଉପରେ ପ୍ରତିକୂଳ ପ୍ରଭାବ ପକାଉନଥିବାବେଳେ ଏଥିରେ ଆଣ୍ଟି ଏଜିଂ ତତ୍ତ୍ୱ ରହିଛି । ଏହାଦ୍ୱାରା ବୟସ ବୃଦ୍ଧିର ଚିହ୍ନ ଶରୀରରେ ଦେଖାଯିବା ପ୍ରକ୍ରିୟା ବିଳମ୍ବିତ ହେବ । ତାହାଛଡା ଏହାର ଆଣ୍ଟି ଆକ୍‌ଜାଇଟି ଅକ୍ସିଡା ଗୁଣ ମଧ ରହିଛି । କର୍ଡିଆଲ ପ୍ରାଇଡ ମୃିକା, ଧୂଆଁ, କେଶର, ପିଟ ଏବଂ ଅନ ପ୍ରାକୃତିକ ସୁଗନ୍ଧି ସହିତ ଆସୁଛି। ଏଥିରେ ଆଲକୋହଲ ମାତ୍ରା ୪୨.୮ ପ୍ରତିଶତ ରହିଛି। ସେହିଭଳି କର୍ଡିଆଲ ହ୍ୱାଇଟ ରମ ସ୍ୱତନ୍ତ୍ର ଭାବରେ ଭିନ୍ନ ବୋଲି କୁହାଯାଉଛି। ଏହା ଶୀତ ଋତୁରେ ଶରୀରକୁ ଭିତରୁ ୭ରୁ ୮ ଘଣ୍ଟା ପର୍ଯନ୍ତ ଉଷ୍ମ ରଖୁଥିବାବେଳେ ଗ୍ରୀଷ୍ମ ଋତୁରେ ଶରୀରକୁ ଭିତରୁ ଥଣ୍ଡା ରଖିଥାଏ । କମ୍ପାନୀର ଦାବି ଯେ ଏହାକୁ ବବହାର କରୁଥିବା ବକ୍ତି ଅଂଶୁଘାତର ଶିକାର ହେବା ସମ୍ଭାବନା ନଥାଏ କିମ୍ବା ଶୀତ ଋତୁରେ ହାଇପୋ ଥର୍ମିଆର ଶିକାର ହେବେନାହିଁ ।

# ବିଧାୟକଙ୍କ ଦ୍ୱାରା ନୂତନ ଛାତ୍ରାବାସର ଭିତ୍ତିପ୍ରସ୍ତର ସ୍ଥାପନ




ଖୋର୍ଦ୍ଧା,(ସବ୍ୟୁ): ସ୍ଥାନୀୟ ପ୍ରାଣନାଥ ମହାବିଦ୍ୟାଳୟର ନୂତନ ଛାତ୍ରାବାସ ଲାଗି ବୁଧବାର ଭିତିପ୍ରସ୍ଥର ସ୍ଥାପନ କରାଯାଇଛି । ସ୍ଥାନୀୟ ବିଧାୟକ ତଥା କଲେଜ ପରିଚାଳନା କମିଟି ସଭାପତି ଜ୍ୟୋତିରିନ୍ଦ୍ରନାଥ ମିତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଭିତିପ୍ରସ୍ଥର ସ୍ଥାପନ କରିଥିଲେ । ରାଜ୍ୟ ଟ୍ରାଇବାଲ ୱେଲଫାୟାର ରେସିଡେନ୍ସିଆଲ ଦ୍ୱାରା ଅନୁମୋଦିତ ଏହି ଛାତ୍ରାବାସ ରେ ମୋଟ ଦୁଇଶହ ଛାତ୍ର ରହିବା ଲାଗି ଯୋଜନା ରହିଛି । ପ୍ରାୟ ୧ଏକର ପରିମିତ ଜାଗାରେ ୧୨କୋଟି ଟଙ୍କା ବ୍ୟୟରେ ଏହି ଛାତ୍ରାବାସ ନିର୍ମାଣ ହେବାକୁ ଥିବାବେଳେ ୧୮ ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ବୋଲି କଲେଜ ପକ୍ଷରୁ କୁହାଯାଇଛି । ଭିତିପ୍ରସ୍ଥର ସ୍ଥାପନ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟକ୍ଷା ଡ. ବିନୋଦିନୀ ମିଶ୍ର, ଉତର ଓଡିଶା ବିଶ୍ୱ ବିଦ୍ୟାଳୟର ପ୍ରାକ୍ତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତଥିଲେ । ସେହିପରି କଲେଜ ର ସମସ୍ତ ଅଧାପକ, ଅଧାପିକା ଓ କର୍ମଚାରୀ ଉପସ୍ଥିଥିଲେ ।

## ବଏଫ୍ରେଣ୍ଡଙ୍କୁ ଅପହରଣ
## ଗର୍ଲଫ୍ରେଣ୍ଡଙ୍କ ଏତଲାରେ ୨ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ନୂଆପଲ୍ଲୀ ଥାନା ଅଞ୍ଚଳରେ ଗର୍ଲଫ୍ରେଣ୍ଡ୍ ପାଖରେ ବସି ବଏଫ୍ରେଣ୍ଡ୍ କଥା ହେଉଥିବା ବେଳେ ସେଠାରେ ଅତର୍କିତ ଭାବେ ଦୁଇଜଣ ଚଢାଉ କରିଥିଲେ । ଚଢାଉ ବେଳେ ଗର୍ଲଫ୍ରେଣ୍ଡ୍ ପ୍ରତିବାଦ କରିଥିଲେ ମଧ୍ୟ କିଛି ଲାଭ ହୋଇନଥିଲା । ବଏଫ୍ରେଣ୍ଡ୍ ରାଜ୍ ସେଠୀଙ୍କୁ ଦୁଇ ଅପହର୍ତ୍ତା ଅପହରଣ କରିନେଇ ପୁରୀରେ ରଖି ତାଙ୍କୁ ମାଡ ମାରିବା ସହ ଧମକଚମକ ଦେଇଛନ୍ତି ।

ଅପହରଣ ପରେ ଉପାୟଶୂନ୍ୟ ହୋଇ ଗର୍ଲଫ୍ରେଣ୍ଡ୍ ପ୍ରିୟା କହଁର ନୂଆପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରି ପୁରୀରୁ ରାଜ୍‌ଙ୍କୁ ଉଦ୍ଧାର କରିବା ସହ ଦୁଇ ଅପହର୍ତ୍ତାଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି । ଗିରଫ ଦୁଇ ଅପହର୍ତ୍ତା ହେଲେ ଅଙ୍କିତ କୁମାର କହଁର (୨୦), ପ୍ରକାଶ ନାୟକ (୨୧) । ଦୁହିଁଙ୍କ ନିକଟରୁ ମାରଣାସ୍ତ୍ର ଜବତ ହୋଇଛି । ଜାମିନ ନାମଞ୍ଜୁର ହୋଇଯିବାରୁ ଦୁହିଁଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ଉତ୍କଳୟସ ଗ୍ରୁପର ବାର୍ଷିକ ସମ୍ମିଳନୀ ଗୋଲାପି ସୋରୀ




ଭୁବନେଶ୍ୱର,(ସବ୍ୟୁ): ହସ୍ତତନ୍ତକୁ ଭଲ ପାଉଥିବା ଉତ୍କଳୟସ ଗ୍ରୁପ ର ସଦସ୍ୟାମାନେ ୱମେନସ୍ ଡେ ଅବସରରେ ବାର୍ଷୀକ ସମ୍ମୀଳନି ଗୋଲାପି ସୋରୀ ପାଳନ କରିଛନ୍ତି । ରାଜଧାନୀ ଭୁବନେଶ୍ୱରରେ ଗଢି ଉଠିଥିବା ଏହି ଅନୁଷ୍ଠାନର ପ୍ରାୟ ୬୦ ଜଣ ମହିଳା ଏହି ଉତ୍ସବରେ ଯୋଗଦେଇ, ଉତ୍କଳୀୟ ହସ୍ତତନ୍ତର ବିଶେଷତ୍ୱ ଉପରେ ଆଲୋଚନା କରିବା ସହ ବିଭିନ୍ନ ଡିଜାଇନ ର ଗୋଲାପୀ ହାଣ୍ଡଲୁମ ଶାଢ଼ୀ ପରିଧାନ କରି ଏହାର ସୌନ୍ଦର୍ଯ୍ୟତା ଏବଂ କଳାତ୍ମକ ଦିଗକୁ ଉପସ୍ଥାପିତ କରିଥିଲେ । ସମାଜର ବିଭିନ୍ନ କ୍ଷେତ୍ର ରେ ପ୍ରତିଷ୍ଠା ପାଇଥିବା ଡାକ୍ତର , ଇଞ୍ଜିନିୟର, ସମାଜସେବୀ, କବି, ଲେଖକ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଉତ୍ସବଟିକୁ ସଫଳ କରିଥିଲେ । ଜଞ୍ଜାଳମୟ ଜୀବନରୁ ନିଜସ୍ୱ ସମୟ ଟିକେ ବାହାର କରି ମନୋରଞ୍ଜନ ସହ ଆମ ନିଜସ୍ୱ ହାଣ୍ଡଲୁମ ଶାଢ଼ୀର ପ୍ରଚାର ଓ ପ୍ରସାର ଦିଗରେ ଆୟୋଜିତ ଏହି ଉତ୍ସବ ପାଇଁ ଉପସ୍ଥିତ ଦର୍ଶକ ସେମାନଙ୍କୁ ସାଧୁବାଦ ଜଣାଇଥିଲେ ।

## ପାମ୍ ତେଲର ବିଶ୍ୱର ସବୁଠାରୁ ବଡ କ୍ରେତା ଭାରତ

ଭୁବନେଶ୍ୱର,(ସବ୍ୟୁ): ଏହା ହେଉଛି ପାମ୍ ତେଲ, ସାବୁନ, ସାମ୍ପୁ, ମେକ୍‌ଅପ ଓ ଲୋଶନ ଭଳି ପ୍ରାୟ ୭୦% ପର୍ସନାଲ କେୟାର ସାମଗ୍ରୀର ଏକ ମୌଳିକ ଉପାଦାନ । ଏହି ତେଲ ସବୁସ୍ଥାନରେ ରହିଛି– ମାର୍‌ଗାରାଇନ, ଆଇସକ୍ରିମ, ଚକୋଲେଟ୍, ଡିଟରଜେଣ୍ଟ, ଇନ୍‌ଷ୍ଟାଣ୍ଟ ନୁଡଲ, ବାୟୋଡିଜେଲ, କସ୍‌ମେଟିକ୍ସ ଓ କୁକିଙ୍ଗ ଅଏଲ୍ ଇତ୍ୟାଦିରେ । ୧୩୦ କୋଟି ଲୋକ ବାସ କରୁଥିବା ଭାରତରେ ପାମ ତେଲକୁ କେବଳ ରୋଷେଇ ପାଇଁ ବ୍ୟବହାର କରାଯାଉନାହିଁ ବରଂ ଏହା ଅନେକ ପ୍ରକାରର ଖାଦ୍ୟ ଓ ସାମଗ୍ରୀରେ ବ୍ୟବହୃତ ହେଉଛି। ଭାରତ ପାମ୍ ତେଲର ବିଶ୍ୱର ସବୁଠାରୁ ବଡ କ୍ରେତା ଅଟେ, ଯାହା ବିଶ୍ୱର ମୋଟ ଯୋଗାଣର ୨୦% ଅଧିକ କ୍ରୟ କରୁଛି।

M P O C

କେବଳ ରୋଷେଇ ପାଇଁ ଉତମ ନୁହେଁ ବରଂ ପାମ୍ ତେଲରେ ଭିଟାମିନ ଇ ଓ ଆଂଟିଅକ୍ସିଡାଂଟ୍ ଭଳି ଗୁରୁତ୍ୱପୂର୍ଣ୍ଣ ପୋଷକତତ୍ୱ ରହିଛି ଯାହା ଆପଣଙ୍କର ତ୍ୱଚା ଓ ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟାବସ୍ଥା ପାଇଁ ଭଲ ଅଟେ, ଯେପରିକି: ମସ୍ତିଷ୍କର କାର୍ଯ୍ୟଦକ୍ଷତାକୁ ଉନ୍ନତ କରିଥାଏ। ଆଲ୍‌ଜାଇମର ରୋଗ ସହ ଜଡିତ ସ୍ମରଣ ଶକ୍ତି ହ୍ରାସ ବିରୋଧରେ ସୁରକ୍ଷା ପ୍ରଦାନ କରିଥାଏ। ଲାଲ୍ ପାମ୍ ତେଲ ବ୍ୟବହାର କରାଗଲେ ତାହା ଭିଟାମିନ ଏର ଅଭାବକୁ ଦୂର କରିଥାଏ। ଏହା ସମ୍ଭାବ୍ୟ ଆଂଟିକ୍ୟାନ୍ସର ଗୁଣଗୁଡିକୁ ପ୍ରଦର୍ଶିତ କରିଥାଏ ।

## ଅନ୍ତର୍ଜାତୀୟ ମହିଳା ଦିବସରେ
## ବେଦାନ୍ତ ଆଇରନଓର ଓଡିଶା ମହିଳାମାନଙ୍କ ଆଇରନ ୱିଲକୁ ସାଲ୍ୟୁଟ କରୁଛି



ଭୁବନେଶ୍ୱର,(ସବ୍ୟୁ): ସମାନତା, ବିବିଧତା, କର୍ମକ୍ଷେତ୍ରରେ ଅନ୍ତର୍ଭୁକ୍ତ କରିବା ଏବଂ ମହିଳା ସଶକ୍ତିକରଣ ପାଇଁ ବେଦାନ୍ତର ପ୍ରତିବଦ୍ଧତା ଅନୁଯାୟୀ, ବେଦାନ୍ତ ଲୁହାପଥର ଓଡ଼ିଶା ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରି ଅନ୍ତର୍ଜାତୀୟ ମହିଳା ଦିବସରେ ଭାରତ ତଥା ବାହାରେ ଆଇରନ ଲେଡିଜ୍ ଇଣ୍ଡିଆ ୨.୦ପ୍ରୟାସ ଜାରି ରଖିଛି। ବେଦାନ୍ତ ସେସା ଗୋଆ ଲୁହାପଥର ଓଡିଶା ଦ୍ୱାରା ବଡ଼ବିଲରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ସ୍ୱାସ୍ଥ୍ୟ ସେବା, ଶିକ୍ଷା, ସାମାଜିକ ସେବା ତଥା ସେଲଫ ଏଂଟ୍ରପ୍ରିନ୍ୟୁରର୍ସ ଭଳି ବିଭିନ୍ନ କ୍ଷେତ୍ରରେ ମହିଳାଙ୍କ ଅବଦାନକୁ ସ୍ୱୀକୃତି ଦିଆଯାଇଥିଲା । ଏହା ସହିତ ସେମାନଙ୍କୁ ସମ୍ମାନିତ କରାଯାଇଥିଲା ।

ଏହି ଅଭିଯାନର ଉଦ୍ଦେଶ୍ୟ ହେଉଛି ସଂଗଠନ ତଥା ବାହାରେ ମହିଳାଙ୍କ 'ଆଇରନ ୱିଲ'କୁ ସମ୍ମାନ ପ୍ରଦାନ କରିବା ସହିତ ସେମାନଙ୍କର ଅତୁଳନୀୟ ଅବଦାନକୁ ସମ୍ମାନିତ କରିବା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାମାଜିକକର୍ମୀ ପଦ୍ମଶ୍ରୀ ତୁଳସୀ ମୁଣ୍ଡା ଏବଂ ଅନ୍ୟ ଗୋଷ୍ଠୀ ସଦସ୍ୟମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ତୁଳସୀ ମୁଣ୍ଡା ପ୍ରେରଣାଦାୟକ ଭାଷଣ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ଉଲ୍ଲେଖନୀୟ ମହିଳା ସଫଳତା ହାସଲକାରୀଙ୍କୁ ସମ୍ମାନ ପ୍ରଦାନ କରିବା । ଏହି ଅବସରରେ ମହିଳା ଗୋଷ୍ଠୀର ସଦସ୍ୟ ମାନି ମୁଣ୍ଡା, ରାନୀ ଲୋହାର, ସୋଫିଆ ମୁଣ୍ଡା, ପାର୍ବତୀ ମୁଣ୍ଡା, ଦୁଲାରୀ ମୁଣ୍ଡା, ସୁବାସି ନାୟକ, ଗୌରୀ ପାତ୍ର ଏବଂ ପ୍ରମିଳା ନାୟକଙ୍କୁ ସମ୍ମାନୀତ କରାଯାଇଥିଲା । ଆଇରନ ଓଡିଶାର ସିଓଓ ବିଶ୍ୱନାଥ ସାହୁ କହିଲେ, ଓଡ଼ିଶାର ମହିଳାମାନଙ୍କ ଆଇରନ ୱିଲକୁ ନମସ୍କାର କରି ମହିଳା ଦିବସ ସମାରୋହ କାର୍ଯ୍ୟକ୍ରମ ସହିତ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରି ଆମେ ଅତ୍ୟନ୍ତ ଆନନ୍ଦିତ ।

# ଭାରତ-ୟୁଏଇ ଦ୍ୱିପାକ୍ଷିକ ରାଜିନାମାକୁ କ୍ୟାବିନେଟ୍ ମଞ୍ଜୁରୀ



ଭାରତ-ମଧ୍ୟପ୍ରାଚ୍ୟ ୟୁରୋପ୍ ଆର୍ଥିକ କରିଡର୍ (ଆଇଏମ୍ଇସି)ର ସଶକ୍ତିକରଣ ଓ ପରିଚାଳନା ପାଇଁ ଭାରତ ଓ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ମଧ୍ୟରେ ଆନ୍ତଃସରକାରୀ ବ୍ୟବସ୍ଥା ରାଜିନାମା (ଆଇଜିଏଫଏ)କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ପିଛିଲା ଭାବେ ମଞ୍ଜୁରି ମିଳିଛି । କରିଡର ପରିଚାଳନା ପାଇଁ ସହଯୋଗ ଉପରେ ଉଚ୍ଚସ୍ତରୀୟ ଗସ୍ତ ସମୟରେ ଭାରତ ଏବଂ ୟୁଏଇ ମଧ୍ୟରେ ୧୩ ଫେବୃଆରୀ ୨୦୨୪ରେ ଆଇଜିଏଫଏ ସ୍ୱାକ୍ଷରିତ ହୋଇଥିଲା । ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି କରିବା ଏବଂ ବନ୍ଦର, ସାମୁଦ୍ରିକ ଏବଂ ଲଜିଷ୍ଟିକ୍ କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଆଇଜିଏଫ୍ଏର ଲକ୍ଷ୍ୟ । ଆଇଏମଇସିର ବିକାଶ କ୍ଷେତ୍ରରେ ଭବିଷ୍ୟତର ମିଳିତ ପୁଞ୍ଜିନିବେଶ ଏବଂ ସହଯୋଗର ଅଧିକ ସମ୍ଭାବନା ଖୋଜିବା ଉଦ୍ଦେଶ୍ୟରେ ଦୁଇ ଦେଶ ମଧ୍ୟରେ ସହଯୋଗର କ୍ଷେତ୍ରଗୁଡ଼ିକୁ ଆଇଜିଏଫ୍ଏରେ ସାମିଲ କରାଯାଇଛି ।

ଏହି ରାଜିନାମାରେ ଦୁଇ ଦେଶ ମଧ୍ୟରେ ସହଯୋଗର ବିସ୍ତୃତ ଢାଞ୍ଚା ରହିଛି । ଏହି ସହଯୋଗ ଦେଶଗୁଡ଼ିକର ନିଜସ୍ୱ ନିୟମ ଏବଂ ନିୟମାବଳୀ ଅନୁଯାୟୀ ପାରସ୍ପରିକ ସହମତିପ୍ରାପ୍ତ ନୀତି, ମାର୍ଗଦର୍ଶିକା ଓ ଚୁକ୍ତିନାମା ଉପରେ ଆଧାରିତ ହେବ ।

# ପିବି-ଏସଏଚଏବିଡି ବ୍ୟବସ୍ଥାର ଉନ୍ମୋଚନ କଲେ ଅନୁରାଗ




ନୂଆଦିଲ୍ଲୀ: କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ସିଂହ ଠାକୁର ଆଜି ନୂଆଦିଲ୍ଲୀର ନ୍ୟାସନାଲ ମିଡିଆ ସେଣ୍ଟରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରସାର ଭାରତୀର ନ୍ୟୁଜ୍ ସେୟାରିଂ ସେବା ପିବି- ଏସଏଚଏବିଡି ଏବଂ ଡିଡି ନ୍ୟୁଜ୍ ଏବଂ ଆକାଶବାଣୀ ନ୍ୟୁଜର ୱେବସାଇଟ୍ ଏବଂ ଏୟାର ମୋବାଇଲ୍ ଆପ୍ ରେ ଅପଡେଟ୍ ନ୍ୟୁଜ୍ ର ଶୁଭାରମ୍ଭ କରିଛନ୍ତି ।

ଏହି ଅବସରରେ ଶ୍ରୀ ଠାକୁର କହିଥିଲେ ଯେ, ଆଜି ଦେଶର ସୂଚନା ଓ ପ୍ରସାରଣ କ୍ଷେତ୍ର ପାଇଁ ଏକ ଐତିହାସିକ ଦିନ । ବର୍ଷ ବର୍ଷ ଧରି ପ୍ରସାର ଭାରତୀ ପ୍ରତ୍ୟେକ ଆଞ୍ଚଳିକ ଭାଷାରେ ଦେଶର କୋଣ ଅନୁକୋଣରୁ ଖବର ସଂଗ୍ରହ ଏବଂ ଖବର ପହଞ୍ଚାଇବାର ଏକ ବିସ୍ତୃତ ନେଟୱାର୍କ ସୃଷ୍ଟି କରିଛି । ବର୍ତ୍ତମାନ ଆମେ ଏହି ସଠିକ ଏବଂ ଅର୍ଥପୂର୍ଣ୍ଣ ବିଷୟବସ୍ତୁକୁ ଭାରତର ବାକି ପ୍ରିଣ୍ଟ ଏବଂ ଇଲେକ୍ଟ୍ରୋନିକ୍ ମିଡିଆ ଶିଳ୍ପ ସହିତ ବାଣ୍ଟିବାକୁ ଚାହୁଁଛୁ । ସମ୍ବାଦ ସଂସ୍ଥାଗୁଡ଼ିକୁ କ୍ଲିନ୍ ଫିଡ୍ ଯୋଗାଇ ଦିଆଯିବ ଏବଂ ଦୂରଦର୍ଶନର ଲୋଗୋ ରହିବ ନାହିଁ । ଏହି ଫିଡ୍ ଦେଶର କୋଣ ଅନୁକୋଣରୁ ବିଭିନ୍ନ ଭାଷାରେ କଣ୍ଟେଣ୍ଟ ସଂଗ୍ରହ କରିବ । ଏହା ସମ୍ବାଦ ଶିଳ୍ପରେ ବୈପ୍ଳବିକ ପରିବର୍ତ୍ତନ ଆଣିବ ଏବଂ ଛୋଟ ଛୋଟ ସମ୍ବାଦ ସଂଗଠନଗୁଡିକୁ ବ୍ୟାପକ ସମର୍ଥନ କରିବ ଯେଉଁମାନଙ୍କ ପାଖରେ ବିଷୟବସ୍ତୁ ସଂଗ୍ରହ ପାଇଁ ଏକ ବିସ୍ତୃତ ନେଟୱାର୍କର ଲାଭ ନାହିଁ ।

ଏସଏଚଏବିଡି ସେବା ଏକ ପ୍ରାରମ୍ଭିକ ଅଫର ଭାବରେ ପ୍ରଥମ ବର୍ଷ ପାଇଁ ମାଗଣାରେ ପ୍ରଦାନ କରାଯାଉଛି ଏବଂ ଏହା ପଚାଶଟି ବର୍ଗରେ ସମସ୍ତ ପ୍ରମୁଖ ଭାରତୀୟ ଭାଷାରେ ଖବର ପ୍ରଦାନ କରିବ ।

ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସଚିବ ସଞ୍ଜୟ ଜାଜୁ ଏହା ପୂର୍ବରୁ ଏସଏଚଏବିଡିର ପାଇଲଟ ଏବଂ ନୂତନ ୱେବସାଇଟ୍ ଏବଂ ଆପ୍ ଲଞ୍ଚ ପାଇଁ ସମଗ୍ର ପ୍ରସାର ଭାରତୀ ଟିମଙ୍କୁ ଅଭିନନ୍ଦନ ଜଣାଇଥିଲେ । ପ୍ରସାର ଭାରତୀର ସିଇଓ ଗୌରବ ଦ୍ୱିବେଦୀ କହିଛନ୍ତି ଯେ ପ୍ରସାର ଭାରତୀ ଗଣମାଧ୍ୟମ ସଂସ୍ଥା ସହିତ ଯୋଗାଯୋଗ କରିବ ଏବଂ ଏହାର ନେଟୱାର୍କ ଦ୍ୱାରା ସଂଗ୍ରହ କରାଯାଇଥିବା ଅଡିଓ, ଭିଡିଓ, ଫଟୋ ଏବଂ ଟେକ୍ସଟ୍ ଆଧାରିତ ସୂଚନା ସେୟାର କରିବ ।

# ଆମେରିକାକୁ ପୁଟିନଙ୍କ 'ପରମାଣୁ' ଧମକ

ମସ୍କୋ : ପୁଟିନଙ୍କ ଧମକ ପରେ ପୂରା ବିଶ୍ୱରେ ପରମାଣୁ ଆତଙ୍କ ଖେଳିଯାଇଛି । ସୋସିଆଲ ମିଡିଆରେ ଲୋକମାନେ ବିଭିନ୍ନ ପ୍ରକାରର ପୋଷ୍ଟ କରି ଚିନ୍ତା ପ୍ରକଟ କରିଛନ୍ତି । ୟୁକ୍ରେନ ସହ ଦୀର୍ଘ ୨ ବର୍ଷ ହେଲା ଯୁଦ୍ଧ କରୁଥିବା ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ବୁଧବାର ଖୋଲାଖୋଲି ଭାବେ ଆମେରିକା ସମେତ ପୂରା ପଶ୍ଚିମ ଦେଶଗୁଡ଼ିକୁ ଧମକ ଦେଇଛନ୍ତି । ଯଦି ଆମେରିକା ପକ୍ଷରୁ ରୁଷ ସହ ଲଢ଼ିବା ପାଇଁ ୟୁକ୍ରେନକୁ ସେନା ପଠାଯିବ, ତା'ହେଲେ ମସ୍କୋ ପରମାଣୁ ଯୁଦ୍ଧ କରିବାକୁ ଆଦୌ ପଛାଇବ ନାହିଁ । ଆମେରିକାର ଏପରି ପଦକ୍ଷେପ କେବଳ ବିବାଦକୁ ଆହୁରି ତୀବ୍ର କରିବ ବୋଲି ପୁଟିନ କହିଛନ୍ତି । ପୁଟିନଙ୍କ ଧମକ ପରେ ପୂରା ବିଶ୍ୱରେ ପରମାଣୁ ଆତଙ୍କ ଖେଳିଯାଇଛି । ସୋସିଆଲ ମିଡିଆରେ ଲୋକମାନେ ବିଭିନ୍ନ ପ୍ରକାରର ପୋଷ୍ଟ କରି ଚିନ୍ତା ପ୍ରକଟ କରିଛନ୍ତି । ମାର୍ଚ୍ଚ ୧୫ରୁ ୧୭ ଯାଏ ରୁଷରେ ନିର୍ବାଚନ ହେବ । ସ୍ଥିତିକୁ ଦେଖିଲେ ପୁଟିନ ପୁଣି ୬ ବର୍ଷ କ୍ଷମତାରେ ରହିବେ । ଏହାପୂର୍ବରୁ ପୁଟିନ କହିଛନ୍ତି ଯେ ପରମାଣୁ ଯୁଦ୍ଧ ପାଇଁ ସ୍ଥିତି ସୃଷ୍ଟି ହୋଇ ନାହିଁ । ୟୁକ୍ରେନ ବିରୋଧରେ ପରମାଣୁ ଯୁଦ୍ଧାସ୍ତ୍ର ବ୍ୟବହାର କରିବାର ଆବଶ୍ୟକ ବର୍ତ୍ତମାନ ସୁଦ୍ଧା ନାହିଁ । ଗୋଟିଏ ସାମରିକ ରଣନୀତି ଦୃଷ୍ଟିରୁ ଦେଖିଲେ ଆମେ ଏଥିପାଇଁ ପୂରା ପ୍ରସ୍ତୁତ ହୋଇ ରହିଛୁ । ଆମେରିକା ଭଲ ଭାବେ ଜାଣିଛି ଯେ ଯଦି ୱାଶିଂଟନ ପକ୍ଷରୁ ନିଜର ସେନାକୁ ରୁଷ କିମ୍ବା ୟୁକ୍ରେନରେ ମୁତୟନ କରାଯାଏ, ତା'ହେଲେ ମସ୍କୋ ଏହାକୁ ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ ବୋଲି ବିଚାରକୁ ନେବ । ଆମେରିକାରେ ଅନେକ ରୁଷ-ଆମେରିକା ସମ୍ପର୍କ ବିଷୟରେ ତର୍ଜମା କରିବାକୁ ଅନେକ ବିଶେଷଜ୍ଞ ରହିଛନ୍ତି । ତେଣୁ ମୁଁ ଭାବୁଛି ଯେ ସମସ୍ତେ ପରମାଣୁ ଯୁଦ୍ଧ ପାଇଁ ଆଦୌ ତରବରିଆ ନ ହୁଅନ୍ତୁ । କିନ୍ତୁ ଆମେ ଲଢ଼େଇ କରିବାକୁ ପ୍ରସ୍ତୁତ । ଆମ ସହ ଯିଏ ଲାଗିବ, ତା'କୁ ଆମେ ଛାଡ଼ିବୁ ନାହିଁ ।

ରୁଷ ପଡ଼ୋଶୀ ୟୁକ୍ରେନ ସମ୍ପର୍କରେ କଥା ହେବାକୁ ରାଜି ଥିବା ପୁଟିନ କହିଛନ୍ତି । ସେ କହିଛନ୍ତି, ୟୁକ୍ରେନ ପ୍ରସଙ୍ଗରେ ବୁଝାମଣା କରିବାକୁ ରୁଓ୍ୱ ପ୍ରସ୍ତୁତ । କିନ୍ତୁ ସେମାନେ ବାସ୍ତବତାକୁ ପ୍ରଥମେ ବୁଝିବା ଦରକାର । ସେମାନେ ନିଜ ଇଚ୍ଛାରେ ସବୁ କିଛି ଆକଳନ ନ କରନ୍ତୁଛ ଯଦି ଆମେରିକା ପରମାଣୁ ଅସ୍ତ୍ରର ଟେଷ୍ଟ କରିବ, ତା'ହେଲେ ରୁଷ ମଧ୍ୟ ସମାନ କାମ କରିବଛ ଏହାର ଆବଶ୍ୟକତା ନାହିଁ । ଆମକୁ ଏହା ଉପରେ ଭାବିବାକୁ ପଡ଼ିବ । ଅସ୍ତ୍ରର ବ୍ୟବହାର ସାମୂହିକ ଧ୍ୱଂସ ରଚିବ । ଆମେ ଏହାକୁ ବ୍ୟବହାର କରିବା ଆବଶ୍ୟକତା ଏଯାଏ ଆସିଛି ବୋଲି ଚିନ୍ତା କରି ନାହୁଁ ବୋଲି ପୁଟିନ କହିଛନ୍ତି ।

# ୧୧୦୯ ପଏଣ୍ଟ ଖସିଲା ସୂଚକାଙ୍କ ୧୪ ଲକ୍ଷ କୋଟି ହରାଇଲେ ନିବେଶକ

ମୁମ୍ବାଇ : ନିବେଶକମାନେ ପ୍ରାୟ ୧୪ ଲକ୍ଷ କୋଟି ଟଙ୍କା ହରାଇଛନ୍ତି । ନିବେଶକମାନଙ୍କ ସମ୍ପତ୍ତି ୩୮୫.୬୪ ଲକ୍ଷ କୋଟି ଟଙ୍କାରୁ ଖସି ୩୭୧.୬୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି । ଷ୍ଟକ ମାର୍କେଟରେ ନିବେଶ କରିଥିବା ଲୋକଙ୍କୁ ବଡ଼ ଝଟକା ଲାଗିଛି । ଷ୍ଟକ ମାର୍କେଟରେ ଆଜି ବ୍ୟାପକ କ୍ଷତି ସହିଛନ୍ତି ନିବେଶକ । ଆଜି ସେନସେକ୍ସ ୧୧୦୯ ପଏଣ୍ଟ ଖସି ୭୨,୫୫୮ରେ ପହଞ୍ଚି ଯାଇଛି । ଏଥିଯୋଗୁ ମଧ୍ୟମ ଓ ଛୋଟ କ୍ୟାପ ସେଗେମେଣ୍ଟ ଗୁରୁତର ଭାବେ ପ୍ରଭାବିତ ହୋଇଛନ୍ତି । ନିଫ୍ଟ ମଧ୍ୟ ମାର୍କେଟରେ



ଅସ୍ଥିରତା ଯୋଗୁ ପ୍ରଭାବିତ ହୋଇଛି । ନିଫ୍ଟ ୪୨୨ ପଏଣ୍ଟ ତଳକୁ ଖସି ୨୧,୯୧୩ରେ ପହଞ୍ଚିଛି । ଦଲାଲ ଷ୍ଟ୍ରିଟରେ ଆଜି ସକାଳୁ ନିଫ୍ଟ ଭଲ ପ୍ରଦର୍ଶନ କରିଥିଲା । କିନ୍ତୁ ମଧ୍ୟାହ୍ନ ବେଳକୁ ନିଫ୍ଟ ତଳକୁ ଖସିବା ଆରମ୍ଭ ହୋଇଥିଲା ।

ଏଥିପାଇଁ ନିବେଶକମାନେ ପ୍ରାୟ ୧୪ ଲକ୍ଷ କୋଟି ଟଙ୍କା ହରାଇଛନ୍ତି । ନିବେଶକମାନଙ୍କ ସମ୍ପତ୍ତି ୩୮୫.୬୪ ଲକ୍ଷ କୋଟି ଟଙ୍କାରୁ ଖସି ୩୭୧.୬୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି । ପାୱାରଗ୍ରୀଡ, ଏନଟିପିସି, ଟାଟା ଷ୍ଟିଲ, ଭାରତୀ ଏୟାରଟେଲ, ଟାଇଟନ କମ୍ପାନୀ ଓ ଟାଟା ମୋଟର୍ସ ଭଳି କମ୍ପାନୀର ଶେୟାର କ୍ଷତିଗ୍ରସ୍ତ ହୋଇଛି । ମୋଟ ୨୨୩ଟି ଷ୍ଟକର ମୂଲ୍ୟ ୫୨ ସପ୍ତାହ ତଳକୁ ଖସି ଯାଇଛି । କେବଳ ୮୯ ସେୟାର ସେମାନଙ୍କ ମୂଲ୍ୟରେ ବୃଦ୍ଧି ଦେଖିଛନ୍ତି । ୩୯୨୬ ଷ୍ଟକ ମଧ୍ୟରୁ କେବଳ ୩୫୧ଟି ଗ୍ରୀନ ଜୋନରେ ରହିଥିଲା । ୩୫୨୬ ଷ୍ଟକ ରେଡ୍ ଜୋନରେ ଥିବା ବେଳେ ୬୬ଟିରେ କୌଣସି ପରିବର୍ତ୍ତନ ହୋଇନାହିଁ ।

# ଶକ୍ତି ପରୀକ୍ଷାରେ ପାସ୍ ହେଲେ ନାୟବ

ନୂଆଦିଲ୍ଲୀ : ହରିଆଣା ବିଧାନସଭାରେ ସଂଖ୍ୟାଗରିଷ୍ଠତା ପାଇଁ ୪୬ ବିଧାୟକଙ୍କ ସମର୍ଥନ ଲୋଡା ଥିବା ବେଳେ ବିଜେପିକୁ ୪୮ ବିଧାୟକଙ୍କ ସମର୍ଥନ ମିଳିଛି । ଶକ୍ତି ପରୀକ୍ଷାରେ ପାସ୍ ହେଲେ ନାୟବ ସରକାର । ବିଧାନସଭାରେ ହରିଆଣାର ନୂଆ ମୁଖ୍ୟମନ୍ତ୍ରୀ ନାୟବ ସିଂହ ସୈନି ସଂଖ୍ୟାଗରିଷ୍ଠତା ହାସଲ କରିଛନ୍ତି । ଧ୍ୱନି ମତରେ ତାଙ୍କ ବିଶ୍ୱାସ ପ୍ରସ୍ତାବ ପାସ୍ ହୋଇଛି । ହରିଆଣା ବିଧାନସଭାରେ ସଂଖ୍ୟାଗରିଷ୍ଠତା ପାଇଁ ୪୬ ବିଧାୟକଙ୍କ ସମର୍ଥନ ଲୋଡା ଥିବା ବେଳେ ବିଜେପିକୁ ୪୮ ବିଧାୟକଙ୍କ ସମର୍ଥନ ମିଳିଛି । ଏଥିମଧ୍ୟରୁ ବିଜେପିର ୪୧ ଜଣ ବିଧାୟକ ଥିବା ବେଳେ ୬ ଜଣ ସ୍ୱାଧୀନ ବିଧାୟକ ଓ ହରିଆଣାର ଲୋକହିତ ପାର୍ଟିର ଏକମାତ୍ର ବିଧାୟକ ଗୋପାଳ କାଣ୍ଡଙ୍କ ସମର୍ଥନ ମିଳିଛି । ଫ୍ଲୋର ଟେଷ୍ଟରେ ବିଜେପିକୁ ଝଟକା ଦେବାକୁ ପ୍ରସ୍ତୁତି କରିଥିଲା ଜେଜେପି । ଏପରିକି ଫ୍ଲୋର ଟେଷ୍ଟରୁ ଦୂରେଇ ରହିବାକୁ ନିଜ ବିଧାୟକଙ୍କୁ ହ୍ୱିପ୍ ଜାରି କରିଥିଲା । ଏହାସହ ହିସାରରେ ଦ୍ୟୁଷନ୍ତ କରୁଥିବା ନବ ସଂକଳ୍ପ ରାଲିରେ ସାମିଲ ହେବାକୁ ସବୁ ବିଧାୟକଙ୍କୁ କୁହାଯାଇଥିଲା । କିନ୍ତୁ ଏହି ରାଲିରେ ଜେଜେପିର ୫ ବିଧାୟକ ଅନୁପସ୍ଥିତ ରହିଥିଲେ ।

# ବିଜେପିର ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା
# ଖଟ୍ଟର ଓ ଗଡକରୀଙ୍କୁ ମିଳିଲା ଟିକେଟ

ନୂଆଦିଲ୍ଲୀ: ପୂର୍ବଭଳି ଗଡକରୀ ମହାରାଷ୍ଟ୍ରର ନାଗପୁରରୁ ନିର୍ବାଚନ ଲଢ଼ିବେ । ୨୦୧୪ ଓ ୨୦୧୯ରେ ସେ ଏହି ଆସନରେ ଜିତି ଲୋକସଭାକୁ ଯାଇଥିଲେ । ଆଗାମୀ ଲୋକସଭା ନିର୍ବାଚନ ପାଇଁ ବୁଧବାର ବିଜେପି ଦ୍ୱିତୀୟ ପର୍ଯ୍ୟାୟରେ ୭୨ ଜଣ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି । ପ୍ରଥମ ପର୍ଯ୍ୟାୟରେ ଦଳ ୧୯୫ ଜଣଙ୍କ ନାଁ ଘୋଷଣା କରିଥିଲା । ଦଳ ଆଉ ୭୨ଟି ଆସନ ପାଇଁ ପ୍ରାର୍ଥୀଙ୍କ ନାଁ ସାର୍ବଜନୀନ କରିଛି । ଏହି ପର୍ଯ୍ୟାୟରେ କେନ୍ଦ୍ରମନ୍ତ୍ରୀ ନୀତୀନ ଗଡକରୀ ଓ ହରିଆଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟରଙ୍କୁ ଟିକେଟ ଦେଇଛି ବିଜେପି ।

ସେହିପରି ମଙ୍ଗଳବାର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିବା ଖଟ୍ଟର ହରିଆଣାର କର୍ଣ୍ଣାଲ ଆସନରୁ ପ୍ରାର୍ଥୀ ହୋଇଛନ୍ତି । ଖଟ୍ଟର ପ୍ରଥମଥର ପାଇଁ ଲୋକସଭା ର୍ନିବାଚନ ଲଢ଼ିବାକୁ ଯାଉଛନ୍ତି । ୨୦୧୯ରେ କୁରୁକ୍ଷେତ୍ରରୁ ନାୟବ ସିଂହ ସୈନି ଜିତିଥିଲେ । ମଙ୍ଗଳବାର ସେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ । ସେ ମୁଖ୍ୟମନ୍ତ୍ରୀ ହୋଇଥିବାରୁ ତାଙ୍କ ସ୍ଥାନ ଖାଲି ପଡ଼ିଛି । ଏହି ସ୍ଥାନରେ ଖଟ୍ଟର ଲଢ଼ିବେ ବୋଲି କୁହାଯାଉଥିଲା । କିନ୍ତୁ ବିଜେପି ତାଙ୍କୁ କର୍ଣ୍ଣାଲରୁ ପ୍ରାର୍ଥୀ କରିଛି । ଏହବାଦ କେନ୍ଦ୍ରମନ୍ତ୍ରୀ ପିୟୂଷ ଗୋଏଲ ଏଥର ଲୋକସଭା ନିର୍ବାଚନ ଲଢ଼ିବେ । ତାଙ୍କୁ ଦଳ ମୁମ୍ବାଇ ନର୍ଥରୁ ପ୍ରାର୍ଥୀ କରିଛି । କର୍ଣ୍ଣାଟକାର ପୂର୍ବତନ ମୁଖ୍ୟମନ୍ତ୍ରୀ ବସବରାଜ ବୋମାଇ ହାଭେରୀ, କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଧରୱାଡ, ଦଳର ସାଂସଦ ତେଜସ୍ୱୀ ସୂର୍ଯ୍ୟ ବେଙ୍ଗାଲୁରୁ ସାଉଥ ଓ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ହିମାଚଳର ହମିରପୁର ଆସନରୁ ଟିକେଟ ପାଇଛନ୍ତି ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବିଜେପି ପଙ୍କଜା ମୁଣ୍ଡେଙ୍କୁ ଟିକେଟ ଦେଇଛି । ଦଳରେ ରହି ସେ ଅଣଦେଖା ହେଉଥିବାରୁ ଅନେକ ସମୟରେ ଅସନ୍ତୋଷ ପ୍ରକାଶ କରି ଆସୁଥିଲେ । ହେଲେ ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାରେ ତାଙ୍କ ନାଁ ରହିଛି । ସେ ମହାରାଷ୍ଟ୍ରର ବୀଡ ଆସନରୁ ନିର୍ବାଚନ ଲଢ଼ିବେ । ଆଜି ଯେଉଁ ୭୨ଟି ଆସନ ପାଇଁ ଦଳ ନିଜର ପ୍ରାର୍ଥୀ ତାଲିକା ଘୋଷଣା କରିଛି ସେଥିରେ ଗୁଜୁରାଟର ୧୦, ହରିଆଣାର ୬, କର୍ଣ୍ଣାଟକାର ୨୦, ହିମାଚଳ ପ୍ରଦେଶର ୨, ମଧ୍ୟପ୍ରଦେଶର ୫, ମହାରାଷ୍ଟ୍ରର ୨୦, ତେଲଙ୍ଗାନାର ୬, ଦିଲ୍ଲୀ ଓ ଉତ୍ତରାଖଣ୍ଡର ୨ଟି ଲେଖାଏ ଓ ତ୍ରିପୁରା ଓ ଦାଦର-ନଗରହାଭେଳିର ଜଣେ ଲେଖାଏ ପ୍ରାର୍ଥୀ ରହିଛନ୍ତି ।




# ଏଲ୍ଏଲ୍‌ସିସି କପ : ଜିତିଲା ସହିଦ ସ୍ପୋର୍ଟିଂ




ଭୁବନେଶ୍ୱର, ୧୩।୩ (ସବ୍ୟୁ) : ସହିଦ ସ୍ପୋର୍ଟିଂ ବୃହତ ବିଜୟ ହାସଲ କରିଛି । ଲାଇଭ ଲିଜେଣ୍ଡ କ୍ରିକେଟ କ୍ଲବ ପକ୍ଷରୁ ଖେଳାଯାଉଥିବା ୧୪ ବର୍ଷରୁ କମ କ୍ରିକେଟର ସୁପର ନକଆଉଟ ପର୍ଯ୍ୟାୟରେ ସହିଦ ସ୍ପୋର୍ଟିଂ ୩୨୬ ରନ ବ୍ୟବଧାନରେ ଏଲ୍ଏଲ୍‌ସିସି-ବି ଦଳକୁ ହରାଇ ନୂଆ ରେକର୍ଡ଼ କରିଛି । ପ୍ରଥମେ ବ୍ୟାଟିଂ କରି ସହିଦ ସ୍ପୋର୍ଟିଂ ମାତ୍ର ଗୋଟିଏ ୱିକେଟ ହରାଇ ନିର୍ଦ୍ଧାରିତ ୩୦ ଓଭରରେ ୩୯୦ ରନ କରିଥିଲା ।

ଦଳ ପକ୍ଷରୁ ଋତୁରାଜ ମହାନ୍ତି ୬୪ ବଲରୁ ୧୧୨ ରନ ଓ ଆଦିତ୍ୟ ରାଜ ୫୩ ବଲରୁ ଶତକ ହାସଲ କରିଥିଲେ । ଅଧିନାୟକ ମହେଶ କୁମାର ପଣ୍ଡା, ୩୭ ବଲରୁ ୬୯ ଏବଂ ଓମ୍ ପ୍ରକାଶ ୨୫ ରନ କରିବାରୁ ଦଳୀୟ ସ୍କୋର ୩୯୦ ରନରେ ପହଞ୍ଚି ଥିଲା । ଦଳର ଏକମାତ୍ର ବ୍ୟାଟର ସୁପ୍ରିତ ମିଶ୍ର ୮ ରନ କରି ଆଉଟ ହୋଇଥିବା ବେଳେ ଅନ୍ୟ ଦୁଇଜଣ ରିଟାୟାର୍ଡ଼ ହଟ୍ ହୋଇଥିଲେ । ୩୦ ଓଭରରେ ୩୯୧ ରନର ଟାର୍ଗେଟ୍‌କୁ ପିଛା କରିଥିବା ଏଲ୍‌ଏଲ୍‌ସିସି-ବି ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୨୭.୧ ଓଭରରେ ୬୪ ରନ କରି ଅଲଆଉଟ ହୋଇଥିଲା । ସହିଦ ସ୍ପୋର୍ଟିଂ ୩୨୬ ରନର ଏକତରଫା ବିଜୟ ସହ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି । ୧୧୨ ରନ ସହ ୨ ୱିକେଟ ଅକ୍ତିଆର କରିଥିବା ଋତୁରାଜଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା ।

# ଯଶସ୍ୱୀ ଆଇସିସି ପ୍ଲେୟାର ଅଫ୍ ଦି ମନ୍ଥ

ନୂଆଦିଲ୍ଲୀ, ୧୩।୩ (ଏଜେନ୍ସି) : ଇଂଲଣ୍ଡକୁ ଟେଷ୍ଟ ଶୃଙ୍ଖଳାରେ ଧୂଳି ଚଟାଇଥିବା ଭାରତୀୟ ଦଳର ଯୁବ ଓପନର ଯଶସ୍ୱୀ ଜୟସ୍ୱାଲଙ୍କୁ ପ୍ଲେୟାର ଅଫ୍ ଦି ମନ୍ଥ ସମ୍ମାନ ମିଳିଛି । ଆଇସିସି ପକ୍ଷରୁ ଫେବ୍ରୁଆରୀ ମାସ ପାଇଁ ୨୨ ବର୍ଷୀୟ ଜୟସ୍ୱାଲଙ୍କୁ ଏହି ଆୱାର୍ଡ଼ ପ୍ରଦାନ କରାଯାଇଛି । ଯଶସ୍ୱୀ ଇଂଲଣ୍ଡ ବିପକ୍ଷ ୫ଟି ଟେଷ୍ଟ ମ୍ୟାଚରେ ୭୧୨ ରନ କରିଥିଲେ । ଏହି ଶୃଙ୍ଖଳାରେ ଲଗାତାର ଦ୍ୱିଶତକ ମଧ୍ୟ କରିଥିଲେ । ଇଂଲଣ୍ଡ ବିପକ୍ଷ ଟେଷ୍ଟରେ ଦମଦାର ପ୍ରଦର୍ଶନ କରି ସେ ମ୍ୟାନ୍ ଅଫ୍ ଦି ସିରିଜ ପୁରସ୍କାର ଜିତିଥିଲେ ।

ଯଶସ୍ୱୀଙ୍କୁ ଫେବ୍ରୁଆରୀ ମାସର ଶ୍ରେଷ୍ଠ ଖେଳାଳି ପୁରସ୍କାରରେ ସମ୍ମାନିତ କରିଛି ଆଇସିସି । ମାସିକ ଶ୍ରେଷ୍ଠ ପୁରସ୍କାର ପାଇବା ଦୌଡ଼ରେ ନ୍ୟୁଜିଲାଣ୍ଡର କେନ୍ ୱିଲିୟମସନ ଓ ଶ୍ରୀଲଙ୍କାର ପାଥୁମ ନିଶାଙ୍କ ରହିଛନ୍ତି । ଏମାନଙ୍କୁ ମାତ ଦେଇ ଯଶସ୍ୱୀ ଏହି ପୁରସ୍କାର ଜିତିଛନ୍ତି । ବିନୋଦ କାମ୍ବଲିଙ୍କ ପରେ ସବୁଠାରୁ ଦ୍ରୁତ ୧୦୦୦ ଟେଷ୍ଟ ରନ କରିଥିବା ଭାରତୀୟ ବ୍ୟାଟର ହେବାର ଗୌରବ ଅର୍ଜନ କରିଛନ୍ତି ଯଶସ୍ୱୀ ।

## ରଣଜୀ ଟ୍ରଫି ଫାଇନାଲ

# ଫଳାଫଳ ଘୁଞ୍ଚିଲା ୫ମ ଦିନକୁ

ମୁମ୍ବାଇ, ୧୩।୩ (ଏଜେନ୍ସି) : ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ଼ର ଘରୋଇ ପ୍ରତିଯୋଗିତା ରଣଜୀ ଟ୍ରଫିର ଫାଇନାଲ ମ୍ୟାଚ୍ ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଛି । ମୁମ୍ବାଇ ପକ୍ଷରୁ ଧାର୍ଯ୍ୟ ୫୩୮ ରନର ବିଶାଳ ବିଜୟଲକ୍ଷ୍ୟ ସତ୍ତ୍ୱେ ବିଦର୍ଭ କଡ଼ା ମୁକାବିଲା କରି ମ୍ୟାଚ୍‌ର ଫଳାଫଳକୁ ବିଳମ୍ବିତ କରିଛି । ଅର୍ଥାତ ୫ମ ଦିନ ବିଜେତା ଚୂଡ଼ାନ୍ତ ହେବ । ମୁମ୍ବାଇ ପ୍ରଥମ ପାଳିରେ ୨୨୪ ତଥା ବିଦର୍ଭ ୧୦୫ ରନ କରିଥିଲା । ପୁଣି ମୁମ୍ବାଇ ଦ୍ୱିତୀୟ ପାଳିରେ ୪୧୮ ରନ ସଂଗ୍ରହ କରି ବିଦର୍ଭ ସମ୍ମୁଖରେ ୫୩୮ ରନର ବିଜୟଲକ୍ଷ୍ୟ ଧାର୍ଯ୍ୟ କରିଥିଲା । କରୁଣ ନାୟର, ଅକ୍ଷୟ ୱାଦେକରଙ୍କ ଲଢୁଆ ଅର୍ଦ୍ଧଶତକୀୟ ଇନିଂସ ଯୋଗୁ ବିଦର୍ଭ ୪ର୍ଥ ଦିବସ ଶେଷ ସୁଦ୍ଧା ଦ୍ୱିତୀୟ ପାଳିରେ ୯୨ ଓଭରରେ ୫ ୱିକେଟ ହରାଇ ୨୪୮ ରନ କରିଛି । ଖେଳ ଆଉ ଗୋଟିଏ ଦିନ ବାକି ଥିବାବେଳେ ବିଦର୍ଭ ବିଜୟଲକ୍ଷ୍ୟଠାରୁ ୨୯୦ ରନ ଦୂରରେ ରହିଛି ।



ବିଦର୍ଭ ଦଳ ୪ର୍ଥ ଦିନ ଅସମାପ୍ତ ଦ୍ୱିତୀୟ ପାଳି ୧୦/୦ରୁ ଖେଳ ଆରମ୍ଭ କରିଥିଲା । ଅଥର୍ବ ତାଇଡେଙ୍କ ସହ ଧ୍ରୁବ ସୋରେ ପ୍ରଥମ ୱିକେଟ ପାଇଁ ୬୪ ରନ ସଂଗ୍ରହ କରିଥିଲେ । ତାଇଡେ ୬୪ ବଲର ସମ୍ମୁଖୀନ ହୋଇ ୩୨ ରନ କରି ପ୍ରଥମ ୱିକେଟ ଭାବେ ପାଭିଲିୟନ ଫେରିଥିଲେ । ମୁଲାନି ଏହି ୱିକେଟ ଅକ୍ତିଆର କରି ପ୍ରାରମ୍ଭିକ ସଫଳତା ଦେଇଥିଲେ । ପରେପରେ ଧ୍ରୁବ ସୋରେ ୨୮ ରନ କରି କୋଟିଆନଙ୍କ ଦ୍ୱାରା ଆଉଟ ହେବାରୁ ୬୪ ରନରେ ଦ୍ୱିତୀୟ ୱିକେଟ ହରାଇଥିଲା ବିଦର୍ଭ । ଏହାପରେ ଅମନ ମୋଖଡ଼େ ଓ କରୁଣ ନାୟର ତୃତୀୟ ୱିକେଟ ପାଇଁ ୫୪ ରନ ସଂଗ୍ରହ କରିଥିଲେ । ମୋଖଡ଼େ ୭୮ ବଲର ସମ୍ମୁଖୀନ ହୋଇ ୩୨ ରନ କରି ମୁସିର ଖାନଙ୍କ ଶିକାର ହୋଇଥିଲେ । କରୁଣ ନାୟର ଦୀର୍ଘ ସମୟ ପଡ଼ିଆରେ ମୁମ୍ବାଇ ବୋଲରଙ୍କୁ ସାମ୍ନା କରିଥିଲେ । ସେ ୨୨୦ ବଲ ଖେଳି ୭୪ ରନ କରିବା ସହ ମୁସିର ଖାନ୍‌ଙ୍କ ବଲରେ ଆଉଟ ହୋଇଥିଲେ । ଯସ ରାଠୋଡ଼ ୭ ରନ କରି ଆଉଟ ହୋଇଥିବାବେଳେ ଦଳୀୟ ସ୍କୋର ୧୩୩ ଥିଲା । ୫ମ ୱିକେଟ ପତନ ବେଳକୁ ବିଦର୍ଭ ୨୨୩ ରନରେ ପହଞ୍ଚିଥିଲା । ଅଧିନାୟକ ଅକ୍ଷୟ ୱାଦେକର ୯୧ ବଲର ସମ୍ମୁଖୀନ ହୋଇ ୬ ଚୌକା ଓ ଗୋଟିଏ ଛକା ସହାୟତାରେ ୫୬ ରନର ଅପରାଜିତ ଇନିଂସ ଖେଳିଥିବାବେଳେ ହର୍ଷ ଦୁବେ ୧୦ ବଲରୁ ଗୋଟିଏ ଲେଖାଏଁ ଚୌକା ଓ ଛକା ମାରି ୧୧ ରନ କରିଛନ୍ତି । ବିଦର୍ଭ ପକ୍ଷରୁ ଆଦିତ୍ୟ ସରୱତେ, ଯସ ଠାକୁର, ଉମେଶ ଯାଦବ, ଆଦିତ୍ୟ ଠାକରେ ପ୍ରମୁଖ ବ୍ୟାଟିଂ କରିବାକୁ ଆସିନାହାନ୍ତି । ମ୍ୟାଚ୍ ଜିତିବା ପାଇଁ ହେଲେ ବିଦର୍ଭ ନିକଟରେ ୯୦ ଓଭରରେ ୨୯୦ ରନର ଟାର୍ଗେଟ ରହିବ । ଅପରପକ୍ଷରେ ୪୮ ଥର ରଣଜୀ ଟ୍ରଫି ଫାଇନାଲରେ ପ୍ରବେଶ କରିଥିବା ମୁମ୍ବାଇ ଦଳ ଯଥାଶୀଘ୍ର ବିଦର୍ଭକୁ ଅଲଆଉଟ କରି ଟାଇଟଲ ହାତେଇବା ଲକ୍ଷ୍ୟରେ ରହିବ । ମୁମ୍ବାଇ ପକ୍ଷରୁ ଶତକୀୟ ଇନିଂସ ଖେଳିଥିବା ମୁସିର ଖାନ ଓ ତନୁସ କୋଟିଆନ ଦୁଇଟି ଲେଖାଏଁ ତଥା ସାମ୍ ମୁଲାନିଙ୍କୁ ଗୋଟିଏ ୱିକେଟ ସଫଳତା ମିଳିଛି ।

SALE SALE SALE
Flex Printing Machine (10 feet)
As on Where Basis.
Company Name:
"MONOTECH"
Systems PVT.LTD.
For Contact : 8917518606


ହୋଇ ଘାରି କାମନାରେ
ସଂକ୍ରମଣ ହୁଅଇ ଶରୀର
ଅସୁରକ୍ଷିତ ଯୌନ ସମ୍ପର୍କରେ,
ସଂକ୍ରମିତ ହୁଅଇ ପିଲାଟିଏ
ଅବିଶୋଧିତ ଛୁଞ୍ଚି ଅବା
ସିରିଞ୍ଜି ବ୍ୟବହାରେ,

ନିଶାରେ ହୋଇ ଟଳମଳ ହୁଅ ସଂକ୍ରମିତ
ଡ୍ରଗସ୍ ଯେବେ ନିଅ ଗୋଟିଏ ଛୁଞ୍ଚିରେ ।

OSACS
ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

# ଜୟପୁରରେ ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ ଲୋକାର୍ପିତ




ଭୁବନେଶ୍ୱର, ୧୩।୩ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୋରାପୁଟ ଜିଲ୍ଲା ଜୟପୁରଠାରେ ଏକ ଅତ୍ୟାଧୁନିକ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଉଦ୍‌ଘାଟନ କରିଛନ୍ତି । ଓଡ଼ିଶାର ୧୨ଟି ଜିଲ୍ଲାରେ ୨୬ଟି ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ । ୧୧ ଏକର ପରିମିତ ଜୟପୁର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଏକ ପ୍ରାକୃତିକ ଫୁଟବଲ ପଡ଼ିଆ, ସିନ୍ଥେଟିକ ଆଥ୍‌ଲେଟିକ୍ ଟ୍ରାକ୍ ରହିଛି । ୫୦୦ ଦର୍ଶକ ବସିବାର କ୍ଷମତା ରହିଛି । ଅନ୍ତର୍ଜାତୀୟ ମାନର ଉପକରଣ ସହିତ ଏକ ଜିମ୍ନାଷ୍ଟିକ ସେଣ୍ଟର, ଅଲିମ୍ପିକ୍ସ ଆକାରର ସୁଇମିଙ୍ଗ୍ ପୁଲ, ଦୁଇଟି ସିନ୍ଥେଟିକ ଟେନିସ କୋର୍ଟ୍ ଏବଂ ଗୋଟିଏ ବାସ୍କେଟ ବଲ କୋର୍ଟ୍ ରହିଛି । ସୁସ୍ଥ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ଏବଂ କ୍ରୀଡ଼ା ପରିବେଶ ସୃଷ୍ଟି ଦିଗରେ ଓଡ଼ିଶା ନିଜର ପ୍ରୟାସକୁ ଅଧିକ ସୁଦୃଢ଼ କରିବା ସହିତ ୧୨ଟି ଜିଲ୍ଲାରେ ୨୬ଟି ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ ନିର୍ମାଣ କରାଯାଇଛି । ଯେଉଁଥିରେ ବ୍ୟାଡ଼ମିଣ୍ଟନ, ଟେବୁଲ ଟେନିସ, ଯୋଗ, ଚେସ୍, ଭାରୋତ୍ତୋଳନ ଓ ଜିମ୍ ଆଦି କ୍ରୀଡ଼ା ପାଇଁ ସୁବିଧା ରହିଛି ।

ଗାଁଠାରୁ ସହର ପର୍ଯ୍ୟନ୍ତ ରାଜ୍ୟର ସବୁ ସ୍ଥାନରେ ବୃତ୍ତିଗତ କ୍ରୀଡାର ବିକାଶ ପାଇଁ ୫ଟି ଉପକ୍ରମ ଅଧୀନରେ ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ କରାଯାଇଛି । ଏହି ପ୍ରକଳ୍ପ ଗୁଡିକର ଉଦ୍ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଜୟପୁରର ସ୍ପୋର୍ଟ୍ସ କମ୍ପ୍ଲେକ୍ସ କୋରାପୁଟ, ନବରଙ୍ଗପୁର ଓ ମାଲକାନଗିରି ଜିଲ୍ଲାର ଯୁବ ପ୍ରତିଭାମାନଙ୍କୁ କ୍ରୀଡା କ୍ଷେତ୍ରରେ ଉତ୍ସାହିତ କରିବ । ଦକ୍ଷିଣ ଓଡିଶାରେ କ୍ରୀଡାର ବିକାଶ ପାଇଁ ଏହି କମ୍ପ୍ଲେକ୍ସ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସେ କହିଥିଲେ । ସେ ଆହୁରି ମଧ କହିଥିଲେ ଯେ ଏକ ଦକ୍ଷ ଯୁବ ସମାଜ ଗଠନ ପାଇଁ ଆମେ କ୍ରୀଡା ଉପରେ ଅଧିକ ଗୁରୁତ୍ୱ ଦେଉଛୁ । ଏହା ଦ୍ୱାରା ଓଡିଶା ଆଜି ସାରା ବିଶ୍ୱରେ କ୍ରୀଡା କ୍ଷେତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛି । କ୍ରୀଡା କ୍ଷେତ୍ରରେ ଆଜି ସବୁ ରାଜ୍ୟ ଓଡିଶା ମଡେଲକୁ ଅନୁସରଣ କରୁଛନ୍ତି ।

ଇଣ୍ଡୋର ଷ୍ଟାଡିୟମ ଉଦ୍‌ଘାଟନ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ସବୁ ଇଣ୍ଡୋର ଷ୍ଟାଡିୟମ ରାଜ୍ୟରେ କ୍ରୀଡା ସଂସ୍କୃତିକୁ ଆହୁରି ଆଗକୁ ନେବ । ବିଶେଷ କରି ବୃତ୍ତିଗତ କ୍ରୀଡା କ୍ଷେତ୍ରରେ ଏହା ଆମ ପିଲାମାନଙ୍କ ପାଇଁ ବହୁ ସୁଯୋଗ ସୃଷ୍ଟି କରିବ । ଗାଁ ଓ ଛୋଟ ସହରର ପିଲାମାନେ ବହୁ ସଂଖ୍ୟାରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ଭାଗ ନେଇ ପାରିବେ ଏବଂ ଓଡ଼ିଶାରେ କ୍ରୀଡ଼ା ସଂସ୍କୃତିର ବିକାଶ ପାଇଁ ଆମର ପ୍ରୟାସ ଗୁଡିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ କହିଥିଲେ ।

ଏହି ଅବସରରେ ୫ଟି ତଥା ନବୀନ ଓଡ଼ିଶାର ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ଯୋଗଦେଇ କହିଥିଲେ ଯେ ଆଜି ଆମ ପ୍ରିୟ ମୁଖ୍ୟମନ୍ତ୍ରୀ ଲୋକାର୍ପିତ କରିଥିବା ସବୁ ସ୍ପୋର୍ଟସ୍ କମ୍ପ୍ଲେକ୍ସ ଗୁଡିକ ଓଡିଶାବାସୀଙ୍କ ଟଙ୍କାରେ ତିଆରି ହୋଇଛି । ଏହା ରାଜ୍ୟବାସୀଙ୍କ ସମ୍ପତ୍ତି । ଆପଣମାନଙ୍କ ସମ୍ପତ୍ତି । ଏଗୁଡିକୁ ସଠିକ୍ ଭାବେ ଉପଯୋଗ କରିବେ ଏବଂ ଉପଯୁକ୍ତ ରକ୍ଷଣାବେକ୍ଷଣ କରିବେ ବୋଲି ସେ ସମସ୍ତଙ୍କୁ ଅନୁରୋଧ କରିଥିଲେ ।

କାର୍ଯ୍ୟକ୍ରମରେ ଜୟପୁରଠାରେ ଯୋଗଦେଇ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଥିଲେ ଯେ କ୍ରୀଡାକୁ ସର୍ବୋଚ୍ଚ ସ୍ତରକୁ ନେବା ପାଇଁ ରାଜ୍ୟ ସରକାର ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି ଏବଂ ବିଭିନ୍ନ କ୍ରୀଡା ଭିତ୍ତିଭୂମି ନିର୍ମାଣ ଓ ଉନ୍ନତ ତାଲିମ ପ୍ରଦାନ ଜରିଆରେ ଓଡିଶା ଏକ କ୍ରୀଡା ପ୍ରୋତ୍ସାହକ ରାଜ୍ୟ ଭାବେ ଆଗ ଧାଡିରେ ରହି ଆସିଛି ।

କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବ ସେବା ବିଭାଗର କମିଶନର ତଥା ଶାସନ ସଚିବ ଆର. ଭିନୀଲ କ୍ରିଷ୍ଣା ସ୍ୱାଗତ ଭାଷଣ ଦେଇ କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ଏବଂ ଯୁଗପୋଯୋଗୀ ମାର୍ଗ ଦର୍ଶନ ପାଇଁ ଓଡିଶା ଆଜି କ୍ରୀଡା କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ରାଜ୍ୟରେ ୫ଟି ଉପକ୍ରମର ସଠିକ୍ ଅନୁପାଳନ ଯୋଗୁ ଓଡିଶା କ୍ରୀଡା ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ମଧ ହାସଲ କରିଛି ।

କାର୍ଯ୍ୟକ୍ରମରେ ଜୟପୁରଠାରେ କ୍ରୀଡା ବିଭାଗର କୋଚ ସୁମନ୍ତ ନାରାୟଣ ସାହୁ ତାଙ୍କ ଅଭିଜ୍ଞତା ବର୍ଣ୍ଣନା କରି କହିଥିଲେ ଯେ ଏହି ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଦ୍ୱାରା ଅବିଭକ୍ତ କୋରାପୁଟ ଜିଲ୍ଲାର ବହୁ କ୍ରୀଡାବିତ ଅଭ୍ୟାସ ଜରିଆରେ ଉପକୃତ ହେବେ ଏବଂ ସେମାନେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ରାଜ୍ୟ ପାଇଁ ସୁନାମ ଆଣିବେ । ସେହିପରି କ୍ରୀଡାବିତ ସମର୍ପିତା ପାଣିଗ୍ରାହୀ କହିଥିଲେ ଯେ ପୂର୍ବରୁ ଆମେ ନଦୀ ପୋଖରୀରେ ସନ୍ତରଣ ଅଭ୍ୟାସ କରୁଥିଲୁ । ଏବେ ଏହି ଅତ୍ୟାଧୁନିକ ସନ୍ତରଣାଗାରରେ ଆମେ ଅଭ୍ୟାସ କରିପାରିବୁ । ଏଥିପାଇଁ ମୁଖ୍ୟମନ୍ତ୍ରୀ ଏବଂ ୫ଟି ଅଧକ୍ଷଙ୍କୁ ଉଭୟ ଧନ୍ୟବାଦ ଓ କୃତଜ୍ଞତା ଜଣାଇଥିଲେ ।

କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଉନ୍ନୟନ କମିଶନର ଅନୁ ଗର୍ଗ, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଛୋଟି ପ୍ରିମିୟର ଲିଗ୍: ପଟ୍ଟାମୁଣ୍ଡାଇ ଚାମ୍ପିଅନ

ଡେରାବିଶ, ୧୩।୩ (ସବ୍ୟୁ) : ଡେରାବିଶ ବ୍ଲକ ଛୋଟି ପଞ୍ଚାୟତ ରାମଚଣ୍ଡୀ ହାଇସ୍କୁଲ ପଡିଆରେ ଦ୍ୱାଦଶତମ ଦିବାରାତ୍ର ଛୋଟି ପ୍ରିମିୟର ଲିଗ ଉଦଯାପିତ ହୋଇଯାଇଛି । ମା'ରାମଚଣ୍ଡୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ସମାଜସେବୀ ତଥା ବିଜେପି ନେତ୍ରୀ ମନୀଷା ପଣ୍ଡା ଉଦଘାଟନ କରିଥିଲେ । ଫାଇନାଲ ମ୍ୟାଚରେ କେନ୍ଦ୍ରାପଡାର ବାବା ଇଲେଭନ ଷ୍ଟାର ଓ ପଟ୍ଟାମୁଣ୍ଡାଇର ସିଏଚସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା ।

ଟସ୍ ଜିତି କେନ୍ଦ୍ରାପଡା ଇଲେଭନ ଷ୍ଟାର ୭ ୱିକେଟ ବିନିମୟରେ ୪୭ ରନ କରିଥିଲା । ଜବାବରେ ପଟ୍ଟାମୁଣ୍ଡାଇ ସିଏଚସି କୌଣସି ୱିକେଟ ନହରାଇ ୫୧ ରନ ସଂଗ୍ରହ କରି ବିଜୟୀ ଘୋଷିତ ହୋଇଥିଲା । କ୍ଲବର ସଭାପତି ନଳୀନିକାନ୍ତ ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଡେରାବିଶ ପଂଚାୟତ ସମିତି ଅଧକ୍ଷା ପ୍ରଭାତୀ ମଲିକ ଓ ପୂର୍ବତନ ବ୍ଲକ ଅଧକ୍ଷ ସରୋଜକାନ୍ତ ସାହୁ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ଚାମ୍ପିଅନ ଟ୍ରଫି ପ୍ରଦାନ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟକୁ ବାବୁ ସେଠୀ ଓ ବାବୁଲି ସାହୁ ଖେଳ ପରିଚାଳନା କରିଥିବା ବେଳେ ବୁଦ୍ଧଦେବ ମହାରଣା ଓ ପବିତ୍ର ନାୟକ ଭାଷ୍ୟକାର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ ।



ସୂଚନା
ସମୟ
BHIM
BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।




Printed & Published by Patitapaban Mohapatra for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665,
TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718,

ସମୟ SAMAYA
ସମୟ

# ଦେଶୀ ମଦ ଦୋକାନ ଖୋଲା ଯିବାକୁ ନେଇ ତୀବ୍ର ଅସନ୍ତୋଷ

ରତ୍ନଗିରି,(ସବ୍ୟୁ): ବରୀ ବ୍ଲକ ଅଧିନସ୍ଥ ଅରଙ୍ଗାବାଦ ପଂଚାୟତ ଗାନ୍ଧୀ ରାସ୍ତା କଡରେ ଏକ ଦେଶୀ ମଦ ଦୋକାନ ଖୋଲା ଯିବାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ମର୍ମରେ ଆଜି ଅରଙ୍ଗାବାଦ ପଂଚାୟତର ସରପଂଚ ନିରୁପମା ମଲିକ ଓ ଅଲିପୁର ପଂଚାୟତର ସରପଂଚ ମଧୁସ୍ମିତା ବେହେରାଙ୍କ ନେତୃତ୍ୱରେ ଶତାଧିକ ମହିଳା ଜିଲ୍ଲାପାଳ ଯାଜପୁର ଓ ଅବକାରୀ ବିଭାଗ ଯାଜପୁର ଅଧିକାରୀଙ୍କ ନିକଟରେ ଏହି ଦେଶୀ ମଦ ଦୋକାନ ବନ୍ଦ କରିବା ନିମନ୍ତେ ଲିଖିତ ଅଭିଯୋଗ କରିଛନ୍ତି। ପ୍ରକାଶ ଥାଉକି ଖାତା ନମ୍ବର୮୪୮/୨୬୦ ପ୍ଲଟ ନମ୍ବର ୩୦୨/୨୪୫୮ ରେ ଏକ ଦେଶୀ ମଦ ଦୋକାନ ଖୋଲା ଯିବାକୁ ସରକାରୀ ସ୍ତରରେ ନିଷ୍ପତି ହୋଇଥିଲା। ଅଭିଯୋଗ ପରେ ଅବକାରୀ ବିଭାଗ ପକ୍ଷରୁ ଜୈନିକ ଅଧିକାରୀ ଘଟଣା ସ୍ଥଳ ପରିଦର୍ଶନ କରି ସ୍ଥାନୀୟ ଲୋକ ମାନଙ୍କର ମତାମତ ସଂଗ୍ରହ କରି ଫେରି ଯାଇଥିଲେ। ସରକାରୀ ସ୍ତରରେ ଦେଶୀ ମଦ ଦୋକାନ ଖୋଲାଯିବା ସ୍ଥାନଟି ଗାନ୍ଧୀ ରାସ୍ତା କଡରେ ଖୋଲାଯିବା ନିଷ୍ପତି ଅଥ୍ୟନ୍ତ ନିନ୍ଦନୀୟ ବୋଲି ବହୁ ବୁଦ୍ଧିଜୀବୀ ମତ ରଖିଛନ୍ତି। ଚାରି ମାସ ନିରବତା ପରେ ପୁନର୍ବାର ସେହି ଜାଗାରେ ଦେଶୀ ମଦ ଦୋକାନ ଖୋଲାଯିବା ନେଇ ସରକାରୀ ସ୍ତରରେ ନୋଟିସ ହେବାରୁ ଆଜି ସ୍ଥାନୀୟ ସରପଂଚ ଓ ଶତାଧୀକ ମହିଳା ଜିଲ୍ଲାପାଳ ଯାଜପୁର ଓ ଅବକାରୀ ବିଭାଗକୁ ଲିଖିତ ଅଭିଯୋଗ କରିବା ପରେ ଯଦି ଦେଶୀ ମଦ ଦୋକାନ କୁ ଏଠାରେ ବନ୍ଦ କରାନଯାଏ ତା ହେଲେ ଆଗାମି ଦିନରେ ହଜାର ହଜାର ମହିଳା ରାସ୍ତା ରୋକ କରିବା ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ସରପଂଚ ନିରୁପମା ମଲିକ ଚେତାବନୀ ଦେଇଛନ୍ତି।

# ଯୁବ ସଂଗଠକଙ୍କ ଗାଡି ଉପରକୁ ଅଣ୍ଡା ମାଡ଼

ସାଲେପୁର,(ସବ୍ୟୁ): ବୁଧବାର ସନ୍ଧ୍ୟାରେ କଟକ –ସାଲେପୁର ରାସ୍ତାର ଧବଳେଶ୍ୱର ମନ୍ଦିର ନିକଟରେ ବିଜେଡି ଯୁବ ସଂଗଠକଙ୍କୁ କେହି ଦୁର୍ବୃତ୍ତ ଅଣ୍ଡା ମାଡ଼ କରିଥିବା ଜଣାପଡିଛି । ବିଜେଡି ଯୁବ ସଂଗଠକ ତଥା ଟାଙ୍ଗୀ–ସାଲେପୁର ବିକାଶ ମଞ୍ଚର ଅଧକ୍ଷ ବିଶେଶ୍ୱର ସ୍ୱାଇଁ ସନ୍ଧ୍ୟା ପ୍ରାୟ ୭ଟା ସମୟରେ ନିଜ ଘରୁ ସାଲେପୁରକୁ ଏକ ସାମାଜିକ କାର୍ଯ୍ୟକ୍ରମରେ ଯୋଗ ଦେବାପାଇଁ ନିଜ ଫର୍ଚୁନର ଓଡି ୩୫ ସି ୦୦୭୭ ଗାଡିରେ ଯାଉଥିଲେ । ଶିଶୁଆ ଧବଳେଶ୍ୱର ମନ୍ଦିର ନିକଟବର୍ତ୍ତୀ ମୁଖ୍ୟ ରାସ୍ତାରେ ତାଙ୍କ ଗାଡି ଉପରକୁ କେହି ଦୁର୍ବୃତ୍ତ ବିଶେଶ୍ୱର ସ୍ୱାଇଁ ଗୋ ବ୍ୟାକ କହି ହଠାତ ୮ରୁ୧୦ ଟି ଅଣ୍ଡା ମାଡ଼କରି ଫେରାର ହୋଇଯାଇଥିଲା । ଶ୍ରୀ ସ୍ୱାଇଁ ଗାଡି ରୁ ଭୟଭୀତ ହୋଇ ଓହ୍ଲାଇ ଦେଖିଲା। ବେଳକୁ ସେଠାରେ କେହି ନାହାନ୍ତି । ଅପର ପକ୍ଷରେ ରାଜ୍ୟ ସରକାରଙ୍କ ଉନ୍ନତି ମୂଳକ ଯୋଜନା କୁ ଲୋକଙ୍କ ପାଖରେ ପହଞ୍ଚାଉଥିବାରୁ କେହି ବିରୋଧୀ ଏଭଳି ନିନ୍ଦନୀୟ କାର୍ଯ୍ୟ କରିଥିବା ଶ୍ରୀ ସ୍ୱାଇଁ ପ୍ରକାଶ କରିଛନ୍ତି ।

## ନଦୀ ପଠାରୁ ମହିଳାଙ୍କ ମୃତଦେହ ଉଦ୍ଧାର ଘଟଣାର ପର୍ଦ୍ଦାଫାସ

# ଭାଉଜର ତଣ୍ଟିଚିପି ହତ୍ୟାପରେ ନଦୀକୁ ଫିଙ୍ଗିଥିଲା ଦିଅର



ଚଣ୍ଡିଖୋଲ, (ସବ୍ୟୁ) ଯାଜପୁର ଜିଲ୍ଲା ବଡଚଣା ଥାନା ଅନ୍ତର୍ଗତ ବେଣାପୁର ନିକଟ ବଡଗେଙ୍ଗୁଟୀ ନଦୀ ପଠାରୁ ମାର୍ଚ୍ଚ ୫ ତାରିଖରେ ଉଦ୍ଧାର ହୋଇଥିବା ଅଜଣା ମହିଳାଙ୍କ ମୃତଦେହର ପରିଚୟ ପୋଲିସକୁ ମିଳିଛି । ଏଥିସହ ସଂପୃକ୍ତ ମହିଳାଙ୍କୁ ତାଙ୍କ ଦିଅର ହତ୍ୟାକରି ପ୍ରମାଣ ନଷ୍ଟ ପାଇଁ ମୃତଦେହକୁ ନଦୀକୁ ଫୋପାଡି ଦେଇଥିବା ପରି ଚାଞ୍ଚଲ୍ୟକର ତଥ୍ୟ ମଧ ପୋଲିସ ହାସଲ କରିଛି । ବଡଚଣା ଥାନା ଅଧିକାରୀ ଶରତଚନ୍ଦ୍ର ପାତ୍ର ବିଭିନ୍ନ ଦିଗକୁ ଦୃଷ୍ଟିଦେଇ ତଦନ୍ତ କରିବା ପରେ ହତ୍ୟାକାରୀ ନିକଟରେ ପହଞ୍ଚିବା ସହ ତାକୁ ଗିରଫ କରିଛନ୍ତି । ଗିରଫପରେ ଭାଉଜ ହତ୍ୟାକାରି ଦିଅରକୁ ବୁଧବାର ଦିନ ଚଣ୍ଡିଖୋଲ କୋର୍ଟ ଚାଲାଣ କରାଯାଇଛି । ପୋଲିସ ଠାରୁ ପ୍ରାପ୍ତ ସୂଚନା ଅନୁଯାୟୀ ବେଣାପୁର ନିକଟ ଏକ ଇଟାଭାଟିରେ କାମକରୁଥିବା ଚେନେକା ଚାତାର ତାର ସହକର୍ମୀ ଜେନାପୁର ଥାନା ଚଡେଇଧରା ନିକଟ ଗୟାସାହି ଗ୍ରାମର ଜଣେ ବିବାହିତା ମହିଳାଙ୍କୁ ବିବାହ କରିଥିଲା । ସ୍ୱାମୀ ସ୍ତ୍ରୀ ମଧରେ ଝଗଡା ହେବାରୁ ସ୍ତ୍ରୀ ଲୁଚିକରି ନିଜ ଘରକୁ ପଳାଇ ଆସିଥିଲା । ତେବେ ସ୍ତ୍ରୀକୁ ଫେରାଇ ଆଣିବାକୁ ଚେନେକା ଚତାର ସୁକିନ୍ଦା ଥାନା ମଙ୍ଗଳପୁର ସମିଲ ସାହିରେ ରହୁଥିବା ତା'ର ଭାଉଜ ସୁରୁ ଚାତାର(୪୦)ର ସହାୟତା ଲୋଡିଥିଲା । ତେବେ ଦିଅର କଥାରେ ରାଜିହୋଇ ମାର୍ଚ୍ଚ ୩ ତାରିଖରେ ଏକ ଅଟୋରେ ଭାଉଜ ତାର ଦୁଇ ପିଲାଙ୍କୁ ଧରି ଦିଅର ସହ ବେଣାପୁର ଆସିଥିଲା । ସେମାନେ ସାଥିହୋଇ ୪ ତାରିଖ ସକାଳୁ ଚଡେଇଧରା ଯାଇ ଚେନେକାର ସ୍ତ୍ରୀକୁ ଫେରାଇ ଆଣିବାକୁ ନିଷ୍ପତ୍ତି ନେଇଥିଲେ । ହେଲେ ଆଲୋଚନା ବେଳେ ଚେନେକା ତା ସ୍ତ୍ରୀକୁ ମାଡମାରିବା ସହ ଅତ୍ୟାଚାର କରିଥିବା ଜାଣିବା ପରେ ଭାଉଜ ଆଉ ଚଡେଇଧରା ଯିବାକୁ ରାଜି ହୋଇନଥିଲା । ଶେଷ ମୁହୂର୍ତ୍ତରେ ସ୍ତ୍ରୀକୁ ଫେରାଇ ଆଣିବାକୁ ରାଜି ନହେବାରୁ ଚେନେକା ଉତ୍ୟକ୍ତ ହୋଇ ଭାଉଜକୁ ମାଡ ମାରିବା ସହ ଏକ ସାଡିରେ ଭାଉଜ ବେକକୁ ଚାପି ହତ୍ୟା କରିଥିଲା । ପରେ ପ୍ରମାଣ ନଷ୍ଟ ପାଇଁ ମୃତଦେହକୁ ୫୩ ନମ୍ବର ଜାତୀୟ ରାଜପଥର ବେଣାପୁର ପୋଲ ପାଖକୁ ନେଇ ସେଠାରୁ ନଦୀକୁ ଫୋପାଡି ଦେଇ ଫେରାର ହୋଇଯାଇଥିଲା । ଏହି ଘଟଣା ନେଇ ୩ତାରିଖ ସକାଳୁ ଅରଖପୁର ସରପଞ୍ଚଙ୍କ ପ୍ରତିନିଧି ଗୌତମ ସିଂ ବଡଚଣା ଥାନାରେ ଜଣାଇବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ମୃତ ମହିଳାଙ୍କ ଫଟୋକୁ ସୋସିଆଲ ମିଡିଆ ଓ ବିଭିନ୍ନ ସ୍ଥରରେ ସେୟାର କରି ସେହି ମାଧମରେ ତାଙ୍କ ପରିଚୟ ପାଇଥିଲା । ମୃତ ମହିଳାଙ୍କ ପରିଚୟ ମିଳିଯିବା ପରେ ପୁରା ଘଟଣାର ପର୍ଦ୍ଦାଫାସ ହେବା ସହ ହତ୍ୟାକାରୀ ଚେନେକା ଚାତାର ଓରଫ ଚେହେଙ୍ଗାକୁ ୧୨ ତାରିଖ ଦିନ ଜେନାପୁର ଥାନା ଚଡେଇଧରାରୁ ଗିରଫ କରିବାକୁ ସକ୍ଷମ ହୋଇଥିଲା । ଏହି ମାମଲାର ତଦନ୍ତ କରୁଥିବା ନିଜେ ବଡଚଣା ଥାନା ଅଧିକାରୀ ଶରତଚନ୍ଦ୍ର ପାତ୍ର ହତ୍ୟାକାରୀକୁ ଥାନାକୁ ନେଇ ପଚରା ଉଚରା କରିବା ପରେ ସେ ତାର ଦୋଷ ମାନିଯିବା ସହ ଘଟଣା ସମ୍ପର୍କରେ ସମସ୍ତ ତଥ୍ୟ ଦେଇଥିବା ପୋଲିସ ପ୍ରକାଶ କରିଛି । ମୃତା ମହିଳାଙ୍କ ଦୁଇ ଅନାଥ ନାବାଳକ ପିଲାଙ୍କୁ ପୋଲିସ ଉଦ୍ଧାର କରିବା ପରେ ସେମାନଙ୍କୁ ଜିଲ୍ଲା ଶିଶୁ ସୁରକ୍ଷା ଟିମଙ୍କୁ ହସ୍ତାନ୍ତର କରିଛି । କୋର୍ଟ ଚାଲାଣ ହୋଇଥିବା ହତ୍ୟାକରି ଦିଅରର ଯାମିନ ଖାରଜ ହେବାପରେ ତାକୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡିଛି ।

# ସଡକ ଦୁର୍ଘଟଣାରେ ଆହତ କ୍ରୀଡାବିତଙ୍କ ବିୟୋଗ

ଧର୍ମଶାଳା,(ସବ୍ୟୁ):ଦୁର୍ଘଟଣାରେ ଆହତ ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଂଚାୟତ ଇମାମନଗର ଗ୍ରାମର ବିଶିଷ୍ଟ କ୍ରୀଡାବିତ ନାରାୟଣ ପାଳ (୪୩)ଙ୍କ ଆଜି ପରଲୋକ ହୋଇଯାଇଛି । ସ୍ୱର୍ଗତ ପାଳ ଜାଗର ଦିନ କୌଣସି କାମରେ ଚଡେଇଧରା ଛକକୁ ଯାଇ ନିଜ ବାଇକରେ ଘରକୁ ଫେରୁଥିବା ବେଳେ ଗଡମଧୁପୁର ପଂଚାୟତ ଭୁବନପୁର ଛକରେ ଏକ ଅଜଣାଗାଡି ତାଙ୍କୁ ଧକ୍କାଦେଇଥିଲା । ଫଳରେ ସେ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତି କରିଥିଲେ । ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନନାନ୍ତର କରାଯାଇଥିଲା । ତେବେ ପରିବାର ଲୋକେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲରେ ଭର୍ତି କରି ଚିକିତ୍ସା କରାଇଥିଲେ । ସେଠାରେ ତାଙ୍କର ଚିକିତ୍ସା ଚାଲିଥିବା ବେଳେ ଆଜି ଦିନ ୧ଟା ସମୟରେ ତାଙ୍କର ପରଲୋକ ଘଟିଛି । ସେ ଜଣେ ଆମାୟିକ , ମିଷ୍ଟଭାଷି ବ୍ୟକ୍ତିଥିଲେ । ସେ ଉଚ୍ଚକୋଟର କ୍ରୀକେଟ ଖେଳାଳୀ ସହିତ କ୍ରୀକେଟ ଖେଳରେ ଜଣେ ଦକ୍ଷ ଅମ୍ପେଆର ଭାବେ ସମଗ୍ର ଅଂଚଳରେ ବେଶ ଜଣାଶୁଣାଥିଲେ । ତାଙ୍କର ମୃତ୍ୟୁରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ବିୟୋଗରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, କେଡିଏମ ତଥା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, କେଡିଏମ ଉପସଭାପତି ରଶ୍ମୀରଞ୍ଜନ ରାୟ, ଧର୍ମଶାଳା ପ୍ରେସ କ୍ଲବ ସଭାପତି ରମାକାନ୍ତ ଜେନା, ଗଙ୍ଗାଧରପୁର ପଂଚାୟତର ସରପଂଚ ତ୍ରିଲୋଚନ ଜେନା, ସାମାଜିକ କର୍ମୀ ଦେବବ୍ରତ ରାଉତ ଓ ଶୁଶିଲ କୁମାର ମହାନ୍ତି ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି ।

# ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ଉଦ୍‌ଘାଟିତ



ଜଗତସିଂହପୁର,(ସବ୍ୟୁ): କ୍ରୀଡା ପ୍ରତିଭାଙ୍କ ବିକାଶକୁ ଗୁରୁତ୍ୱଦେଇ ତୃଣମୂଳସ୍ତରରେ କ୍ରୀଡ଼ା ଭିତ୍ତିଭୂମି ମଜଭୁତ କରିବା ଉଦେଶ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଜୟପୁରରେ ସମନ୍ୱୀତ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଏବଂ ରାଜ୍ୟର ବିଭିନ୍ନ ଅଞ୍ଚଳରେ ୨୬ଟି ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ୍ ଆଭାସୀ ମାଧମରେ ଉଦଘାଟିତ ହୋଇଯାଇଛି । ଏହି କ୍ରମରେ ଜଗତସିଂହପୁର ଜିଲ୍ଲାର ଜଗତସିଂହପୁର ପୌରପାଳିକା ଅନ୍ତର୍ଗତ ସ୍ୱାମୀ ବିବେକାନନ୍ଦ ସ୍ମାରକୀ ସ୍ୱୟଂଶାସିତ ମହାବିଦ୍ୟାଳୟ ନିକଟରେ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ୍ ଉଦଘାଟିତ ହୋଇଯାଇଛି । ଆଭାସୀ ମାଧମରେ ଜଗତସିଂହପୁର ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ଏହି ଉଦଘାଟନୀ ଉତ୍ସବରେ ସରକାରୀ ମୁଖ୍ୟ ସଚେତକ ତଥା ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ଜଗତସିଂହପୁର ସାଂସଦ ରାଜଶ୍ରୀ ମଲ୍ଲିକ, ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ, ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ,ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ,ଜିଲ୍ଲା କ୍ରୀଡ଼ା ଅଧିକାରିଣୀଙ୍କ ସମେତ ବହୁ ସଂଖ୍ୟାରେ କ୍ରୀଡାବିତ ଯୋଗ ଦେଇ ଇନ୍‌ଡୋର ଷ୍ଟାଡିୟମ ଜିଲ୍ଲାରେ କ୍ରୀଡାର ସାମଗ୍ରୀକ ବିକାଶକୁ ତ୍ୱରାନ୍ୱିତ କରିବ ବୋଲି କହିଥିଲେ ।

# ଲୁହାପଥରର ମୂଲ୍ୟ ଓ ପରିମାଣ ଯୋଗୁ ପେଷି ହେଉଛି ଇସ୍ପାତ ଶିଳ୍ପ : ଫାଇଦା ମାରୁଛନ୍ତି ବାହାର ଶିଳ୍ପପତି

ବ୍ୟାସନଗର,(ଜିପ୍ର): ଇସ୍ପାତ ରାଜଧାନୀ କଳିଙ୍ଗନଗରରେ କିଛି ବଡ କାରଖାନାମାନଙ୍କୁ ଛାଡିଦେଲେ ଅନ୍ୟମାନଙ୍କ ଅବସ୍ଥା ଭଲ ନାହିଁ। କିଛି ବନ୍ଦ ହୋଇଯାଇଥିବା ବେଳେ କିଛି ଗଣ୍ଡେ ଖାଇ ଦଣ୍ଡେ ଜିଉଁଛନ୍ତି। ଇସ୍ପାତ ରାଜଧାନୀରେ କାରଖାନା ମାନଙ୍କ ଏଭଳି ଅବସ୍ଥା ରାଜ୍ୟ ସରକାରଙ୍କ ୧୦୦ମିଲିଅନ ଇସ୍ପାତ ଉତ୍ପାଦନ ସ୍ୱପ୍ନକୁ ଆଖିଠାର ଭଳି ଲାଗୁଛି। ପ୍ରକାଶ ଥାଉକି ରାଜ୍ୟ ସରକାରଙ୍କ ଏକକ ଖଣିଜ ବଣିକ ସଂସ୍ଥା ଓଡିଶା ଖଣି ନିଗମ ରାଜ୍ୟରେ ଗଢି ଉଠିଥିବା ଓ ନିଜସ୍ୱ ଲୁହାପଥର ଖଣି ନଥିବା ଇସ୍ପାତ ଶିଳ୍ପସଂସ୍ଥାଗୁଡିକୁ ଦୀର୍ଘ ମିଆଦୀ ସୂତ୍ରରେ ଆବଶ୍ୟକୀୟ ଲୁହାପଥର ଜାତୀୟ ଇ–ନିଲାମ ପ୍ରକ୍ରିୟାରେ ଯୋଗାଇ ଦେଇଥାଏ। କିନ୍ତୁ ଏହି ଇସ୍ପାତ ଶିଳ୍ପସଂସ୍ଥାଙ୍କ ଅଭିଯୋଗ କରିବା କଥା ହେଲା ଯେ ଓଡିଶା ଖଣି ନିଗମ କେତେ ବେଳେ ଲୁହାପଥରର ଅହେତୁକ ମୂଲ୍ୟ ବୃଦ୍ଧି କରୁଅଛି ଓ କେତେବେଳେ ଇ–ନିଲାମ ପ୍ରକ୍ରିୟାରେ ଲୁହାପଥର ପରିମାଣ ହ୍ରାସ କରୁଅଛି। ଯାହାଫଳରେ ଓଡିଶା ଖଣି ନିଗମ ଉପରେ ନିର୍ଭରଶୀଳ କାରାଖାନାଗୁଡିକର ଇସ୍ପାତ ଉତ୍ପାଦନରେ ସ୍ଥିରତା ଆସିପାରୁନାହିଁ। ଖବର ମୁତାବକ ଖଣି ନିଗମ ଜୁଲାଇ ୨୦୨୩ ମାସରେ ୯୦୦୦୦ ଟନ ଲୁହାପଥର ନିଲାମ ପାଇଁ ଡାକରା ଦେଇଥିଲା। ଏହି ନିଲାମରେ ପ୍ରାରମ୍ଭିକ ମୂଲ୍ୟ ଟନ ପିଛା ୫୨୦୦ ଧାର୍ଯ୍ୟ କରାଯାଇଥିଲା ଓ ଏହା ୫୩୦୦ ଟଙ୍କାରେ ଯାହାକି ୧୦୦ଟଙ୍କା ପ୍ରିମିୟମରେ ବିକ୍ରି ହୋଇଥିଲା। କିନ୍ତୁ ଖଣି ନିଗମ ଗତ ଫେବୃଆରୀ ମାସରେ ହୋଇଥିବା ନିଲାମରେ ଲୁହାପଥରର ପରିମାଣ ହ୍ରାସକରି ମାତ୍ର ୧୦୦୦୦ ଟନ ନିଲାମ ପାଇଁ ଡାକରା ଦେଇଥିଲା। ଯାହାଫଳରେ ଏକ ବଜାରରେ ଲୁହାପଥରର ଏକ କୃତ୍ରିମ ଅଭାବର ପରିସ୍ଥିତି ସୃଷ୍ଟି ହୋଇଥିଲା। ରାଜ୍ୟ ବାହାରର ଶିଳ୍ପସଂସ୍ଥାମାନେ ଏହି ନିଲାମ ପ୍ରକ୍ରିୟାରେ ଭାଗନେଉଥିବାରୁ ସେମାନେ କଳବଲ ହୋଇ ନିଜର ଆବଶ୍ୟକତାକୁ ମେଣ୍ଟାଇବା ପାଇଁ ମନଇଚ୍ଛା ଦରବୃଦ୍ଧି କରିବାରେ ଲାଗିଥିଲେ। ଏହି ନିଲାମରେ ପ୍ରାରମ୍ଭିକ ମୂଲ୍ୟ ଟନ ପିଛା ୫୧୦୦ ଧାର୍ଯ୍ୟ କରାଯାଇଥିଲେ ମଧ ଏହା ୧୭୦୦ ଟଙ୍କା ପ୍ରିମିୟମ ମୂଲ୍ୟ ଯାହାକି ଟନ ପିଛା ୬୮୦୦ ଟଙ୍କାରେ ବିକ୍ରି ହୋଇଥିଲା। ଖଣି ନିଗମ ସହିତ ଦୀର୍ଘ ମିଆଦି ସୂତ୍ରରେ ଯୋଡିହୋଇଥିବା ରାଜ୍ୟ ଭିତର କାରାଖାନାଗୁଡିକ ଏହି ପ୍ରିମିୟମ ମୂଲ୍ୟରେ ଲୁହାପଥର ଖରିଦ କରି କାରଖାନା ଚଳାଇବା କ୍ଷତିସାପେକ୍ଷ ହେଉଥିବାରୁ ବାଧହୋଇ ନିଲାମ ପ୍ରକ୍ରିୟାରୁ ଓହରିଯାଇ ଉତ୍ପାଦନ ବନ୍ଦ କରି ହାତବାନ୍ଧି ବସିଛନ୍ତି। ରାଜ୍ୟରେ ଗଢ଼ିଉଠିଥିବା ଇସ୍ପାତ ଶିଳ୍ପସଂସ୍ଥାଗୁଡିକ ଦାବି ଜଣାଇଅଛନ୍ତି ଯେ ଓଡିଶା ଖଣି ନିଗମ ୩ ମିଲିଅନ ଟନରୁ ୬ ମିଲିଅନ ଟନ ଲୁହାପଥର ଉତ୍ପାଦନ ପାଇଁ ପରିବେଶ ମଞ୍ଜୁରୀ ପ୍ରାପ୍ତ କରିଅଛି ଓ ଚଳିତ ମାର୍ଚ୍ଚ ମାସରେ ହେବାକୁ ଥିବା ନିଲାମ ପାଇଁ ପୂର୍ବ ଭଳି ୯୦୦୦୦ ଟନରୁ ଏକ ଲକ୍ଷ ଟନ ଲୁହାପଥର ବିକ୍ରୟ ପାଇଁ ଡାକରା ଦେବା ଉଚିତ। ଯାହାଫଳରେ ରାଜ୍ୟର ଇସ୍ପାତ କାରାଖାନାଗୁଡିକ ଆବଶ୍ୟକୀୟ ପରିମାଣର ଲୁହାପଥର ପାଇପାରିବେ ଅନ୍ୟଥା ଗୋଟିଏ ପରେ ଗୋଟିଏ ସଂସ୍ଥା ବନ୍ଦ ହେବ ଓ ରାଜ୍ୟ ସରକାର ଶ୍ରମିକ ଓ କର୍ମଚାରୀଙ୍କ ଜୀବନ ଜୀବିକା ପାଇଁ ଦାୟୀ ରହିବେ।

# ଯୁବ ବୈଜ୍ଞାନିକଙ୍କ ସ୍ମୃତିରେ ମଣ୍ଡପ ନିର୍ମାଣ

ମାହାଙ୍ଗା,(ସବ୍ୟୁ): ମାହାଙ୍ଗା ବ୍ଲକର ଭଦ୍ରେଶ୍ୱର ପଞ୍ଚାୟତ ଝାଡେଶ୍ୱରପୁର ଗ୍ରାମର ଯୁବ ବୈଜ୍ଞାନିକ ଡ. ଅଭିଲାଷ ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କର ପିତା ଡ. ଶରତ ଚନ୍ଦ୍ର ସାହୁ ସ୍ଥାନୀୟ ବଟମହାପୁରୁଷଙ୍କ ପୀଠରେ ଏକ ମଣ୍ଡପ ନିର୍ମାଣ କରିଛନ୍ତି । ଯାହାକୁ ନେଇ ସ୍ଥାନୀୟ ଅଂଚଳରେ ତାଙ୍କର ଏହି କାର୍ଯ୍ୟକୁ ସ୍ୱାଗତ କରାଯାଇଛି । ସୂଚନା ଯୋଗ୍ୟ ଯେ ଯୁବ ବୈଜ୍ଞାନିକ ଡ. ଅଭିଲାଷ ସାହୁ ମାତ୍ର ୩୨ ବର୍ଷ ବୟସରେ ପିଏଚ୍‌ଡି କରି ନିଜର ଦକ୍ଷତା ପ୍ରତିପାଦନ କରିପାରିଥିଲେ । ଗତ ୨୦୨୨ ମସିହା ଅକ୍ଟୋବର ୩୦ରେ ତାଙ୍କର ଅକାଳ ବିୟୋଗ ହୋଇଥିଲା । ପୁତ୍ରର ବିୟୋଗରେ ଭାଙ୍ଗି ନପଡି ପିତା ଡ. ସାହୁ ବଟ ମଣ୍ଡପ ସ୍ଥାପନ କରି ବଟ ମହାପୁରୁଷଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ ।

# ଇନ୍‌ଡୋରର ଷ୍ଟାଡିୟମ ଉଦ୍‌ଘାଟିତ

କେନ୍ଦ୍ରାପଡ଼ା,(ସବ୍ୟୁ):କେନ୍ଦ୍ରାପଡା ପୌରାଂଚଳ ୧ନଂ ୱାର୍ଡ ଅଧିନ ଶ୍ୟାମଗୁଡିଆ ଠାରେ ବହୁମୁଖୀ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ଉଦ୍ଘାଟିତ ହୋଇଯାଇଛି । ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧମରେ ଏହି ଷ୍ଟାଡିୟମ କୁ ବୁଧବାର ଅପରାହ୍ନରେ ଲୋକାର୍ପଣ କରିଥିଲେ । ରାଜ୍ୟର ଯୁବଶକ୍ତି କୁ ସଶକ୍ତ କରିବା ଓ କ୍ରୀଡା ଭିତିଭୂମିର ବିକାଶ କରିବା ସହ ଯୁବ ପ୍ରତିଭା ମଧ୍ୟରେ ଥିବା କ୍ରୀଡା ନୈପୁଣ୍ୟକୁ ଅଧିକ ଶକ୍ତିଶାଳୀ ଦକ୍ଷ କରିବା ପାଇଁ ଏହି ଷ୍ଟାଡିୟମ ଗୁଡିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ୫ଟି ଅଧକ୍ଷ ଭି. କାର୍ତିକେୟ ପାଣ୍ଡିଆନ ଏହି ଅବସରରେ ଉଦ୍‌ବୋଧନ ଦେଇ ଏହି ଇଣ୍ଡୋର ଷ୍ଟାଡିୟମ ଲୋକ ମାନଙ୍କର ସମ୍ପତି, ଏହାର ଯତ୍ନ ଓ ଦାୟିତ୍ୱ ନେବା ଲୋକ ମାନଙ୍କର କର୍ତବ୍ୟ ବୋଲି ସୂଚାଇ ଦେଇଥିଲେ । ଏ ଉପଲକ୍ଷେ ଷ୍ଟାଡିୟମ ପରିସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଧାୟକ ଶଶି ଭୂଷଣ ବେହେରା, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ, ପୌରାଧକ୍ଷା ସରିତା ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, କେନ୍ଦ୍ରାପଡା କ୍ରିକେଟ୍ ଆସୋସିଏସନ ସଂପାଦକ ଶୁଭାଶିଷ ସେନାପତିଙ୍କ ସମେତ ବହୁ କ୍ରୀଡାବିତ୍, କ୍ରୀଡା ସଂଗଠକ ଓ କ୍ରୀଡା ପ୍ରେମୀମାନେ ଉପସ୍ଥିତ ଥିଲେ ।

# ବହୁ ଉନ୍ନତିମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କଲେ ବିଧାୟକ



ନିଶ୍ଚିନ୍ତକୋଇଲି,(ସବ୍ୟୁ):ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ନଟକାଇ ପଞ୍ଚାୟତରେ ପୂର୍ବତନ ମନ୍ତ୍ରୀ ମାହାଙ୍ଗା ବିଧାୟକ ପ୍ରତାପ ଜେନା ବିଭିନ୍ନ ପ୍ରକଳ୍ପର ଶୁଭ ଉଦଘାଟନ କରିଛନ୍ତି। ସରପଞ୍ଚ ଜୟଦେବ ରାଉତଙ୍କ ନେତୃତ୍ୱରେ ଏକ ବିରାଟ ବାଇକ ଶୋଭାଯାତ୍ରା ରେ ବିଧାୟକ ଶ୍ରୀ ଜେନା ପ୍ରଥମେ ୧୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ନଟକାଇ କୃଷକ କଲ୍ୟାଣ ସମିତିର ନୂତନ ଗୃହକୁ ଉଦଘାଟନ କରିଥିଲେ । ପରେ ୭ଲକ୍ଷ ଟଙ୍କା ବ୍ୟୟରେ ମୁକୁନ୍ଦପୁର –୧ ଅଙ୍ଗନୱାଡ଼ି କେନ୍ଦ୍ର ଓ ୩ଲକ୍ଷ ୧୦ହଜାର ଟଙ୍କା ବ୍ୟୟରେ ବାସୁଦେବଜୀଉ କମ୍ୟୁନିଟ ସେଣ୍ଟରର ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ରୋଜି ସେଠୀ, ଉପାଧକ୍ଷ ଅଶୋକ କୁମାର ଓଝା,ଜିଲ୍ଲାପରିଷଦ ସଭ୍ୟ ବିପ୍ଳବ କାପ,ସମିତିସଭ୍ୟା ସରସ୍ୱତୀ ରାଉତ,ପଞ୍ଚାୟତ ବିଜେଡ଼ି ସଭାପତି କେଶବ ବିଶ୍ୱାଳ, ପ୍ରାକ୍ତନ ସମିତିସଭ୍ୟା ସୌଭାଗିନୀ ସେନାପତି, ସିଡ଼ିପିଓ ସତ୍ୟଭାମା ବିଶୋଇ ଙ୍କ ସମେତ ସୁପରଭାଇଜର, ଅଙ୍ଗନୱାଡ଼ି କର୍ମୀ ଏବଂ ବହୁ ଏସଏଚଜି ମହିଳା ଉପସ୍ଥିତ ହୋଇଥିଲେ । ସେହିପରି ବଡ଼କ୍ଷୀର ପଞ୍ଚାୟତର ସରପଞ୍ଚ ହିମାଂଶୁନାରାୟଣ ମଲ୍ଲଙ୍କ ପୌରହିତ୍ୟରେ ବସୁଧା ଯୋଜନାରେ ଘରେ ଘରେ ପାଇପଯୋଗେ ପାନୀୟଜଳ ଯୋଗାଇବା ପାଇଁ ୧କୋଟି ୮୪ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଦେଢ଼ଲକ୍ଷ ଲିଟର କ୍ଷମତାଧାରଣ ବିଶିଷ୍ଟ ପାଣି ଟାଙ୍କି କୁ ବିଧାୟକ ପ୍ରତାପ ଜେନା ଉଦ୍ଘାଟନ କରିଥିଲେ । ରମେଶ ଚନ୍ଦ୍ର ଜେନାଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ବିଜେଡ଼ି ସଭାପତି ରାମଚନ୍ଦ୍ର ସାହୁ,ବ୍ଲକ ବିଜେଡ଼ି ସଭାପତି ରମାକାନ୍ତ ମହାନ୍ତି,ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଜ୍ୟୋତିରଂଜନ ଦାସ, କନିଷ୍ଠ ଯନ୍ତ୍ରୀ ଚିନ୍ମୟ ବେହେରା, ସମିତିସଭ୍ୟ ପ୍ରଦୋଷ ସାହୁ,ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ବିନୋଦ ସାମଲଙ୍କ ସମେତ ବହୁ ବିଜେଡ଼ି ନେତୃବୃନ୍ଦ ଯୋଗ ଦେଇଥିଲେ । ସୁକରପଡ଼ା ପଞ୍ଚାୟତରେ ସରପଞ୍ଚ ମନୋଜ କୁମାର ମଲିକଙ୍କ ପୌରହିତ୍ୟରେ ବିଧାୟକ ଶ୍ରୀ ଜେନା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୨କୋଟି ୧୫ଲକ୍ଷ ଟଙ୍କା ଅନୁଦାନରେ ସୁକରପଡ଼ା–ପ୍ରହରାଜପୁର ରାସ୍ତାର ଏକ ପାଟନାଳୀ ଉପରେ ନିର୍ମାଣ ହେବାକୁ ଥିବା ସେତୁର ଶୁଭ ଶିଳାନ୍ୟାସ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ବିଜେଡ଼ି ଜୋନ୍ ସଭାପତି ଜ୍ୟୋତିପ୍ରକାଶ ସ୍ୱାଇଁ, ପୂର୍ବତନ ସରପଞ୍ଚ ମୃତ୍ୟୁଞ୍ଜୟ ସ୍ୱାଇଁ, ପ୍ରାକ୍ତନ ସମିତିସଭ୍ୟ କଲାମ ଖାଁ,ସମିତିସଭ୍ୟା ଅନ୍ନପୂର୍ଣ୍ଣା ମଲିକଙ୍କ ସମେତ ବହୁ ବିଜେଡ଼ି ନେତୃବୃନ୍ଦ ଯୋଗ ଦେଇଥିଲେ।

# ଗହୀରମଥାରୁ ଟ୍ରଲର ଜବତ, ୧୪ ମତ୍ସ୍ୟଜୀବୀ ଗିରଫ

ରାଜନଗର,(ସବ୍ୟୁ): ବିରଳ ଅଲିଭ ରିଡଲେ କଇଁଛଙ୍କ ଏକ୍ତିଶାଳ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ମଧ୍ୟରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନବିଭାଗ ପାଟ୍ରୋଲିଂ ଟିମ ମା'ସନ୍ତୋଷୀ–୩ ନାମକ ଟ୍ରଲର ଜବତ କରିବା ସହିତ ବାଲେଶ୍ୱର, ମୟୁରଭଞ୍ଜ ଓ ପଶ୍ଚିମବଙ୍ଗର ୧୪ଜଣ ମତ୍ସ୍ୟଜିବୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଆଜି ବନ ବିଭାଗ ପାଟ୍ରୋଲିଂ ଟିମ ଏସିଏଫ ମାନସ କୁମାର ଦାସଙ୍କ ନେତୃତ୍ୱରେ ପାଟ୍ରୋଲିଂ କରୁଥିବା ବେଳେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ କୂଳରୁ ୬ କିମି ଦୂରରେ ବେଆଇନ ଭାବେ ମାଛ ମାରୁଥିବା ଏହି ଟ୍ରଲରକୁ ଜବତ କରିବା ସହ ଟ୍ରଲରରେ ଥିବା ୩ଟି ଭିଏଚଏଫ ଦୁଇଟି ଜିପିଏସ ଗୋଟିଏ ଫିସ୍ ଫାଇଣ୍ଡର, ୪ଟି ଗିଲନେଟ ସହିତ ୭ କୁଇଂଟାଲ ୫୦ କେଜି ମାଛ ଜବତ କରିଛନ୍ତି । ବୋଟରେ ଥିବା ପଶ୍ଚିମବଙ୍ଗ ସାଉଥ୍ ଚବିଶପ୍ରଗଣା ଅଂଚଳର ବାସୁଦେବ ଦାସଙ୍କ ସହିତ ବାଲେଶ୍ୱର ଜିଲ୍ଲାର ପ୍ରଭାକର ମାଝି, ଯୁଗେନ୍ଦ୍ର ସିଂ, ସୁରେନ୍ଦ୍ର ସିଂ, ବାପି ମୁର୍ମୁ, ଲାଲ ମୋହନ ସିଂ, ସୋମନାଥ ସିଂ, ଶଙ୍କର ମାଇତି, ଭଦ୍ରକ ଅଂଚଳର ମୂରଲୀ ମଲ୍ଲିକ, ସଂଜୟ ମଲ୍ଲିକ, ମୋହନ ମଲ୍ଲିକ, ବଟକୃଷ୍ଣ ମଲ୍ଲିକ, ମୟୁରଭଞ୍ଜ ଅଂଚଳର ପାଇକ ସିଂ, ବିଦ୍ୟାଧର ହେମ୍ବ୍ରମ ପ୍ରମୁଖ ୧୪ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।

# ସାରଳାଦାସ ଗ୍ରାମ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ସରକାରୀ ମାନ୍ୟତା ମିଳିନି: ଭୋଟ ବର୍ଜନ ନିଷ୍ପତ୍ତି



ତିର୍ତ୍ତୋଲ,(ସବ୍ୟୁ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ତେନ୍ତୁଳିପଦା ସାରଳାଦାସ ସମାଧିପୀଠ ନିକଟରେ ସ୍ଥାନୀୟ ଜନସାଧାରଣଙ୍କ ପ୍ରଚେଷ୍ଟାରେ ସାରଳାଦାସ ଗ୍ରାମ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ଦୀର୍ଘ ୪୦ବର୍ଷ ହେଲା ନିରବିଚ୍ଛିନ୍ନ ଭାବେ ସ୍ଥାନୀୟ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଥିବାବେଳେ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ସରକାରୀ ମାନ୍ୟତା ମିଳିନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖାଯାଇଛି । ଏହାକୁ ନେଇ ଆଜି ପୂର୍ବାହ୍ନରେ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳନା କମିଟିର ସଭ୍ୟସଭ୍ୟା ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ତରଫରୁ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଧାରଣା ପ୍ରଦର୍ଶନ କରାଯାଇଥିଲା । ସରକାରୀ ମାନ୍ୟତା ନ ମିଳିଲେ ଆସନ୍ତା ବିଧାନସଭା ଓ ଲୋକସଭା ନିର୍ବାଚନକୁ ତେନ୍ତୁଳିପଦା ଓ ତରଜଙ୍ଗା ପଞ୍ଚାୟତ ଭୋଟରମାନେ ବର୍ଜନ କରିବେ ବୋଲି ନିଷ୍ପତ୍ତି କରିଛନ୍ତି । ଏସମ୍ପର୍କରେ ଜଗତସିଂହପୁର ଜିଲାପାଳଙ୍କୁ ମଧ ଚିଠି ଯୋଗେ ଅବଗତ କରାଯାଇଛି । ଏହି ଧାରଣା ପ୍ରଦର୍ଶନରେ ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳନା କମିଟି ସଭାପତି ତଥା ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ସୁରେଶ ଚନ୍ଦ୍ର ମହାନ୍ତି, ବିରଜା ପ୍ରସନ୍ନ ପରିଜା, ଚିତ୍ତରନ ପରିଜା, ଭାଗିରଥି ମହାନ୍ତି, ସାଧୁଚରଣ ମୁଦୁଲି, ସୂର୍ଯ୍ୟନାରାୟଣ ପରିଜା, କମଳାକାନ୍ତ ପରିଜା, ତେନ୍ତୁଳିପଦା ସରପଞ୍ଚ ସରୋଜିନୀ ପରିଜା, ରବୀନ୍ଦ୍ର ନାଥ ସିଂ, ନାରାୟଣ ପରିଜା, ତିଲକ ପରିଜା, ରାଘବାନନ୍ଦ ଦାସ, ଶ୍ରଦ୍ଧାଞ୍ଜଳୀ ଦାସ, ସୁଦର୍ଶନ ପଣ୍ଡା, ସୁରେନ୍ଦ୍ର ସାହୁ, ରବିନ୍ଦ୍ର ମହାନ୍ତି, ନୃସିଂହ ମାଣିକ, କଲ୍ୟାଣୀ ସେଠୀ, ଲୋଚନା ମଲ୍ଲିକ, ଅକ୍ଷୟ ମହାନ୍ତି, ଝୁନଲତା ପରିଜାଙ୍କ ସମେତର ବହୁ ସଂଖ୍ୟାରେ ମହିଳା ସ୍ଥାନୀୟ ଅଞ୍ଚଳର ଜନସାଧାରଣ ସାମିଲ ହୋଇ ତୁରନ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ସରକାରୀ ମାନ୍ୟତା ପ୍ରଦାନ ଦାବୀ କରିଥିଲେ । ସୂଚନାଯୋଗ୍ୟ ଯେ ସ୍ୱାସ୍ଥ୍ୟକେନ୍ଦ୍ରର ନିଜସ୍ୱ ପକ୍କା ଘର ସହ ଆନୁସଙ୍ଗିକ ବ୍ୟବସ୍ଥା ମଧ ରହିଛି । ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର, ନର୍ସ, ଫାର୍ମାସିଷ୍ଟ ଓ ପିଅନ ମଧ ନିଯୁକ୍ତ ଅଛନ୍ତି । ସ୍ଥାନୀୟ ଅଞ୍ଚଳର ବଦାନ୍ୟ ବ୍ୟକ୍ତିଙ୍କ ଆର୍ଥିକ ଅନୁଦାନରେ ଏମାନଙ୍କ ମାସିକ ଦରମା ଓ ଅନ୍ୟାନ୍ୟ ଆନୁସଙ୍ଗିକ ଖର୍ଚ୍ଚ ବହୁ କଷ୍ଟରେ ଭରଣା କରାଯାଇଥାଏ । ଔଷଧ କ୍ରୟ ପାଇଁ ରାଜ୍ୟ ସରକାର ଅନୁଦାନ ଯୋଗାଇ ଦେଇଥାନ୍ତି ଯାହାକି ସମୁଦ୍ରକୁ ଶଙ୍ଖେ । ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ତରଜଙ୍ଗା ଓ ତେନ୍ତୁଳିପଦାର ଦୁଇ ପଞ୍ଚାୟତର ତେନ୍ତୁଳିପଦା, ତେରତାଙ୍ଗ, ବାଲିପାଟଣା, ହାଜିପୁର, ପୂବପଡା, ବିଶେଶ୍ୱରପୁର, ବନ୍ଧମୁଣ୍ଡା, ମାଣତିରି, ଜିଙ୍ଗଲ, ବାଇଁଗୋଳ, ଦଣ୍ଡାସାହି, ରାମଜୀପାଟଣା, ଦଣ୍ଡମୀର, କାବଲପୁର, ସାଳଜଙ୍ଗା, କୋଟକଣା, ଖଣ୍ଡାସାହି, ଆହାଣା, କୂଳସାହି ସମେତ ୨୦ରୁ ଉର୍ଦ୍ଧ୍ୱ ଗ୍ରାମର ୧୦ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ନିର୍ଭର କରିଥାନ୍ତି । କରୋନା ସମୟରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ସ୍ୱାସ୍ଥ୍ୟସେବା ଯୋଗାଇ ଲୋକଙ୍କ ଜୀବନ ରକ୍ଷା କରିବାରେ ସହାୟକ ହୋଇଥିଲା । ସ୍ଥାନୀୟ ଅଞ୍ଚଳବାସୀଙ୍କ ତରଫରୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ସରକାରୀ ମାନ୍ୟତା ପ୍ରଦାନ କରିବା ପାଇଁ ସ୍ଥାନୀୟ ବିଧାୟକ, ସାଂସଦ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ ଏପର୍ଯ୍ୟନ୍ତ ସରକାରୀ ମାନ୍ୟତା ପ୍ରଦାନ ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ । ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ମଧ ଏହି ଗ୍ରାମ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିଦର୍ଶନରେ ଆସିବା ସହ ସରକାରୀ ମାନ୍ୟତା ପ୍ରଦାନ ପାଇଁ ସୁପାରିସ କରିଥିଲେ ମଧ ଏପର୍ଯ୍ୟନ୍ତ ସରକାରୀ ମାନ୍ୟତା ମିଳିପାରିନାହିଁ । ଗତ ଜୁନ ମାସ ୩୦ତାରିଖରେ ୫–ଟି ସଚିବ ଜିଲାଗସ୍ତରେ ଆସିଥିବବେଳେ ଝଙ୍କଡ ଶାରଳାପୀଠ ଠାରେ ସାରଳାଦାସ ଗ୍ରାମ୍ୟସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳନା କମିଟି ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ତରଫରୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ସରକାରୀ ମାନ୍ୟତା ପ୍ରଦାନ ପାଇଁ ଲିଖିତ ଦାବି ପତ୍ର ମଧ ପ୍ରଦାନ କରାଯାଇଥିଲା ।

# ଏନଏସି ଘୋଷଣା ପରେ ଆନନ୍ଦର ଲହରୀ : କୁଜଙ୍ଗରେ ରୋଶଣି

କୁଜଙ୍ଗ,(ସବ୍ୟୁ): ରାଜ୍ୟସରକାର କୁଜଙ୍ଗକୁ ଆଜି ଏନଏସି ଘୋଷଣା କରିବାପରେ ଆନନ୍ଦର ଲହରି ଖେଳିଯାଇଛି । ବାଜାବାଣ ରୋଷଣିରେ ଏହି ଅଂଚଳ ପ୍ରକମ୍ପିତ ହୋଇଛି । ବିଭିନ୍ନ ସ୍ତରର ବ୍ୟକ୍ତିବିଶେଷମାନେ ଏକ ଶୋଭାଯାତ୍ରାରେ କୁଜଙ୍ଗ ବଜାର ପରିକ୍ରମା କରିଥିଲେ । ପୂର୍ବତନ ସାଂସଦ ଡାକ୍ତର କୁଳମଣି ସାମଲ ମିଳିତ କ୍ରିୟାନୁଷ୍ଠାନ କମିଟିର ଆବାହକ ରଘୁନାଥ ସାହୁ, ଆଡଭୋକେଟ ହେମନ୍ତ ସାହୁ, ଓକିଲ ସଂଘର ପୂର୍ବତନ ସଭାପତି ଅମୃତ ଦାସ, ଆଜାଦହିନ୍ଦ ସାଂସ୍କୃତିକ ଅନୁଷ୍ଠାନର ସଭାପତି ଜୀବନାନନ୍ଦ ଅଧିକାରୀ, ଆଥେଲେଟିକ କ୍ଲବର ସଭାପତି ଏଏନଡି ଯାଦବ, ଓକିଲ ସଂଘର ସମ୍ପାଦକ ଦାମୋଦର ସ୍ୱାଇଁ, ଅରୁପ୍ରସାଦ ମହାନ୍ତି, ସାମ୍ବାଦିକ ରଂଜିତ ପଣ୍ଡା, ଗିରିଜା ପ୍ରସାଦ ମହାନ୍ତି, ନାରିନେତ୍ରୀ ଆଡଭୋକେଟ ପ୍ରିୟମ୍ବଦା ପାଣି, ବଣିକ ସଂଘର ସଭାପତି ନିରଜଂନ ସାହୁ, ରବିନ୍ଦ୍ର ନାଥ, ଆଲୋକ ସାହୁ, ବୃନ୍ଦାବନ ବାରିକ, ରଶ୍ମିରଂଜନ ଦାସ, ଦେବେନ୍ଦ୍ର ସାହୁ, ଶୈଳେନ୍ଦ୍ରନାଥ ସ୍ୱାଇଁ, ଶୁସାନ୍ତ କୁମାର ଦାସ, ଶୁସାନ୍ତ ସାମଲ, ଟିକନ ନାୟକ ସମେତ ଶତାଧିକ ବିଭିନ୍ନ ସ୍ତରର ବ୍ୟକ୍ତିବିଶେଷମାନେ ଏକ ଶୋଭାଯାତ୍ରାରେ ବଜାର ପରିକ୍ରମା କରିଥିଲେ । ରାଜ୍ୟସରକାର ଆମ ରାଜ୍ୟରେ ୩୫ଟି ଏନଏସି ଘୋଷଣା କରିବାପରେ କୁଜଙ୍ଗର ଭିତିଭୂମିଥାଇ ଏହା ଏନଏସିରୁ ବାଦ ପଡିଥିଲା । ଏଥିପାଇଁ ବିଭିନ୍ନ ମହଲରେ ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା । କୁଜଙ୍ଗ ବଜାର ବନ୍ଦ କରାଯାଇ ଏହାର ପ୍ରତିବାଦ କାରଯାଇଥିଲା । କୁଜଙ୍ଗ ଓକିଲ ସଂଘ, ୫ଟି ବଣିକ ସଂଘ, ଆଥଲେଟିକ କ୍ଲବ, ଆଜାଦହିନ୍ଦ ସାଂସ୍କୃତିକ ଅନୁଷ୍ଠାନ ସମେତ ବିଭିନ୍ନ ମହଲରେ ଏହି ବନ୍ଦରେ ସମସ୍ତେ ସାମିଲ ହୋଇଥିଲେ । ରାଜ୍ୟ ମୁଖ୍ୟମନ୍ତ୍ରୀ ଓ ୫–ଟି ସଚିବଙ୍କୁ ଦାବି ପତ୍ର ଦିଆଯାଇଥିଲା । କୁଜଙ୍ଗ ତହସିଲ ଦାରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଦାବିପତ୍ର ଦିଆଯାଇଥିଲା । ଗତ ଦୁଇଦିନତଳେ ଏକ ପ୍ରତିନିଧିଦଳ ଏ ସମ୍ପର୍କରେ ତଦନ୍ତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କୁଜଙ୍ଗ ଆସିଥିଲେ । କୁଜଙ୍ଗର ସମସ୍ତ ଦାବି ଗୁଡିକ ଯଥାର୍ଥ ବୋଲି ସେମାନେ ଉପଲବ୍ଧି କରିଥିଲେ । ଏହି ଏନଏସି ଘୋଷଣାରେ ଅନ୍ୟ ୪ଟି ପଂଚାୟତକୁ ସାମିଲ କରାଯାଇଛି । ବାଜାବାଣ ରୋଷଣିପରେ ମହାତ୍ମାଗାନ୍ଧି, ଇନ୍ଦିରା ଗାନ୍ଧି ଓ ବିଜୁ ପଟ୍ଟନାୟକଙ୍କ ପ୍ରତି ମୂର୍ତୀରେ ମାଲ୍ୟାର୍ପଣ କରାଯାଇଥିଲା । ପାରାଦ୍ୱିପ ବିଧାୟକ ସମ୍ବିତ ରାଉତରାୟ ଶୋଭାଯାତ୍ରା କାରି ମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ।